


ୟୁଏସ୍ ଓପନ୍ ବ୍ୟାଡମିଣ୍ଟନ: ତନ୍ୱୀଙ୍କ ବଡ଼ ବିପର୍ଯ୍ୟୟ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17







Vol. 33 | ISSUE 97 | ଭାଗ ୩୩ | ସଂଖ୍ୟା ୯୭ | Bhubaneswar |Saturday 28 June 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୨୮ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ପୁଲିସ, ପ୍ରଶାସନ ଫେଲ୍ ଚକେ ଗଡ଼ି ରହିଗଲେ ଚକାଆଖି

- ୮ ଦଶନ୍ଧିରେ ପ୍ରଥମ, ବଡ଼ଦାଣ୍ଡରେ ରହିଲେ ତିନି ଠାକୁର
- ସମନ୍ୱୟ ଓ ସମର୍ପଣର ଘୋର ଅଭାବ
- ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସତ୍ତ୍ୱେ ରଥଟଣା ବିଳମ୍ବିତ
- ମାର୍କେଟ ଛକରେ ଅଟକିଛି ତାଳଧ୍ୱଜ ରଥ
- ଶ୍ରୀନଅର ପାଖେ ପହଞ୍ଚିଛି ଦର୍ପଦଳନ



**ପୁରୀ,୨୭।୬(ସଂଚାର ବ୍ୟୁରୋ):** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଓ ସେବାୟତଙ୍କ ପୂର୍ଣ୍ଣ ସହଯୋଗ ସତ୍ତ୍ୱେ ଚଳିତ ବର୍ଷ ରଥଯାତ୍ରାରେ ଦେଖିବାକୁ ମିଳିଛି ବଡ଼ ବ୍ୟତିକ୍ରମ। ୧୯୪୬ ମସିହା ପରେ ପ୍ରଥମ ଥର ପାଇଁ ଗୋଟିଏ ହେଲେ ରଥ ଶରଧାବାଲିରେ ପହଞ୍ଚିପାରିନାହିଁ। ବାରମ୍ବାର ମୋଡ଼ ଖାଇବା ପରେ ମାର୍କେଟ ଛକ ନିକଟରେ ଅଟକିଛନ୍ତି ବଳଭଦ୍ର। ସେପଟେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଅଟକିଛି ଶ୍ରୀନଅର ପାଖରେ ଆଉ ବିଧି ରକ୍ଷା ପାଇଁ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଚକେ ଗଡ଼ି ସିଂହଦ୍ୱାର ସମ୍ମୁଖରେ ଅଟକି ରହିଛି। ତେବେ ପାଖାପାଖି ଆଠ ଦଶନ୍ଧି ପରେ ପ୍ରଥମ ଥର ପାଇଁ ତିନି ରଥ ବଡ଼ଦାଣ୍ଡରେ ରହିଥିବା ବେଳେ ଏନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହିପରି ପୁଲିସ୍ ଓ ସ୍ଥାନୀୟ ପ୍ରଶାସନ ସବୁ ଦିଗରୁ ଫେଲ୍ ମାରିଥିବା ଭକ୍ତମାନେ କହିଛନ୍ତି।

ଆଜି ପୂର୍ବାହ୍ନରୁ ମଙ୍ଗଳ ଆଳତି, ମଇଲମ, ଅବକାଶ, ସୂର୍ଯ୍ୟପୂଜା ଆଦି ଦୈନନ୍ଦିନ ରିତିନୀତି ପରେ ଶ୍ରୀଜିଉମାନେ ଖେଚୁଡ଼ି ଭୋଗ ଖାଇ ଧାଡ଼ି ପହଣ୍ଡିରେ ରତ୍ନ ସିଂହାସନରୁ ଓହ୍ଲାଇଥିଲେ। ପାଗ ଅନୁକୂଳ ଥିବାରୁ ବଡଦାଣ୍ଡରେ ଠାକୁରଙ୍କ ଦର୍ଶନ ପାଇଁ ଏକାଠି ହୋଇଥିଲେ ଲକ୍ଷ ଲକ୍ଷ ଭକ୍ତ। ଭାବରେ ଭିଜିଲେ ଭକ୍ତ ଓ ଭଗବାନ। ବଡ଼ଦାଣ୍ଡରେ, ବଡ଼ଠାକୁର ୯ ଦିନ ପାଇଁ ରତ୍ନବେଦୀକୁ ଛାଡ଼ି ଜନ୍ମବେଦୀକୁ ଯାତ୍ରା କରୁଛନ୍ତି। ବଡ଼ ଦାଣ୍ଡକୁ ଆସିଥିଲେ ଭକ୍ତଙ୍କୁ ଉଦ୍ଧାରିବା ପାଇଁ ଭକ୍ତଙ୍କ ଭାବକୁ ବୁଝିବା ପାଇଁ । ସେଇଥିପାଇଁ ତ ସକାଳୁ ସକାଳୁ ସଜ ହୋଇଥିଲା ଶ୍ରୀକ୍ଷେତ୍ର। ପ୍ରସ୍ତୁତ ହୋଇସାରିଥିଲା ବଡ଼ଦାଣ୍ଡରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଥିଲା ତିନି ରଥ। ଚାହିଁ ରହିଥିଲେ ଅଗଣତି ଭକ୍ତ। ମହୋଦଧି ନୁହେଁ ବଡ଼ଦାଣ୍ଡ ପାଲଟିଯାଇଛି ଜନସମୁଦ୍ର। ଭକ୍ତ ଓ ଭଗବାନର ମିଳନ ଦୃଶ୍ୟର ସାକ୍ଷୀ ରହିବାକୁ କାହିଁ କେତେଦିନୁ ଅପେକ୍ଷା କରିଥିଲେ ନର, ନାରୀ, କିନ୍ନର, ଗନ୍ଧର୍ବ ଦେବୀ ଓ ଦେବତା। ମର୍ତ୍ତ୍ୟଧାମରେ, ନୀଳକନ୍ଦରରେ, ନୀଳମାଧବ କଳାଚାନ୍ଦର ଏ ଯାତ୍ରାରେ ସାକ୍ଷୀ ରହିଥିଲେ ଚଉଦିଗ ଦଶପାଳ।

ନୀତି ନିର୍ଘଣ୍ଟରେ ସାମାନ୍ୟ ବିଳମ୍ବ ହୋଇଥିଲା। ତିନି ରଥ ପ୍ରତିଷ୍ଠା ନୀତି ସମ୍ପନ୍ନ ହେବା ପରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ତିନି ରଥରେ ସ୍ଥାପନା ହୋଇଥିଲା ଧ୍ୱଜା ଓ କଳସ। ଏହା ପରେ ପରେ ଆରମ୍ଭ ହୋଇଥିଲା ବିଶ୍ୱନିୟନ୍ତାଙ୍କ ଦିବ୍ୟ ପହଣ୍ଡି ନୀତି। ପ୍ରଥମେ ରତ୍ନବେଦୀରୁ ବଡ଼ଦାଣ୍ଡରେ ଦଣ୍ଡାୟମାନ ରଥ ଆଡ଼କୁ ୨୨ ପାହାଚ ଡେଇଁଆସିଥିଲେ ଚକ୍ରରାଜ ସୁଦର୍ଶନ। ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପହଣ୍ଡିର ଅପୂର୍ବ ଦୃଶ୍ୟ ଦେଖି ପୁଲକିତ ହୋଇଉଠିଥିଲେ ଭକ୍ତଗଣ। ପରେ ପରେ ଶ୍ରୀମସ୍ତକରେ ଟାହିଆ ପିନ୍ଧି ବଡ଼ଠାକୁର ଶ୍ରୀବଳଭଦ୍ର ଧାଡ଼ି ପହଣ୍ଡିରେ ତାଳଧ୍ୱଜ ରଥକୁ ବିଜେ କରୁଥିବାର ସୁନ୍ଦର ଦୃଶ୍ୟ ଥିଲା ବେଶ୍ ମନୋମୁଗ୍ଧକର।

ଦେବୀ ସୁଭଦ୍ରା ଧାଡ଼ି ପହଣ୍ଡିରେ ଦର୍ପଦଳନ ରଥକୁ ବିଜେ କରୁଥିବାର ମନୋଲୋଭା ଦୃଶ୍ୟ କିଏ ବା ଭୁଲିପାରିବ। ହଳଦୀମୁହଁ କାଳିଆ ଚାନ୍ଦର ଗେହ୍ଲା ଭଉଣୀ ସେବାୟତଙ୍କ ଦ୍ୱାରା ବଡ଼ ଦେଉଳରୁ ଆସିଥିଲେ ଦେବଦଳନ ବା ଦର୍ପଦଳନ ରଥକୁ। ଏହାପରେ ଝୁଲୁ ଝୁଲି ହଲି ହଲି ବାଙ୍କ ଚାହାଣୀ ଦେଇ ଏପଟ ସେପଟ ହୋଇ ଆଗକୁ ଆଗକୁ ଆସିଥିଲେ ଗଜପତିଙ୍କ ମଉଡ଼ମଣି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା, ଜଗତର ନାଥ ଶ୍ରୀଜଗନ୍ନାଥ। ଶ୍ରୀମସ୍ତକରେ ଟାହିଆ ପିନ୍ଧି ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଝୁଲି ଝୁଲି ଆସୁଥିବାର ଦୃଶ୍ୟ ଆଧ୍ୟାତ୍ମିକ ପରିବେଶକୁ କରିଥିଲା ଅଧିକ ଭାବବିହ୍ୱଳ। ନନ୍ଦରାଜାଙ୍କ ନଟଖଟିଆ ପୁଅ ଟାହିଆ ହଲେଇ ହଲେଇ ନନ୍ଦିଘୋଷ ରଥକୁ ବିଜେ କରୁଥିବାର ଚିତ୍ର ଦେଖି କିଏ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲା ତ ଆଉ କିଏ ଆଖିର ➪ପୃଷ୍ଠା-୬





## କାହିଁକି ଅଟକିଲା ରଥ ?

ଭାବ ଭକ୍ତିମୟ ପରିବେଶ ଭିତରେ ଉଛୁଳୁଥିଲା ବଡ଼ଦାଣ୍ଡ । ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ରଥାରୁଢ଼ ଠାକୁରଙ୍କୁ ଦର୍ଶନ କରିଥିଲେ। ସମସ୍ତଙ୍କ ଅପେକ୍ଷା ଥିଲା କେତେବେଳେ ନନ୍ଦିଘୋଷ ରଥ ଟାଣିବେ। କିନ୍ତୁ ଗୋଟିଏ ହେଲେ ରଥ ଶରଧାବାଲିରେ ପହଞ୍ଚିପାରିଲାନି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ କ୍ଷୋଭ ଓ ଆକ୍ରୋଶ କହିଲେ ନସରେ।

ନିର୍ଦ୍ଧାରିତ ସମୟଠୁ ସାମାନ୍ୟ ବିଳମ୍ବରେ ସମସ୍ତ ନୀତିକାନ୍ତି ଆରମ୍ଭ ହୋଇଥିଲେ ବି ପରବର୍ତ୍ତୀ ସମୟରେ ପହଣ୍ଡି ଓ ରଥଟଣା ନିର୍ଦ୍ଧାରିତ ସମୟରେ ହୋଇଥିଲା। ବାରମ୍ବାର ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ମୋଡ଼ ଖାଉଥିଲା। ଅବଶ୍ୟ ଏହା କିଛି ନୂଆ କଥା ନୁହେଁ, ଯେଉଁଥିପାଇଁ ରଥଯାତ୍ରାର ଆୟୋଜନ ଓ ରଥଟଣା ସମୟରେ ଅନୁଭବୀ ➪ପୃଷ୍ଠା-୬

## ଦଳାଚକଟାରେ ୬୦୦ରୁ ଅଧିକ ଆହତ

ଚଳିତ ବର୍ଷ ରଥଯାତ୍ରାରେ ଠେଲାପେଲା ଓ ଦଳଚକଟାରେ ୬୦୦ରୁ ଅଧିକ ଆହତ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଡାକ୍ତର ବିଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଅନୁକୂଳ ପାଗ ସତ୍ତ୍ୱେ ଭିଡ ନିୟନ୍ତ୍ରଣରେ ପୋଲିସ ଫେଲ ମାରିବାରୁ ଏତେ ସଂଖ୍ୟାରେ ଲୋକ ଅସୁସ୍ଥ ହୋଇଛନ୍ତି। କିଏ ଭିଡରେ ଚିପି ହୋଇ ଅଣନିଃଶ୍ୱାସୀ ହୋଇଗଲାଣି ତ କିଏ ପୁଲିସ ଲାଠିମାଡରେ ଆହତ ହୋଇଛି।



ଏଥିସହିତ ଦଳଚକଟା ଓ ଠେଲାପେଲାରେ ଶତାଧିକ ଆହତ ହୋଇଛନ୍ତି, ଯେଉଁଥିପାଇଁ ପୁରୀ ମେଡିକାଲରେ ଅସମ୍ଭାଳ ସ୍ଥିତି ସୃଷ୍ଟି ➪ପୃଷ୍ଠା-୬

## ଶେଷ ପର୍ଯ୍ୟନ୍ତ ଜଗିଥିଲେ ମୁଖ୍ୟମନ୍ତ୍ରୀ



ରଥଯାତ୍ରାର ଆୟୋଜନର ପୂରା ଦାୟିତ୍ୱ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କର। କିନ୍ତୁ ପ୍ରଶାସକଙ୍କ ହାମବଡା ନୀତି ଯୋଗୁଁ ଏଥର ରଥଯାତ୍ରାରେ ପ୍ରଥମ ଥର ପାଇଁ ଏତେ ବଡ ବିଘ୍ନ ଘଟିଛି। ସେ ମହାପ୍ରଭୁଙ୍କ ଇଚ୍ଛା କହି ନିଜ ମୁଣ୍ଡରୁ ଦୋଷ ଖସାଇଦେଲେ। ପ୍ରଥମ ଥର ପାଇଁ ବିନା ପରିଚାଳନା କମିଟିରେ ରଥଯାତ୍ରାର ଆୟୋଜନ ହୋଇଛି। ତେଣୁ ରଥଯାତ୍ରାରେ ହୋଇଥିବା ଅଘଟଣ ଓ ବିଘ୍ନ ପାଇଁ ଉତ୍ତରଦାୟୀ କିଏ ହେବେ ତାକୁ ନେଇ ପ୍ରଶ୍ନ ଉଠୁଛି। ସେହିଭଳି ଗତବର୍ଷ ରଥଯାତ୍ରାରେ ବଡ ଠାକୁର ପଡିଯାଇଥିଲେ। ସେ ସମୟରେ ବି ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ଥିଲେ ବରିଷ୍ଠ ଆଇଏଏସ ଅଫିସର ଅରବିନ୍ଦ ପାଢ଼ୀ। ଶ୍ରୀଜଗନ୍ନାଥ ସଂସ୍କୃତି ➪ପୃଷ୍ଠା-୬

## ଆଜି ସକାଳ ସାଢ଼େ ୯ଟାରୁ ରଥଟଣା



ରଥଟଣା ବିଳମ୍ବ ଏବଂ ବାରମ୍ବାର ତାଳଧ୍ୱଜ ରଥ ମୋଡ ଖାଇବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ସେ ମୁଖ୍ୟ ପ୍ରଶାସକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ତେବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ରଥ ମୋଡ ନେବା କିଛି ନୂଆ କଥା ନୁହେଁ। ପୂର୍ବରୁ ମଧ୍ୟ ଏହା ହୋଇଛି। ଏପରିକି ପୂର୍ବରୁ ମଧ୍ୟ ବିଭିନ୍ନ ସମୟରେ ବଡଦାଣ୍ଡରେ ରଥ ଅଟକିଛି। ଏବର୍ଷ ଆଶାଠାରୁ ଢେର ଅଧିକ ➪ପୃଷ୍ଠା-୬

### ଚୀନ୍‌କୁ ଚେତାଇଲେ ରାଜନାଥ

## ଉତ୍ତେଜନା ଏଡ଼ାଇବା ଦିଗରେ ପଦକ୍ଷେପ ନିଅ



**ବେଜିଂ,୨୭।୬:** ବିଗତ ଦିନରେ ଚୀନ୍ ଓ ଭାରତ ମଧ୍ୟରେ ଏକାଧିକ ପ୍ରସଙ୍ଗରେ ନକାରାତ୍ମକ ସମ୍ପର୍କ ସାମ୍ନାକୁ ଆସିଥିବା ବେଳେ ଆଗାମୀ ଦିନରେ ଏହି ଦେଶ ଭାରତ ସହ ତା'ର ସମ୍ପର୍କରେ ସୁଧାର ଆଣିବା ସହ କୌଣସି ପ୍ରକାର ଉତ୍ତେଜନା ଏଡ଼ାଇବା ଦିଗରେ ପଦକ୍ଷେପ ନେବାକୁ ଚେତାଇଦେଇଛନ୍ତି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଚୀନ୍‌ର କ୍ୱିଣ୍ଡାଓଠାରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ରାଜନାଥ ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରୀ ଡଙ୍ଗ ଜୁନ୍‌ଙ୍କୁ ଭେଟିଥିଲେ। ଏହି ବୈଠକରେ ରାଜନାଥ ଚୀନକୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ ଉଭୟ ଦେଶ କୌଣସି ନୂଆ ଉତ୍ତେଜନାକୁ ଏଡ଼ାଇବା ଉଚିତ ଏବଂ ସୀମାରେ ଶାନ୍ତି ବଜାୟ ରଖିବାର ଯଥେଷ୍ଟ ଆବଶ୍ୟକତା ରହିଛି। ବୈଠକ ସମୟରେ କୈଳାସ ମାନସରୋବର ଯାତ୍ରା ସମ୍ପର୍କରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଯାତ୍ରା ଗତ ୬ ବର୍ଷ ଧରି ସ୍ଥଗିତ ରହିଥିଲା। ରାଜନାଥ ସିଂହ ତାଙ୍କ ପୋଷ୍ଟରେ କହିଛନ୍ତି ଯେ ଖୁବ୍‌ଶୀଘ୍ର ଏବେ ଏହି ଯାତ୍ରା ପୁଣି ଥରେ ଆରମ୍ଭ ହେବାକୁ ଯାଉଛି।

- ଖୁବ୍‌ଶୀଘ୍ର ଆରମ୍ଭ ହେବ କୈଳାସ ମାନସରୋବର ଯାତ୍ରା

କୋଭିଡ-୧୯ ମହାମାରୀ ଯୋଗୁ ଏହି ଯାତ୍ରା ପ୍ରଥମେ ଗତ ୨୦୨୦ରେ ବନ୍ଦ ହୋଇଥିଲା। କିନ୍ତୁ ପରେ ଲଦାଖର ଗାଲଭାନ ଉପତ୍ୟକାରେ ଭାରତ-ଚୀନ୍ ସେନାର ଯବାମାନେ ମୁହାଁମୁହିଁ ହେବା ଫଳରେ ଏହି ଯାତ୍ରା ଆଉ ଆରମ୍ଭ ହୋଇପାରି ନ ଥିଲା। ତେବେ ଭାରତ ଓ ଚୀନ୍ ମଧ୍ୟରେ ଚାଲିଥିବା ସୀମା ବିବାଦରେ ବିଶେଷ କୌଣସି ଉନ୍ନତି ଆସିନଥିବା ବେଳେ ରାଜନାଥଙ୍କ ସଦ୍ୟ ଚେତାବନୀ ଏ ଦିଗରେ ସହାୟକ ହେବା ଆଶା ରହିଛି। ସେହିପରି ରାଜନାଥ ଓ ଚୀନ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ➪ପୃଷ୍ଠା-୬

## ଖୁବ୍‌ଶୀଘ୍ର ଆରମ୍ଭ ହେବ '୧୦୯' ଶବବାହନ ସେବା

**ଭୁବନେଶ୍ୱର,୨୭।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ମାଗଣା '୧୦୯' ଶବବାହନ ସେବା ଆରମ୍ଭ କରାଯିବ। ଏନେଇ ସ୍ୱାସ୍ଥ୍ୟ ସଚିବ ଅଶ୍ୱତି ଏସ.ଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ୨ରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ଚୂଡ଼ାନ୍ତ ରୂପରେଖ ସଂକ୍ରାନ୍ତ ନିଷ୍ପତ୍ତି ନିଆଯିବ। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ସ୍ମିତା ବିଶ୍ୱାଳ ଗତ ୨୪ ତାରିଖରେ ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅର୍ଥ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଉକ୍ତ ପତ୍ରରେ ସେ ଦର୍ଶାଇଛନ୍ତି ଯେ ବିଭାଗ ପକ୍ଷରୁ ମାଗଣା ➪ପୃଷ୍ଠା-୬

## ମହାପ୍ରଭୁଙ୍କ ଲୀଳା ଅପାର: ଧର୍ମେନ୍ଦ୍ର



- ବଡ଼ଦାଣ୍ଡରେ ଶ୍ରୀଜୀଉଙ୍କ ଦର୍ଶନ ସୌଭାଗ୍ୟର କଥା
- ରାଜ୍ୟ ସରକାରଙ୍କ ରଥଯାତ୍ରା ପ୍ରସ୍ତୁତିକୁ ପ୍ରଶଂସା
- 'ଶ୍ରୀଜଗନ୍ନାଥ ମନ୍ଦିର ସତ୍ୱଲିପି'ର ଲୋକାର୍ପଣ କଲେ
- ଶଙ୍କରାଚାର୍ଯ୍ୟ ଓ ରାମାନନ୍ଦଚାର୍ଯ୍ୟଙ୍କ ଆଶୀର୍ବାଦ ନେଲେ
- 'ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର' ବୁଲି ଦେଖିଲେ

**ପୁରୀ,୨୭।୬(ସଂଚାର ବ୍ୟୁରୋ):** ଶ୍ରୀକ୍ଷେତ୍ର ପୁରୀରେ ପବିତ୍ର ରଥଯାତ୍ରାରେ ସାମିଲ ହୋଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭକ୍ତମାନଙ୍କ ସହ ରଥାରୂଢ଼ ଚତୁର୍ଦ୍ଧାମୂରତିଙ୍କ ଦର୍ଶନ କରିଛନ୍ତି। ସମଗ୍ର ରାଜ୍ୟବାସୀଙ୍କୁ ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ପବିତ୍ର ଦିନ। ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର ରକ୍ଷାକର୍ତ୍ତା। ତାଙ୍କ ଲୀଳା ଅପାର। ଜାତି, ଧର୍ମ, ବର୍ଣ୍ଣ, ବିଶ୍ୱାସ ନିର୍ବିଶେଷରେ ସେ ସମସ୍ତଙ୍କ ନାଥ। ଆଜି ବଡ଼ଦାଣ୍ଡରେ ରଥାରୂଢ଼ ଶ୍ରୀଜିଉଙ୍କ ଦର୍ଶନ କରିବା ମୋର ସୌଭାଗ୍ୟ। ସବୁ ଭକ୍ତ ଆନନ୍ଦ ଓ ଉତ୍ସାହର ସହ ଆଧ୍ୟାତ୍ମିକ ବାତାବରଣରେ ରଥ ଟାଣିଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏଥିସହ ରଥଯାତ୍ରାକୁ ବ୍ୟବସ୍ଥିତ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

ରଥଯାତ୍ରା ଅବସରରେ ଶ୍ରୀ ପ୍ରଧାନ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ➪ପୃଷ୍ଠା-୬



### କାନ ଡେରିଥା

ନାନା ବେଶଧାରୀ ପୁରୀ ବଡ଼ଦାଣ୍ଡେ
ଜଗାକୁ ଦର୍ଶନ କଲେ
ମାନସିକ ଧାରୀ ମୁହେଁ ରଙ୍ଗ ବୋଳି
ପ୍ରଭୁଙ୍କୁ ପ୍ରସନ୍ନ କଲେ
ରଥ ଆଗରେ ଚାଲିଲେ...
ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦରଶନ କରି
ଭକ୍ତ ବିମୋହିତ ହେଲେ ।

■ ଦେବାଶିଷ

## ୩ରେ ଫେରିବେ ନବୀନ, ମହାର୍ୟାଲି ପାଇଁ ଆୟୋଜନ

- ପତିଆରା ଲଢ଼େଇ ପାଇଁ ସଜବାଜ
- ମାମଲତକାର ସକ୍ରିୟ

**ଭୁବନେଶ୍ୱର,୨୭।୬(ସଂଚାର ବ୍ୟୁରୋ):** ମୁମ୍ବାଇରେ ଚିକିତ୍ସିତ ହେଉଥିବା ବିଜେଡି ସଭାପତି ନବୀନ ପଟ୍ଟନାୟକ ଦ୍ରୁତ ଆରୋଗ୍ୟ ଲାଭ କରୁଥିବାବେଳେ ଆସନ୍ତା ୩ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା ନେଇ ସୂଚନା ମିଳୁଛି । ନବୀନ ସୁସ୍ଥ ହୋଇ ଫେରିବା ସମୟରେ ତାଙ୍କୁ ଏକ ବିଶାଳ ରାଲିରେ ପାଛୋଟି ଆଣିବା ପାଇଁ ବିଜେଡି ଶିବିରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ମଉକାରେ ପତିଆରା ଲଢ଼େଇ ପାଇଁ ବିଜେଡିର ବିଭିନ୍ନ ଗୋଷ୍ଠୀ ସକ୍ରିୟ ସଜବାଜ ଚଳାଇଥିବା ବେଳେ ମାମଲତକାରମାନେ ବି ସକ୍ରିୟ ହୋଇଉଠିଛନ୍ତି।

ଚଳିତ ମାସ ୨୦ ତାରିଖରେ ନବୀନ ପଟ୍ଟନାୟକ ମୁମ୍ବାଇ ଯାଇ ସେଠାକାର କୋକିଲାବେନ ଧିରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ସଫଳ ଅସ୍ତ୍ରୋପଚାର ପରେ ସେ ଦ୍ରୁତ ଆରୋଗ୍ୟ ଲାଭ କରୁଥିବା ତାଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ ସୂଚନା ଦେଇଥିଲେ। ଏହାପରେ ରଥଯାତ୍ରାକୁ ନେଇ ନବୀନ ଦୁଇ ଦୁଇଟି ଭିଡିଓ ଜାରି କରିଛନ୍ତି।

ନବୀନ କେତେଶୀଘ୍ର ଆରୋଗ୍ୟଲାଭ କରି ଓଡ଼ିଶା ଫେରିବେ ତାହାକୁ ବିଜେଡି କର୍ମୀ, ନେତାଙ୍କ ସମେତ ସାଧାରଣ ଜନତା ଚାହିଁବସିଛନ୍ତି।

ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଜୁଲାଇ ୩ତାରିଖରେ ନବୀନ ମୁମ୍ବାଇରୁ ଓଡ଼ିଶା ଫେରିବେ। ନବୀନଙ୍କ ମୁମ୍ବାଇ ଫେରିବାକୁ ସ୍ମରଣୀୟ କରିବା ପାଇଁ ବିଜେଡିର ମାମଲତକାରମାନେ ଏବେଠାରୁ ଲାଗିପଡ଼ିଛନ୍ତି। ବିମାନବନ୍ଦରରୁ ନବୀନ ନିବାସ ପର୍ଯ୍ୟନ୍ତ ଲୋକ ଠୁଳ କରିବା ପାଇଁ ଯୋଜନା ହେଉଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ବିଜେଡି କର୍ମୀମାନଙ୍କୁ ଆଣିବା ପାଇଁ ବି ପ୍ରସ୍ତୁତି ଚାଲିଛି। ଏଥିପାଇଁ ଦଳୀୟ ବିଧାୟକଙ୍କ ସମେତ ଜିଲ୍ଲା ସଭାପତି ଓ ଦଳରେ ବିଭିନ୍ନ ପଦପଦବୀରେ ଥିବା ନେତାମାନଙ୍କୁ କୁହାଯାଇଛି।



ନବୀନ ସୁସ୍ଥ ହୋଇ ଫେରିବା ସମୟରେ ନିଜ ନିଜର ପତିଆରା ପ୍ରଦର୍ଶନ ପାଇଁ ବି ବିଜେଡି ନେତାମାନେ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି। ବିଶେଷକରି ଯେଉଁମାନେ ନବୀନଙ୍କୁ ଦେଖିବା ପାଇଁ ମୁମ୍ବାଇ ଯାଇ ବିନା ଦର୍ଶନରେ ହୋଟେଲରେ ରହି ଓଡ଼ିଶା ଫେରିଛନ୍ତି, ସେମାନେ ନବୀନ ଫେରିବା ଦିନ ତାଙ୍କ ସହ କିଭଳି ଫଟୋଟିଏ ଉଠାଇ ଛାଡ଼ିବେ ସେଥିପାଇଁ ଲାଗିପଡ଼ିଛନ୍ତି। ଏହା ନହେଲେ ସେମାନଙ୍କ ମୁମ୍ବାଇ ଗସ୍ତକୁ ନେଇ ଯେଉଁ ଅପପ୍ରଚାର ଚାଲିଛି, ତାହା ଅଧିକ ଘନୀଭୂତ ହୋଇ କ୍ଷତି କରିବ ବୋଲି ନେତାଙ୍କ ଚେଲାଚାମୁଣ୍ଡାମାନେ କହିବୁଲୁଛନ୍ତି।

ଏଭଳି ପତିଆରା ଲଢ଼େଇ ପ୍ରତିଯୋଗିତା ସହ ଦଳରେ କୋଣଠେସା ହୋଇଥିବା କିଛି ମାମଲତକାର ବିଶେଷକରି ଗତ ନିର୍ବାଚନରେ ହାକିମାତି ଦେଖାଇ ଚିତ୍‌ପଟାଙ୍ଗ ମାରିଥିବା ନେତାମାନେ ନବୀନଙ୍କୁ ପାଛୋଟିବାକୁ ସ୍ୱତନ୍ତ୍ର ଉଦ୍ୟମ ଚଳାଇଛନ୍ତି। ଉପରେ ପଡ଼ି ନିଜ ନିଜ ଅଞ୍ଚଳରୁ ଲୋକ ଆଣିବାକୁ କହିଛନ୍ତି। ତେବେ ଦଳରେ ଚାଲିଥିବା ଆନ୍ତଃକନ୍ଦଳ ଯୋଗୁଁ ଏହି ➪ପୃଷ୍ଠା-୬

## ଦୁର୍ଘଟଣାରେ ତିନି ଭାଇ ମୃତ

### ପିତାମାତାଙ୍କ କୋଳଶୂନ୍ୟ

**ନବରଙ୍ଗପୁର,୨୭।୬(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣାରେ ତିନି ସମ୍ପର୍କୀୟ ଭାଇଙ୍କର ମୃତ୍ୟୁ ହୋଇଛି। ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅନ୍ତର୍ଗତ ଝରିଗାଁ-ଡ଼ାବୁଗାଁ ମୁଖ୍ୟ ରାସ୍ତାରେ ଘଟିଛି ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ୩ ମୃତକଙ୍କ ବୟସ ୧୮ରୁ ୨୧ ବର୍ଷ ମଧରେ ରହିଥିବା ବେଳେ ତିନି ଜଣଙ୍କ ମୃତ୍ୟୁ ପରେ ସେମାନଙ୍କ ପିତାମାତାଙ୍କ କୋଳ ଖାଲି ହୋଇଯାଇଛି। କାରଣ ତିନିହେଁ ସେମାନଙ୍କ ପିତାମାତାଙ୍କ ଏକମାତ୍ର ସନ୍ତାନ ଥିଲେ। ମିଳିଥିବା ସୂଚନାନୁସାରେ, ଝରିଗାଁ ସିରାଗୁଡ଼ା ସାହିର ଚମ୍ପକ ଲାଲ ଜୈନଙ୍କ ପୁଅ ସାଗର ଜୈନ (୨୧), ସ୍ୱର୍ଗତଃ ମହାବୀର ଜୈନଙ୍କ ପୁଅ ଅଙ୍କୁର ଜୈନ (୩୦) ଓ ମନମୋହନ ଜୈନଙ୍କ ପୁଅ କ୍ରିସ ଜୈନ (୧୮) ତିନି ସମ୍ପର୍କୀୟ ଭାଇ ହୋଇଥିବା ବେଳେ ସେମାନେ ଆଜି ସନ୍ଧ୍ୟାରେ ➪ପୃଷ୍ଠା-୬

# ତୁଳସୀକ୍ଷେତ୍ରରେ ଗଡ଼ିଲା ବ୍ରହ୍ମତାଳଧ୍ୱଜ ରଥ

## ସିଦ୍ଧ ବଳଦେବଜୀଉଙ୍କ ଦର୍ଶନ କଲେ ହଜାର ହଜାର ଭକ୍ତ

## ହୁଳହୁଳୀରେ ପ୍ରକମ୍ପିତ ହେଲା ଇଚ୍ଛାପୁର ବଡ଼ଦାଣ୍ଡ



**କେନ୍ଦ୍ରାପଡ଼ା,୨୭।୬ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ର କେନ୍ଦ୍ରପଡ଼ାରେ ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ରଥଯାତ୍ରା ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜିଉମାନେ ରଥକୁ ଆସିବା ପୂର୍ବରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନୀତିକାନ୍ତି ଶେଷ ହେବା ସହ ଶ୍ରୀଗୁଣ୍ଡିଚାରେ, ଅର୍ଥାତ ଅଜି ରଥଟଣା ସମ୍ପାଦନ ବହୁ ଆଡମ୍ବର ସହକାରେ ହୋଇପାରିଛି।

ଚଳିତ ବର୍ଷ ଦିନକୁ ପୂର୍ବରୁ ନେତ୍ରୋତ୍ସବ, ନବଯୌବନ ଦର୍ଶନ ସମାପନ ହୋଇଯାଇ ଥିବାରୁ ଆଜି ସମସ୍ତ ସେବା କାର୍ଯ୍ୟ ସମୟ ଅନୁସାରେ ସମାପନ ହୋଇଥିଲା । ନୀତିକାଞ୍ଚି ଶେଷ ହେବାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ତଥାପି ମନ୍ଦିର ପ୍ରଶାସନ ଆଜି ସାଢ଼େ ୫ଟାବେଳେ ରଥ ଗଣିବାକୁ ସମୟ ଧାର୍ଯ୍ୟ କରିଥିଲା ବେଳେ ଆଜି ୫ ଟା ୪୩ରେ ଆରମ୍ଭ ହୋଇଥିଲା । ପରମ୍ପରା ଅନୁସାରେ ଗୋଟିଏ ଦଉଡ଼ି ହେଉ ପଛକେ ଟଣାଯିବାର ଯୋଜନା ରହିଥିବା ବେଳେ ଆଜି ତାହାଠୁ ଅଧିକ ଅତିକ୍ରମ କରିଥିବା ଦେଖିବାକୁ ମିଳିଥିଲା। ପହଣ୍ଡି ସରିଲା ବେଳକୁ ଆଜି ୫ଟା ୨୦ ହୋଇଥିଲା । ରଥରେ ଘୋଡ଼ା ଯଚା ହେବାବେଳକୁ ସାଢ଼େ ୫ଟା ୩୦ ଟପିଯାଇଥିଲା। ଏହା ପରେ ସୂର୍ଯ୍ୟାସ୍ତ ସମୟ ୬ଟା ୩୫ ମିନିଟ୍ ଥିଲା। ସମୟ ଗଡ଼ିଯିବା ଅର୍ଥାତ ସୂର୍ଯ୍ୟାସ୍ତ ହୋଇଯିବା କାରଣରୁ ରାତିରେ ରଥଟଣା ହେବାର ବିଷ୍ଟୁ ନ ଥିବାରୁ ଆଜି ପାଇଁ ରଥ ଟଣା ବନ୍ଦ ରହିଥିଲା।

ପ୍ରଚଳିତ ପରମ୍ପରା ଅନୁଯାୟୀ, ଶ୍ରୀକ୍ଷେତ୍ରରେ ପ୍ରଥମ ଦିନ ରଥ ଟାଣିବା ପରେ ତା' ପରଦିନ ତୁଳସୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଅଗ୍ରଜ ଶ୍ରୀବଳଦେବଜିଉଙ୍କ ରଥ ଟାଣିଲେ ମୋକ୍ଷପ୍ରାପ୍ତି ହୋଇଥାଏ। ତେଣୁ ଏଠାରେ କେବଳ ଦୁଇ ଦଉଡ଼ି ରଥ ଟଣାଯାଇ ତା' ଆରଦିନକୁ ରହିଥାଏ। ତେଣୁ ଆସନ୍ତାକାଲି ଅପରାହ୍ନ ୨ଟାରୁ ରଥଟଣା ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ପ୍ରଶାସନ ପକ୍ଷରୁ ଜିଲ୍ଲାପଳ ସ୍ମୃତି ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଏସ୍‌ଡିପିଓ ଜ୍ୟୋତିରଂଜନ ଗୌଡ଼, ଟାଉନ୍ ଆଇଆଇସି ଦିଲ୍ଲୀପ ସାହୁ, ସଦର ଆଇଆଇସି ସୁଧାଂଶୁ ସାହୁ , ମନ୍ଦିର ଟ୍ରଷ୍ଟବୋର୍ଡର ବରିଷ୍ଠ ସଦସ୍ୟ ବଳରାମ ସୁଆର, ରଞ୍ଜନ ପୃଷ୍ଟି, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ,ବିଜେପି ନେତା ଭୁବନ ମୋହନ ଜେନା,ପୂର୍ବତନ କାଉନ୍‌ସିଲର ହିରଣ୍ୟ ପଣ୍ଡା, ରାଜେଶ ପଣ୍ଡା, ଶିବପ୍ରସାଦ ଭଳ, ଧିରେନ୍ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# କେରେଡାଗଡ଼ରେ ହଜାର ହଜାର ଭକ୍ତଙ୍କ ସମାଗମ



**ରାଜନଗର,୨୭।୬ (ସଂଚାର ବ୍ୟୁରୋ):** ପୁରାଣ ପ୍ରସିଦ୍ଧ କେରେଡାଗଡ଼ ଶ୍ରୀଜଗନ୍ନାଥ ଜୀଉଙ୍କ ପବିତ୍ର ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଆଜି ଶେଷ ହୋଇଛି। କେରେଡାଗଡ଼ର ରଥଦାଣ୍ଡରେ ରଥ ଉପରେ ଶ୍ରୀଜଗନ୍ନାଥ ଜୀଉ ଭକ୍ତଙ୍କୁ ଦର୍ଶନ ଦେବାବେଳେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଭକ୍ତି ଭାବନା, ଭାବ ବିହ୍ୱଳ ସହିତ ହରିବୋଲ ହୁଳହୁଳି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ଭିତରେ ଶ୍ରୀଜଗନ୍ନାଥଙ୍କ ରଥକୁ ଭକ୍ତମାନେ ଆନନ୍ଦ ଉଲ୍ଲାସ ଓ ଉତ୍ସାହ ମଧ୍ୟରେ ଟାଣିବା ସମୟରେ ସବୁରି କଣ୍ଠରେ ଜୟ ଜଗନ୍ନାଥ ଧ୍ୱନୀରେ ବଡଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଝିପି ଝିପି ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରାଜନଗର ସମେତ ମହାକାଳପଡା, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ପକ୍ଷରୁ ଭକ୍ତ ମାନଙ୍କ ସମାଗମ ହୋଇଥିଲା।

ଆଜି ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମହାସ୍ନାନ, ବାଲ୍ୟଧୂପ, ଖେଚେଡ଼ି ଧୂପ, ନୀତି ପରେ ୩ଟା ସମୟରେ ଶ୍ରୀଜୀଉଙ୍କ ବିଗ୍ରହଙ୍କୁ ଘଂଟ ଧ୍ୱନୀ ମଧ୍ୟରେ ପହଣ୍ଡି ବିଜେ କରାଯାଇଥିଲା। କନିକା ଯୁବରାଜ ଧାନେନ୍ଦ୍ର ନାରାୟଣ ଭଂଜଦେଓ ପରମ୍ପରା ଅନୁଯାୟୀ ଛେରା ପହଁରା ନୀତି ଶେଷ କରିଥିଲେ। ଅପରାହ୍ନ ୫ଟା ବେଳେ ରଥଟଣା ଆରମ୍ଭ ହୋଇଥିଲା। ସଂଧ୍ୟା ୭ଟା ସମୟରେ ମହାପ୍ରଭୁ ମାଉସୀମା ମନ୍ଦିର ନିକଟରେ ପହଁଚି ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ, ଆଇଆଇସି ନରେଶ କୁମାର ସାହୁ ଙ୍କ ସମେତ ପୁଲିସ ଅଧିକାରୀ ମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

ସେହିପରି ରାଜନଗରସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି। ସଂଧ୍ୟାରେ ମାଉସୀମା ମନ୍ଦିର ନିକଟରେ ଶ୍ରୀ ଜୀଉଙ୍କ ରଥ ପହଁଚିବା ପରେ ସଂଧ୍ୟା ନୀତିକାନ୍ତି ଆରମ୍ଭ ହୋଇଛି। ସେହିପରି ବଂଗୋପସାଗର ତଟବର୍ତ୍ତୀ ପେଣ୍ଠସ୍ଥିତ ଶ୍ରୀ ଶ୍ରୀ ବନ ବିହାରୀଜୀଉଙ୍କ ରଥ ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇ ଯାଇଛି।

# ଶ୍ରୀତାଳଧ୍ୱଜ ପତ୍ରିକା ପ୍ରକାଶିତ



**କେନ୍ଦ୍ରାପଡ଼ା,୨୭।୬ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ରର ପବିତ୍ର ରଥଯାତ୍ରା ଉପଲକ୍ଷେ ପ୍ରତିବର୍ଷ ପରି ଏବର୍ଷ ମଧ ରଥ ଉପରେ 'ଶ୍ରୀତାଳଧ୍ୱଜ' ପତ୍ରିକା ମହାପ୍ରଭୁ ଶ୍ରୀବଳଦେବଙ୍କ ଶ୍ରୀଚରଣରେ ସମର୍ପିତ କରାଯାଇଛି । ଏହି ଅବସର ପତ୍ରିକାର ମୁଖ୍ୟ ସଂପାଦକ ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆର , ସଂପାଦକ ସରୋଜ କୁମାର ମହାନ୍ତି , ପତ୍ରିକାର ଉପଦେଷ୍ଟା ପ୍ରଫେସର ଭୁବନ ମୋହନ ଜେନାଙ୍କ ବ୍ୟତିତ କେନ୍ଦ୍ରାପଡ଼ାର ଜିଲ୍ଲାପାଳ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ,ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଶ୍ରୀବଳଦେବ ଏଣ୍ଡାଉମେଣ୍ଟର ଟ୍ରଷ୍ଟୀ ପଣ୍ଡିତ ହୃଷିକେଶ ରଥ, ନୃସିଂହ ପତ୍ରୀ, ଆଡଭୋକେଟ୍ ଧୀରେନ୍ଦ୍ର ସାହୁ, ବିଜେପି ନେତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ପ୍ରଭୃତି। ଏହି ପତ୍ରିକା ଓଡ଼ିଶାର ଏକମାତ୍ର ନିରୁତା ଶ୍ରୀ ବଳଦେବ ଚେତନା ସଂପର୍କିତ । ଏହା ଗତ ଆଠବର୍ଷ ଧରି ପ୍ରକାଶିତ ହୋଇଆସୁଛି । ଏହି ସଂଖ୍ୟାରେ ମୋଟ ଅଠରଟି ଉପାଦେୟ ଗବେଷଣାତ୍ମକ ପ୍ରବନ୍ଧ ରହିଛି। ସୁନ୍ଦର ପ୍ରଚ୍ଛଦ ଓ ସୁନ୍ଦର ପରିପାଟୀରେ ସମୃଦ୍ଧ ୯୬ ପୃଷ୍ଠା ବିଶିଷ୍ଟ ଏହି ପତ୍ରିକାର ମୂଲ୍ୟ ମାତ୍ର ପଚାଶ ଟଙ୍କା ରଖାଯାଇଛି । ଆଶା ପାଠକ ମହଲରେ ଏହା ଆଦୃତ ହେବ ।

# ଶିକ୍ଷା ସୁରକ୍ଷା ମଞ୍ଚ ପକ୍ଷରୁ ବୈଠକ

**କେନ୍ଦ୍ରାପଡ଼ା,୨୭।୬ (ସଂଚାର ବ୍ୟୁରୋ):** ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ନିମ୍ନଗାମୀ ହେଉଛି। ଯେଉଁ ମହାବିଦ୍ୟାଳୟ ଦିନେ ରାଜ୍ୟ ରେ ଶିକ୍ଷା କ୍ଷେତ୍ର ରେ ଗରିମା ସୃଷ୍ଟି କରିଥିଲା ଆଜି ଏହି ଅନୁଷ୍ଠାନ ପରିଚୟ ଖୋଜୁଛି। ଯେଉଁ ମହାବିଦ୍ୟାଳୟ ରେ ପାଠ ପଢ଼ିବାକୁ ପ୍ରତିଯୋଗିତା ଚାଲିଥିଲା। ସେଠି ପ୍ରତିବର୍ଷ ପରୀକ୍ଷା ଫଳା ଫଳ ଦେଖିଲେ ଅନେକ ଅଭିଭାବକ, ଏଠି ପିଲାଙ୍କ ଭବିଷ୍ୟତ ଦେଖି ଏହା ପରିବର୍ତ୍ତେ ଆବାସିକ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି। ଅନେକ ସମୟରେ ଅଧକ୍ଷ କିଏ ରହିବ ଏ ପାଇଁ ଅଧାପକ ଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିରହୁଛି। କିନ୍ତୁ ସ୍ୱଳ୍ପ ଦିନ ଚାକିରି ଥିବା ବ୍ୟକ୍ତି ଙ୍କୁ ଅଧକ ପଦବୀ ରେ ଅବସ୍ଥାପିତ ଦ୍ୱାରା ମହାବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲାଣି। ପିଲାଙ୍କ ଭାଗ୍ୟ ଓ ଭବିଷ୍ୟତ କୁ ଆଖିରେ ରଖି, କେହି ମୁହଁ ନଖୋଲିବାରୁ। ଏଥିପାଇଁ କିଛି ବୁଦ୍ଧିଜୀବୀ, ମହାବିଦ୍ୟାଳୟ ରେ ପଢୁଥିବା ପୂର୍ବତନ ଛାତ୍ର କିଭଳି ଏହାର ସଂଶୋଧନ ହେବ। ଶିକ୍ଷାରେ ସଂସ୍କାର ଆସିବ, ପିଲାଙ୍କ ଭବିଷ୍ୟତ ଉଜ୍ଜଳ ଲକ୍ଷ୍ୟରେ, ଶିକ୍ଷା ସୁରକ୍ଷା ମଂଚର ଏକ ବୈଠକ କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଛି। ଏଥିରେ, ପୂର୍ବତନ ଛାତ୍ର, ନିକେତନ ଜେନା, ମହେଶ୍ୱର ଜେନା, ରଞ୍ଜିତ ସାହୁ, ଭଗୀରଥି ଜେନା, ରଶ୍ମି ରଂଜନ ପଣ୍ଡା, ସମ୍ପ୍ରିତି ବସନ୍ତିଆ, ସନ୍ତୋଷ ପଣ୍ଡା, ରଶ୍ମି ରଂଜନ ପଣ୍ଡା ପ୍ରମୁଖ ଆଲୋଚନା କରିଛନ୍ତି। ଏଥିରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଯେଉଁ ମାନେ ମହାବିଦ୍ୟାଳୟ ର ଶିକ୍ଷାରେ ସଂସ୍କାର କାର୍ଯ୍ୟକ୍ରମକୁ ଆଗେଇବାରେ ସହଯୋଗ କରିବେ ସେମାନଙ୍କୁ ସ୍ୱାଗତ କରାଯିବ।

# ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀରେ ତିଳତର୍ପଣ



**ମହାକାଳପଡ଼ା, ୨୭।୬ (ସଂଚାର ବ୍ୟୁରୋ):** ଗୁରୁବାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବିଜୟନଗର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ଗୋବରୀ ଘାଟରେ ପୁଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତିଳ ତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଅଶୋକ ସ୍ୱାଇଁଙ୍କ ପ୍ରତିନିଧିତ୍ୱରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାକାଳପଡା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ,କବି ତଥା ପରିବେଶବିତ୍ ହେମନ୍ତ ରାଉତ ଉପସ୍ଥିତ ରହି ଗୋପବନ୍ଧୁ ଙ୍କ ତିଳ ତର୍ପଣ କରିଥିଲେ। ଏ ସମ୍ପର୍କିତ ଏକ ଆଲୋଚନା ଚକ୍ର ହନୁମାନଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଗୋପବନ୍ଧୁଙ୍କ ଜୀବନି ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅନୁସୂୟା ମିଶ୍ର, ବିଜୟନଗର ସରପଞ୍ଚ ରୂପସିନୀ ସାହୁ, ସମିତି ସଭ୍ୟା ଶ୍ରୀମତୀ ଗୀତାଞ୍ଜଳି ମିଶ୍ର, ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର କମିଟିର ସଭାପତି ଶ୍ରୀଯୁକ୍ତ ଶଶୀଭୂଷଣ ପଟ୍ଟନାୟକ,ସଂପାଦକ ରମେଶ ଚନ୍ଦ୍ର ସାହାଣୀ ,ଦିଲ୍ଲୀପ କୁମାର ସାହୁ,ଶୁସାନ୍ତ କୁମାର ତ୍ରିପାଠୀ,ଅରବିନ୍ଦ ସାହୁ ,ଗୋଲକ ବିହାରୀ ପ୍ରଧାନ, ମାନସ ମହାନ୍ତି, ରୁଦ୍ରନାରାୟଣ ମୁଦୁଲି, ପ୍ରତାପ ରଞ୍ଜନ ତ୍ରିପାଠୀ ଓ ନିର୍ମଳ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିର ଉଦ୍‌ଯାପିତ

**ସାଲେପୁର,୨୭।୬ (ସଂଚାର ବ୍ୟୁରୋ):** ଜାତୀୟ ଯୁବ ପ୍ରକଳ୍ପ ଓଡ଼ିଶା ଶାଖା ଆନୁକୂଲ୍ୟରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରକ୍ଟ କ୍ଲବ୍ ଅଫ୍ ବିରୂପାର ମିଳିତ ସହଯୋଗରେ ୭ଦିନିଆ ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିର ଗୋପୀନାଥପୁରସ୍ଥିତ ଶ୍ରୀଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ଉଦ୍‌ଯାପିତ ହୋଇଯାଇଛି। ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉଦ୍‌ଯାପନୀ ଉତ୍ସବରେ ଜାତୀୟ ଯୁବ ପ୍ରକଳ୍ପ ଓଡ଼ିଶାର ରାଜ୍ୟ ଆବାହକ ମଧୁସୂଦନ ଦାସ ଯୋଗଦେଇ ଏହି ଶିବିରରୁ ଶିଖିଥିବା କାର୍ଯ୍ୟଗୁଡିକ ପିଲାମାନେ ଜୀବନରେ ଲଗାଇଲେ ଜଣେ ସୁନାଗରିକ ହେବା ସହିତ ଦେଶ ଓ ଜାତିର ନାମ ରଖିବେ ବୋଲି ବକ୍ତବ୍ୟ ରଖିଥିଲେ।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ କରି ବାଣ୍ଟୁଥିଲେ ଦହିପାଣି

# ପହଞ୍ଚିଲେ ଉପଜିଲ୍ଲାପାଳ, ନଷ୍ଟକଲେ ସମସ୍ତ ସାମଗ୍ରୀ



**କେନ୍ଦ୍ରାପଡ଼ା,୨୭।୬ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଡାଇରିଆକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ତୁଳସୀ କ୍ଷେତ୍ର ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ବଡ଼ ଦାଣ୍ଡରେ ହେଉଥିବା ଘୋଷ ଯାତ୍ରା ସମୟରେ କୌଣସି ସାମାଜିକ ସଂଗଠନ କିମ୍ବା ରାଜନୈତିକ ଦଳ ପକ୍ଷରୁ ଦହି ପାଣି ବଣ୍ଟନ କରାଯିବ ନାହିଁ ବୋଲି ଗତ ୨୫ ତାରିଖରୁ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଏକ ନୋଟିସ ଜାରି କରିଥିଲେ। ଏଥିରେ ସମସ୍ତ ରାଜନୈତିକ ଦଳ ସମେତ ଏସଡ଼ିପିଓ ଏବଂ ଟାଉନ ଥାନା ଅଧିକାରୀଙ୍କୁ ସୂଚନା ଜାରି କରାଯାଇଥିବା ଦେଖା ଦେଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ ଅବମାମନା କରିବା ସହ ଆଜି ବଡ଼ ଦାଣ୍ଡରେ ଦହି ପାଣି ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଏହି ସେବାରୁ ନିବୃତ୍ତ ରହିଥିବା ବିଭିନ୍ନ ସଂଗଠନ କିଭଳି ଦହି ପାଣି ବଣ୍ଟନ କରାଗଲା ପ୍ରଶ୍ନ ଉଠାଇଥିଲେ।

ଉପଜିଲ୍ଲାପାଳ ଏହା ଜାଣିବା ପରେ ବଣ୍ଟନ କରାଯାଇଥିବା ସ୍ଥାନରେ ପହଞ୍ଚି ବଣ୍ଟନ କରୁଥିବା ସଙ୍ଗଠନ ସଦସ୍ୟଙ୍କୁ ତାଗିଦ୍ କରିବା ସହ ବ୍ୟବହୃତ ସାମଗ୍ରୀକୁ ନଷ୍ଟ କରିଥିଲେ। ସେହି ସମୟରେ ଦହି ସରବତ୍ ବଣ୍ଟନ କରୁଥିବା ସଙ୍ଗଠନ ସଦସ୍ୟ ପ୍ରଶାସନିକ ବାରଣ କରାଯାଇଥିବା ସୂଚନା ପାଇନଥିବା କହିଥିଲେ ।

# ରଥଯାତ୍ରାରେ ଭକ୍ତଙ୍କୁ ଦହି ସରବତ ଓ ଚା' ବଣ୍ଟନ




**ନିଶ୍ଚିନ୍ତକୋଇଲି, ୨୭।୬ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ନିଶ୍ଚିନ୍ତକୋଇଲି ଖଣ୍ଡ ସେବା ବିଭାଗ ପକ୍ଷରୁ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ରଥଯାତ୍ରାରେ ହଜାର ହଜାର ଭକ୍ତଙ୍କୁ ଦହି ସରବତ ଓ ଚା ବଣ୍ଟନ କରାଯାଇଛି।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ନିଶ୍ଚିନ୍ତକୋଇଲି ଖଣ୍ଡର ସ୍ୱୟଂ ସେବକ ତଥା କଟକ କ୍ରିମିନାଲ କୋର୍ଟର ବରିଷ୍ଠ ଆଇନଜୀବୀ ସ୍ମୃତିରଞ୍ଜନ ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ସେବା କାର୍ଯ୍ୟକ୍ରମରେ ସେବା ସଙ୍ଘର ସେବକ ଶ୍ରୀନିବାସ ନାୟକ, ହରିହର ପ୍ରଧାନ, ଅଶୋକ କୁମାର ମହାପାତ୍ର, ରଞ୍ଜନ କୁମାର ଦାସ, ଗିରିଶ କୁମାର ନାୟକ, ଅଶ୍ୱିନୀ କୁମାର ସେଠୀ, ବଳରାମ ଜେନା, ଶଶିକାନ୍ତ ପଣ୍ଡା, ରଞ୍ଜନ କୁମାର ବାରିକ ପ୍ରମୁଖ ଯୋଗ ଦେଇ ବଳଦେବଜୀଉ ରଥଯାତ୍ରାକୁ ଆସିଥିବା ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲେମ୍ବୁ ଦହି ମିଶା ସରବତ ଏବଂ ଚା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନା ଆରଏସଏସ ସମସ୍ତ କର୍ମକର୍ତ୍ତା ପୂର୍ଣ୍ଣ ସହଯୋଗ କରିଥିଲେ।

# ବୈଶିଙ୍ଗାର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ



**ବୈଶିଙ୍ଗା,୨୭।୬ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଅଞ୍ଚଳରେ ଥିବା ମନ୍ଦିର ମାନଙ୍କରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା। ବୈଶିଙ୍ଗା ଉପକଣ୍ଠ ଡାହିବାଡି ହାଟ ନିକଟସ୍ଥ ମହୁରୀ ଜଗନ୍ନାଥ ମନ୍ଦିର ରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଓ ପଦ୍ମପୁର ଜଗନ୍ନାଥ ମନ୍ଦିରରେ ମଧ ଗୋଟିଏ ରଥରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ପ୍ରଭୁ ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ ହୋଇଥିଲେ। ପୂର୍ବାହ୍ନରେ ଗୋପାଳବଲ୍ଲଭ ଓ ସକାଳ ଧୂପରେ ଖେଚୁଡ଼ି ଭୋଗ ଲାଗି ହେବାପରେ ରଥ ପ୍ରତିଷ୍ଠା କରାଯାଇଥିଲା। ଅପରାହ୍ନ ୫ ଟା ସମୟରେ ଉଭୟ ମନ୍ଦିରରେ ବିଧି ଅନୁଯାୟୀ ଛେରାପହଁରା ନୀତି ଅନୁଷ୍ଠିତ ହେବାପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇ ଶତାଧିକ ଭକ୍ତଙ୍କ ଗହଣରେ ରଥଟଣା ଆରମ୍ଭ ହୋଇଥିଲା। ରଥ ଦ୍ୱୟ ଭକ୍ତମାନେ ଟାଣିଟାଣି ବୈଶିଙ୍ଗା ମୁଖ୍ୟ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆଣିଥିଲେ। ସେହିଭଳି ଆଜି ଅପରାହ୍ନରେ ଖୁଣ୍ଟାପୁର ଗ୍ରାମରେ ମଧ ଉତ୍ସାହ ଉଦ୍ଦୀପନାର ସହ ଶ୍ରୀଗୁଣ୍ଡିଚା ଉତ୍ସବ ପାଳିତ ହୋଇଯାଇଛି। ଅନ୍ୟପକ୍ଷରେ କଳମା ପଞ୍ଚାୟତର ବହୁ ପ୍ରାଚୀନ ଶ୍ରୀଚୈତନ୍ୟ ଦେବଙ୍କ ସ୍ମାରକୀ ବହନ କରୁଥିବା ଦେବୋତ୍ତର ବିଭାଗ ପରିଚାଳିତ କାନ୍ଥୀ ମଠରେ ମଧ ରଥଟଣା ଆୟୋଜିତ ହୋଇଛି।

# ଅଟଳ ସେନା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳିତ



**ସାଲେପୁର, ୨୭।୬ (ସଂଚାର ବ୍ୟୁରୋ):** ଗତ ଗୁରୁବାର ଦିନ ଅଟଳ ସେନା ଓଡ଼ିଶା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିବସ ସାଲେପୁର ନିକଟସ୍ଥ ମା ବୁଢ଼ୀ ଜାଗୁଳାଇ ପୀଠ,ବାଲିସାହି ଠାରେ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉପଲକ୍ଷେ ପ୍ରଥମେ ଠାକୁରାଣୀ ପୀଠରେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା ପୂର୍ବକ ଦୀପ ପ୍ରଜ୍ୱଳନ କରି ସମବେତ ପ୍ରାର୍ଥନା କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ଅଟଳ ସେନା ରାଜ୍ୟ ଉପାଧକ୍ଷ ଆଇନଜୀବୀ ଗୌତମ ରାୟ ଚୌଧୁରୀ ଶ୍ରୀ ପ୍ରଧାନଙ୍କୁ ଓଡ଼ିଶାର ଜଣେ କର୍ମଠ ଓ ସୁଯୋଗ୍ୟ ସନ୍ତାନ ରୂପେ ବର୍ଣ୍ଣନା କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସେନାର ସଙ୍ଗଠନ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ସାଂସ୍କୃତିକ ସମ୍ପାଦକ ଇଂ ବିଭୂତି ଭୂଷଣ ପାତ୍ର, ଉପଦେଷ୍ଟା ଦ୍ରୁପଦ ସ୍ୱାଇଁ, ଜିଲ୍ଲା ସଂପାଦକ ସଞ୍ଜୟ କୁମାର ବେହେରା, ଯୁବ ସଂଘ ସମ୍ପାଦକ ହିମାଂଶୁ ସାହୁ, ନିଶ୍ଚିନ୍ତକୋଇଲି ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, କାର୍ଯ୍ୟକାରୀ କମିଟି ସଭ୍ୟ ଶରତ ଚନ୍ଦ୍ର ସେଠୀ, ଅଶୋକ କୁମାର ବେହୁରା, ହିମାଂଶୁ ଭୂଷଣ ସ୍ୱାଇଁ , କୃଷ୍ଣଚନ୍ଦ୍ର ବାରିକ୍, ଯୋଗେଶ୍ୱର କାଣ୍ଡି, ପ୍ରଦ୍ୟୁମ୍ନ ସେଠୀ, ସଂଗ୍ରାମ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଧନ୍ୟବାଦ୍ ଦେଇଥିଲେ କାର୍ଯ୍ୟକାରୀ କମିଟି ସଭ୍ୟ ରବି ନାରାୟଣ ପଟ୍ଟନାୟକ।

## ଧୋୟା ସୋସିଆଲ ୱେଲଫେୟାର ଆସୋସିଏସନର ସଦସ୍ୟଙ୍କ ଅଭିଯୋଗ

# ସଭାପତି ଓ ସମ୍ପାଦକ ବିଶ୍ୱାସରେ ଦେଇଛନ୍ତି ବିଷ




**ଆଳି,୨୭।୬(ସଂଚାର ବ୍ୟୁରୋ):** ଆଳିର ଅଗ୍ରଣୀ ଆସୋସିଏସନ ଭେବେ ଜଣାଶୁଣା ଧୋୟା ସୋସିଆଲ ୱେଲଫେୟାର ଆସୋସିଏସନ୍ (ଡିସିଏ) ଏହି ସଂଗଠନ ଗରିବ ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇ ଚର୍ଚ୍ଚାରେ ଥାଏ। କୋଉଠି ଅଗ୍ନି ବିପନ୍ନ ହୋଇ କିମ୍ବା ରୋଗରେ ପଡ଼ିଥିବା ପୀଡିତ ହୋଇ ସବୁଠି ପହଞ୍ଚି ଅର୍ଥ ପ୍ରଦାନ କରିଥାନ୍ତି। ଏବେ ଏହି ଆସୋସିଏସନ୍‌ର ସଭାପତି ପ୍ରକାଶ ମିଶ୍ର ଓ ସମ୍ପାଦକ ସୁନୀଲ ପରିଡ଼ାଙ୍କ ନାମରେ ଉକ୍ତ ଆସୋସିଏସନ୍ ସଦସ୍ୟମାନେ ଆଣିଛନ୍ତି ୮ ଦଫା ସଙ୍ଗୀନ ଅଭିଯୋଗ।

ସୂଚନା ମୁତାବକ ଏହି ଆସୋସିଏସନ୍ ୨୦୨୦ ଆରମ୍ଭ ହୋଇଥିବା ବେଳେ ୨୦୨୨ରେ ବିଧିବଦ୍ଧ ଭାବେ ପଞ୍ଜିକୃତ ହୋଇଥିଲା। ଏହି ସଂଗଠନର ସଦସ୍ୟ ୨୫୦ ଉର୍ଦ୍ଧ ଥିବା ବେଳେ ମାସକୁ ୨୦୦ ଟଙ୍କା ଜମା କରିଥିବା କୁହାଯାଉଛି। ଅଭିଯୋଗ ମୁତାବକ ସମ୍ପାଦକ ସୁନୀଲ ପରିଡ଼ା ଓ ସଭାପତି ପ୍ରକାଶ ମିଶ୍ର ସଂଗଠନ ଟଙ୍କାକୁ ନିଜ ଆକାଉଣ୍ଟ ନେଇ ଚଞ୍ଚକତା କରିବା ସହ ଅର୍ଥ ହେରଫେର କରିବା, ମନମୁଖୀ କାର୍ଯ୍ୟ ଓ ନିଜ ପଦର ଅପ ବ୍ୟବହାର କରିବା ସହ ବର୍ଷ ବର୍ଷ ଧରି ପଦବୀ ନ ଛାଡିବା, ସଂଗଠନକୁ ନେଇ ରାଜନୀତି କରଣ କରିବା, ୫ବର୍ଷର ଟଙ୍କାର ହିସାବ ମାଗିଲେ ହିସାବ ନଦେବା,ଏମିତିକି ଆସୋସିଏସନ୍‌ର ମୂଳ ସଦସ୍ୟ ପ୍ରଶ୍ନ କଲେ ଦୁର୍ବ୍ୟବହାର ସହ ସଂଗଠନରୁ ବହାର କରିଦେବା ଯାହା ଏବେ ଅସଲ ମୁଖା ପଦାରେ ପଡ଼ିଛି ବୋଲି ସଙ୍ଗିନୀ ଅଭିଯୋଗ ଏକ ସାମ୍ବାଦିକ ସମ୍ମିଳନୀ କରି ସଦସ୍ୟମାନେ କହିଛନ୍ତି।

ସବୁଠୁ ବଡ଼ କଥା ହେଲା ଏହି ସଂଗଠନ ଧୋୟା ସୋସିଆଲ ୱେଲଫେୟାର ଆସୋସିଏସନ୍ ଏକ ଏନଜିଓରେ ପଞ୍ଜିକୃତ ହୋଇଥିବା ସଭାପତି ଓ ସମ୍ପାଦକ ସଦସ୍ୟଙ୍କୁ କହିଥିବା ବେଳେ ତାହା ଏକ ଟ୍ରଷ୍ଟ ବୋଲି ଜଣାପଡ଼ିଛି। ଏହି ଟ୍ରଷ୍ଟର ଆଜୀବନ ଟ୍ରଷ୍ଟି ସୁନୀଲ ପରିଡ଼ା ବୋଲି ଜଣା ପଡ଼ିଥିବା ବେଳେ ଦୁଇ ଜଣ ପ୍ରକାଶ ମିଶ୍ର ବିକାଶ ପାତ୍ରଙ୍କୁ ତିନି ବର୍ଷ ଯାଏ ଟ୍ରଷ୍ଟର ସଦସ୍ୟ ରଖିଛନ୍ତି। ଯାହାକି ୨୫୦ ସଦସ୍ୟଙ୍କୁ ଅନ୍ଧାରରେ ରଖିଯାଇ ବିଶ୍ୱାସରେ ବିଷ ଦେଲା ଭଳି କାର୍ଯ୍ୟ କରିଥିବା ବେଳେ ୨୫୦ ସଦସ୍ୟଙ୍କ ନାମ ଟ୍ରଷ୍ଟ ନଥିବା ବେଳେ ସଦସ୍ୟ ସଦସ୍ୟାଙ୍କୁ ତୁଚ୍ଛ ମଣି ତାଙ୍କରି ଅର୍ଥରେ ଚୌଧୁରୀ ସାଜିଛନ୍ତି ସମ୍ପାଦକ ଓ ସଭାପତି। ଅନ୍ୟ ପଟେ ସୁନୀଲ ପରିଡ଼ା ପେଶାରେ ଜଣେ ଆର୍ମିରେ ହାବିଲଦାର ଭାବେ କାର୍ଯ୍ୟରତ ଥିବା ନିଜକୁ ଟ୍ରଷ୍ଟରେ ସମାଜ ସେବୀ ଭାବେ ଦର୍ଶାଇଛନ୍ତି। ଏଠି ପ୍ରଶ୍ନ ଉଠେ ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀ ଥିବାବେଳେ ନିଜକୁ ସମାଜ ସେବୀ ବୋଲି ଟ୍ରଷ୍ଟ ରେ ଉଲ୍ଲେଖ କରିବା କଣ ଅବଶକ୍ୟ ପଡ଼ିଲା। ଯାହାକୁ ନେଇ ଏକ ପ୍ରଶାସନିକ ସ୍ତରରେ ତଦନ୍ତ ହେବା ସହ ଆସୋସିଏସନ୍ ଆକାଉଣ୍ଟ ଅଡିଟ କରିବାକୁ ସଦସ୍ୟମାନେ ଅଭିଯୋଗ କରିଛନ୍ତି।

# ଭିତ୍ତିଭୂମି ନଥାଇ ଚାଲିଛି ଏକାଧିକ ବେସରକାରୀ ଶିକ୍ଷାନୁଷ୍ଠାନ

**ସାଲେପୁର,୨୭।୬ (ସଂଚାର ବ୍ୟୁରୋ):** ସାଲେପୁରରେ ଛତୁ ଫୁଟିଲାପରି ବେସରକାରୀ ଶିକ୍ଷାନୁଷ୍ଠାନ ଖୋଲିଚାଲିଥିଲେ ମଧ ସରକାରଙ୍କ ନିୟମ ବହୁ ଶିକ୍ଷାନୁଷ୍ଠାନରେ ପାଳନ କରାଯାଉନାହିଁ। ବିଶେଷ କରି ସାଲେପୁର ଅଞ୍ଚଳରେ ବହୁ ନର୍ସିଂ କଲେଜ ରହିଥିବାବେଳେ କେତେକ ନର୍ସିଂ କଲେଜରେ ଫାୟାର ସେଫ୍‌ଟି ନଥାଇ ମଧ ତାଙ୍କୁ କଲେଜ ଚଳାଇବା ପାଇଁ ଅନୁମତି ଦିଆଯାଇଛି। ଫଳରେ ଏହି କଲେଜର କର୍ତ୍ତୃପକ୍ଷମାନେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ନିଜ ଅନୁଷ୍ଠାନ ପ୍ରତି ପ୍ରଲୋଭନ ଦେଖାଇ ପାଠ ପଢ଼ାଉଛନ୍ତି। ସେହିପରି ସାଲେପୁର ଅଞ୍ଚଳରେ ଅଧିକାଂଶ ବେସରକାରୀ କଲେଜ ଓ କୋଚିଂ ସେଣ୍ଟର ଚାଲିଅଛି।

ଶିକ୍ଷା ଭଳି ପବିତ୍ର ଅନୁଷ୍ଠାନକୁ କେତେକ ବ୍ୟକ୍ତି ବ୍ୟବସାୟରେ ପରିଣତ କଲେଣି। ବହୁ ଦୂରଦୂରାନ୍ତରରୁ ସାଲେପୁର ଅଞ୍ଚଳକୁ ଆସି ଘର ଭଡ଼ା ନେଇ ଘରୋଇ କୋଚିଂ ସେଣ୍ଟର ଓ ବେସରକାରୀ କଲେଜ ସ୍ଥାପନ କରି ଛାତ୍ରଛାତ୍ରୀମାନଙ୍କୁ ବିପଦସଂକୁଳ ଅବସ୍ଥାରେ ଭଡ଼ାଘର ନେଇ ହଷ୍ଟେଲ କରି ରଖୁଛନ୍ତି। ବହୁ ଅନୁଷ୍ଠାନରେ ଶହ ଶହ ଛାତ୍ରଛାତ୍ରୀ ରହୁଥିଲେ ମଧ କେତେକ ଅନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଅପ୍ରୀତିକର ପରିବେଶ ମଧ୍ୟରେ ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଇ ସେମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଉଛି। ସେହିପରି ନିଜସ୍ୱ ଘର ନଥାଇ ଭଡ଼ା ସୂତ୍ରେ ଘର ନେଇ ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ ଶିକ୍ଷାଦାନକୁ ବ୍ୟବସାୟରେ ପରିଣତ କରିଛନ୍ତି।

ଅଧିକାଂଶ ଅନୁଷ୍ଠାନରେ ଫାୟାର ସେଫ୍‌ଟି ନଥିବା ଦେଖାଯାଇଛି। ବିଶେଷ କରି ଏକ ନିର୍ଦ୍ଦିଷ୍ଟ ନର୍ସିଂ କଲେଜ ୪ମହଲା ବିଶିଷ୍ଟ ବିଲ୍‌ଡିଂରେ ଚାଲିଥିବାବେଳେ ସେଠାରେ ଫାୟାର ସେଫ୍‌ଟିର କୌଣସି ବ୍ୟବସ୍ଥା ନାହିଁ। କିନ୍ତୁ କେଉଁ ଆଧାରରେ ପ୍ରଶାସନ ତାଙ୍କୁ ଏଠାରେ କଲେଜ ଖୋଲିବାପାଇଁ ଅନୁମତି ପ୍ରଦାନ କଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫାୟାର ସେଫ୍‌ଟି ନଥିବା କାରଣରୁ ଯଦି ଭବିଷ୍ୟତରେ କୌଣସି ଅଘଟଣ ଘଟେ ସେଥି ପ୍ରତି କିଏ ଦାୟୀ ରହିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଲେପୁର ଅଞ୍ଚଳରେ ବେଆଇନ୍ ଭାବେ ସରକାରଙ୍କ ନିୟମକୁ ଅଣଦେଖା କରି ଚାଲିଥିବା ଘରୋଇ କୋଚିଂ ସେଣ୍ଟର ଓ ବେସରକାରୀ କଲେଜ, ସ୍କୁଲ, ନର୍ସିଂ କଲେଜ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି।

# ରଥଯାତ୍ରା ସ୍ୱତନ୍ତ୍ର

## ହୋ ଭକତେ...ରେ କମ୍ପିଲା ଗଗନ ପବନ

















## ଶୈଳଶ୍ରୀ ବିହାରରେ ଘୋଷଯାତ୍ରା



**ଭୁବନେଶ୍ୱର:** ଶୈଳଶ୍ରୀବିହାରଠାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ଶ୍ରୀ ଜଗନ୍ନାଥ ଭକ୍ତି ଟ୍ରଷ୍ଟ ପକ୍ଷରୁ ପରିଚାଳିତ ଏହି ରଥଯାତ୍ରା ପୂର୍ବ ନିର୍ଦ୍ଧାରିତ ନୀତି ନିଘଣ୍ଟ ଅନୁସାରେ ଆରମ୍ଭ ହୋଇଥିଲା। ଗତକାଲି ନେତ୍ରୋତ୍ସବ, ମଙ୍ଗଳ ଆଳତୀ, ନବଯୌବନ ଦର୍ଶନ, ମଇଲମ, ଅବକାଶ, ପ୍ରାତଃ ଆଳତୀ ହୋଇଥିଲା ବେଳେ ଆଜି ସୂର୍ଯ୍ୟପୂଜା, ଖେଚୁଡ଼ି ଭୋଗ ଲାଗି ହେବା ପରେ ପୂର୍ବାହ୍ନ ସାଢେ ୧୦ଟାରେ ରଥ ପ୍ରତିଷ୍ଠା କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୧୦ ମିନିଟ୍‌ରେ ଶ୍ରୀଜିଉମାନଙ୍କୁ ପହଣ୍ଡି କରାଯାଇ ରଥ ଉପରକୁ ନିଆଯାଇଥିଲା। ଅପରାହ୍ନ ୩ଟାରେ ଭୁବନେଶ୍ୱର ରାମକୃଷ୍ଣ ମଠର ମହାରାଜା ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ଭକ୍ତଙ୍କ ହରିବୋଲ ହୁଳହୁଳିରେ ରଥଟଣା ଆରମ୍ଭ ହୋଇଥିଲା। ଶୈଳଶ୍ରୀବିହାର ଜଗନ୍ନାଥ ମନ୍ଦିରଠାରୁ ନୀଳାଦ୍ରିବିହାର ମଙ୍ଗଳା ମନ୍ଦିର ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡ ବେଶ୍ ଲୋକାରଣ୍ୟ ହୋଇଥିଲା। ଭକ୍ତମାନଙ୍କୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦହିପଣା ଓ ଓଆରଏସ ବଣ୍ଟନ କରାଯାଇଥିଲା। ଭକ୍ତମାନେ ଆନନ୍ଦ ଉତ୍ସାହର ସହିତ ରଥ ଟାଣି ନେଇ ମାଉସୀମା' ମନ୍ଦିର ନିକଟସ୍ଥ ମଙ୍ଗଳା ମନ୍ଦିର ଛକରେ ପହଞ୍ଚାଇଥିଲେ। ସେଠାରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇ ପହଣ୍ଡି ବିଜେ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଯଶୋଧାରା ପ୍ରଧାନ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଲଭିଥିଲେ। ■

## ରଥ ଗଢୁଛନ୍ତି ଭିନ୍ନ ଏକ ସାଲବେଗ

ସୁଦୂର ନଭି ମୁମ୍ବାଇର ଖରଘର ସେକ୍ଟର ୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ପକ୍ଷରୁ ଏହି ରଥଯାତ୍ରାରେ ୧୦ ହଜାରରୁ ଅଧିକ ଭକ୍ତ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଠାକୁରଙ୍କ ପହଣ୍ଡି ବିଜେ ଓ ନୀତି ପୂଜା ପରେ ଶ୍ରୀଜିଉଙ୍କ ନିକଟରେ ଛେରାପହଁରା ପରେ ରଥଟଣା ହୋଇଥିଲା। ଭକ୍ତମାନେ ଉତ୍ସାହର ସହ ରଥ ଟାଣି ମାଉସୀମା' ମନ୍ଦିର ନେଇଥିଲେ। ପରେ ସେଠାରେ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ୨୦୦୬ରୁ ଉଦ୍ୟୋକ୍ତା ରାମ ପ୍ରସାଦ ମୁଦୁଲିଙ୍କ ଉଦ୍ୟମରେ ଏହା ପାଳିତ ହୋଇଆସୁଛି। ଗତ ୨୦୦୮ରୁ ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନ ଓଡ଼ିଆ ସାମିଲ ହୋଇଥିବା ବେଳେ ଟ୍ରଷ୍ଟର ସଦସ୍ୟ ଓ ସେବକମାନେ ସହଯୋଗ କରୁଛନ୍ତି। ଦୀର୍ଘ ୨୦ ବର୍ଷ ହେଲା ଜଣେ ମୁସଲିମ ମହମ୍ମଦ ହାନିଫ୍ କାଚି ରଥ ନିର୍ମାଣ ଦାୟିତ୍ୱ ତୁଲାଇଆସୁଛନ୍ତି। ତେଣୁ ତାଙ୍କୁ ଭିନ୍ନ ଏକ ସାଲବେଗ ବୋଲି କୁହାଯାଏ। ୨୪ ଫୁଟ ଉଚ୍ଚର ଏହି ରଥରେ ୪ଟି ଘୋଡ଼ା, ଠାକୁରଙ୍କ ଆସନ, ରାହୁ ମୁଣ୍ଡ, ମାଛ, ଜୟା ବିଜୟା, ପରମ୍ପରା ଅନୁଯାୟୀ ଦଣ୍ଡା, ଚକ୍ର, କଳସ, ଓଲଟା ଶୁଆ, ଖପୁରୀ, ଋଷି ପଟା, କନକ, ମୁଣ୍ଡାଇ, ମକର, ଦଣ୍ଡା, ଗଇପଟା, ଜାଲି, ସିଂହଦ୍ୱାର, ବଙ୍କି, ପତାକା, ଦଧିନଉତି, ପାରା ଭାଡ଼ି, କୁମ୍ଭିପଟା, ଷୋଳ ନାହାକା, ଓ ପାର୍ଶ୍ୱ ଦେବତା ଆଦି ରହିଛନ୍ତି।



## ରାଜଧାନୀରେ ଗଡ଼ିଲା ରଥ



**ଭୁବନେଶ୍ୱର:** ସକାଳୁ ସକାଳୁ ମେଘୁଆ ପାଗ ସହ ରଥ ଦାଣ୍ଡ ବେଶ ମନୋରମ ଦିଶୁଥିଲା। ନିର୍ଦ୍ଧାରିତ ସମୟରେ ଶ୍ରୀଜୀଉଙ୍କ ପହଂଡି ହୋଇଥିଲା। ହରିବୋଲ, ହୁଳହୁଳି ସହ ଶଙ୍ଖ କାହାଳୀର ମାଙ୍ଗଳିକ ଧ୍ୱନି ସାଙ୍ଗକୁ ଘଣ୍ଟଘଣ୍ଟାର ନିନାଦରେ ଉଛୁଳିଥିଲା ଦାଣ୍ଡ। ପ୍ରଭୁ ଆସୁଛନ୍ତି ବୋଲି ଭକ୍ତମାନେ ଅଶ୍ରୁ ଆଖିରେ ଚାହିଁ ବସିଥିଲେ। ଶେଷରେ ରଥାରୁଢ଼ ଭଗବାନ ଓ ଭକ୍ତଙ୍କ ମିଳନ ହୋଇଛି। ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ରଥ ଗଡିଛି। ଭକତେ ହୋରେ କମ୍ପିଛି ଭୁବନେଶ୍ୱର। ରାଜଧାନୀରେ ଆୟୋଜିତ ଘୋଷଯାତ୍ରା ଅବସରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଇସ୍କନ୍। ଅପରାହ୍ନ ସାଢେ ୩ଟା ବେଳକୁ ରଥଟଣା ଆରମ୍ଭ ହୋଇଥିଲା। ରଥ ଇସ୍କନ୍‌ରୁ ବାହାରି ସିଆର୍‌ପି ଛକ-ଷ୍ଟିୱାର୍ଟ ସ୍କୁଲ୍ ଛକ-୮ ନମ୍ବର ଡିଏଭି ଛକ ଦେଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ସେହିପରି ଜାଗମରା ଧର୍ମବିହାର ଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ରଥ ଗଣ୍ଡମୁଣ୍ଡାସ୍ଥିତ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଗଡ଼ିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱ ଭକ୍ତଙ୍କ ଗହଳିରେ ଲୋକାରଣ୍ୟ ହୋଇଯାଇଥିଲା। ସେହିପରି ୟୁନିଟ-୮, ୟୁନିଟ-୫, ଉତ୍କଳ ବିଶ୍ୱବିଦ୍ୟାଳୟ, ସହିଦ ନଗର, ୟୁନିଟ-୧, କୋଳଥିଆ, ଘାଟିକିଆ, ପୁରୁଣା ଭୁବନେଶ୍ୱର ଓ ଉତ୍ତର ଭୁବନେଶ୍ୱରରେ ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ହୋଇଛି। ■

SANCHAR
ସଂଚାର
୪
ଶନିବାର ୨୮ ଜୁନ ୨୦୨୫, ଭୁବନେଶ୍ୱର
Saturday 28 June 2025, Bhubaneswar

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ

# ଭାରତ ପାଇଁ ସୁଯୋଗ

ଚଳିତ ମାସ ଶେଷ ସୁଦ୍ଧା ଭାରତ ଓ ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। ଏହା ସହିତ ଆମେରିକା ସହ ମଧ୍ୟ ନୂଆ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନାରେ ବେଶ ଅଗ୍ରସର ହୋଇଛି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ବାଣିଜ୍ୟ ଚୁକ୍ତି ନାମରେ ଦେଶର ସ୍ୱାର୍ଥ ବିରୋଧୀ ଏବଂ ଭାରତୀୟ ଶିଳ୍ପ ଏବଂ କୃଷିର କ୍ଷତି କରିବା ଭଳି କୌଣସି ଚୁକ୍ତି କରାଯିବା ଅନୁଚିତ। କାହା ଆଗରେ ଭାରତ ମୁଣ୍ଡ ନୁଆଁଇବାର ଆବଶ୍ୟକତା ନାହିଁ। କାରଣ ଭାରତର ବିଶାଳ ବଜାର ଉପରେ ସମସ୍ତଙ୍କ ଲୋଲୁପ ଦୃଷ୍ଟି ରହିଛି। ଏବେ ଭାରତ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବୃଦ୍ଧି ଭାରତ ପାଇଁ ପରୋକ୍ଷରେ ଆଶୀର୍ବାଦ ହୋଇପାରେ। କାରଣ ସବୁ ସଙ୍କଟ ଏକ ନୂଆ ସୁଯୋଗ ସୃଷ୍ଟି କରିଥାଏ। ଏହାର କେବଳ ଉପଯୋଗ ଆବଶ୍ୟକ। ଟ୍ରମ୍ପ ଉଭୟ ଭାରତ ଏବଂ ଚୀନ ଉପରେ ଟାରିଫ ବୃଦ୍ଧି କରିବା ପରେ ଉଭୟ ଦେଶ ପରସ୍ପରର ନିକଟତର ହେବାକୁ ସୁଯୋଗ ସୃଷ୍ଟି ହୋଇଛି। ଶତ୍ରୁର ଶତ୍ରୁ ମିତ୍ର। ତେଣୁ ଏବେ ଆମେରିକା ବିରୋଧରେ ଭାରତ ଓ ଚୀନ ଏକାଠି ହୋଇପାରନ୍ତି। ଚୀନ ବୈଦେଶିକ ମନ୍ତ୍ରୀ ଏଥିଲାଗି ଭାରତକୁ ଆହ୍ୱାନ କରି କହିଛନ୍ତି ଯେ, ଏବେ ଡ୍ରାଗନ ଏବଂ ଏଲିଫ୍ୟାଣ୍ଟ ଏକାଠି ନାଚିବାର ସୁଯୋଗ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ସୀମା ବିବାଦ ଲାଗି ରହିଛି। ଇତିମଧ୍ୟରେ ମୋଦି ଏବଂ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ବିବାଦର ସାମୟିକ ସମାଧାନ ହୋଇଛି। ସୀମାରେ ଉତ୍ତେଜନା ହ୍ରାସ ପାଇଛି। ଚୀନର ବୈଦେଶିକ ମନ୍ତ୍ରୀ ଯାହା କହିଛନ୍ତି ତାହା ଯଥାର୍ଥ। ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିବ। ଏହାକୁ ପଛରେ ପକାଇ ବିଶ୍ୱର ଏହି ଦୁଇ ମହାନ ପୁରାତନ ସଭ୍ୟତା ସମ୍ପନ୍ନ ରାଷ୍ଟ୍ର ଉଭୟଙ୍କ ବୃହତ୍ତମ ସ୍ୱାର୍ଥ ନିମନ୍ତେ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ଭାରତ ସରକାର ଗୁରୁତ୍ୱର ସହ ଏ ସମ୍ପର୍କରେ ଚିନ୍ତା କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡ଼ୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଈଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବି୍ୱର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ଟାରିପ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ରଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ରଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ଥିକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ରଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ, ତାଙ୍କ ସାହାସହକୁ ପ୍ରଶଂସା କରିବାକୁ ପଡ଼ିବ। ସେ ଟ୍ରମ୍ପଙ୍କ ନାଲି ଆଖିକୁ ଖାତିର ନକରି ଆମେରିକା ଛାଡ଼ି ଚାଲିଆସିଲେ। ନିଜ ଘରକୁ ଆସିଥିବା ଜଣେ ଅତିଥୀଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ଏହାର ସୁଯୋଗ ନେବ ଚୀନ। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଭାରତ ମଧ୍ୟ ଏବେ ସତର୍କ ରହିବାର ସମୟ। ଇତିମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ନୂଆ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପାଦନ ଲାଗି ଆଲୋଚନା ଏକ ପ୍ରକାର ନିର୍ଣ୍ଣୟାତ୍ମକ ସ୍ଥିତିରେ ପହଞ୍ଚିଛି। ଉଭୟ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧିଙ୍କ ମଧ୍ୟରେ ଏଥିଲାଗି ଆଲୋଚନା ହେଉଛି। ଆଲୋଚନା ବେଳେ ଭାରତ ଆମେରିକା ଉପରେ ଟାରିଫ ହ୍ରାସ କରିବାକୁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛି। ଯଦି ଭାରତ ଟାରିଫ ହ୍ରାସ କରେ ତେବେ ଆମେରିକା ମଧ୍ୟ ଭାରତ ଉପରେ ବର୍ଦ୍ଧିତ ଟାରିଫ ପ୍ରତ୍ୟାହାର କରିପାରେ। ରାଷ୍ଟ୍ରପତି ଟ୍ରମ୍ପ ଏହି ସଙ୍କେତ ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ବାସ୍ତବରେ ଭାରତର ଟାରିଫ ବା ଟିକସ ହାର ବହୁ ଅଧିକ। ଏଥିନେଇ ଆମେରିକା ରାଷ୍ଟ୍ରପତିଙ୍କ ଉଦବେଗ ଯଥାର୍ଥ। ଏହା ଦ୍ୱାରା ଆମେରିକା ବା ବିଦେଶୀ ରାଷ୍ଟ୍ରମାନେ ଭାରତରେ ନିଜର ସାମଗ୍ରୀ ବିକ୍ରୀ କରିବା ସୁଯୋଗ ପାଉ ନାହାଁନ୍ତି। ଭାରତୀୟ ଶିଳ୍ପ ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହା ଉଦ୍ଦିଷ୍ଟ ବୋଲି କୁହାଯାଉଛି। କିନ୍ତୁ ଭାରତର ଖାଉଟୀ ଏହା ଦ୍ୱାରା ଶସ୍ତାରେ ଭଲ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଭାରତର ଶିଳ୍ପ ଉତ୍ପାଦନକାରୀମାନେ ଚଢ଼ା ଦରରେ ଲୋକଙ୍କୁ ସାମଗ୍ରୀ ବିକ୍ରୀ କରୁଛନ୍ତି। ଯଦି ଭାରତ ସରକାର ସେମାନଙ୍କ ସ୍ୱାର୍ଥ ରକ୍ଷା ଚାହୁଁଛନ୍ତି ତେବେ ସେମାନଙ୍କ ଉପରୁ ଟିକସ ବୋଝ ହାଲୁକା କରନ୍ତୁ। ଆମେରିକା ବା ଅନ୍ୟ ବୈଦେଶିକ ସାମଗ୍ରୀ ଉପରୁ ଟିକସ ହ୍ରାସ ଉଚିତ। କିନ୍ତୁ ଟ୍ରମ୍ପ ଯେପରି ଅଭଦ୍ରୋଚିତ ବ୍ୟା ପ୍ରୟୋଗ କରୁଛନ୍ତି, ଯେପରି ଭାବେ ଭାରତକୁ ଧମକାଉଛନ୍ତି ତାହା ଆଗରେ ଭାରତ ସରକାର ମୁଣ୍ଡ ନୁଆଁଇବା ଅନୁଚିତ। ବରଂ ଆମେରିକା ଉପରେ ନିର୍ଭରଶୀଳତା କିପରି ହ୍ରାସ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବା ଉଚିତ। ଆମେରିକାକୁ ବାଦ ଦେଇ ମଧ୍ୟ ବିଶ୍ୱ ବାଣିଜ୍ୟର ସ୍ଥିତି ରହିଛି। ଚୀନ ଓ ୟୁରୋପ ସହ ଭାରତ ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ପ୍ରୟାସ କରିବା ଉଚିତ। ଏହା ସହିତ ବିଭିନ୍ନ ଶିଳ୍ପଜାତ ସାମଗ୍ରୀ ଉତ୍ପାଦନରେ ଭାରତ କିପରି ଶତ ପ୍ରତିଶତ ଆତ୍ମନିର୍ଭରଶୀଳ ବା ସ୍ୱାବଲମ୍ବୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳ ଭାରତ ଗଠନ ପ୍ରୟାସ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

# ଭାରତର ବିଭିନ୍ନ ପ୍ରଦେଶରେ ଶ୍ରୀଜଗନ୍ନାଥ ଉପାସନା ଓ ରଥଯାତ୍ରା



**ପ୍ରଫେସର ଡାକ୍ତର ସମ୍ରାଟ କର**

ଶ୍ରୀମନ୍ଦିର ଲୀଳା ଓ ଯାତ୍ରାର ସ୍ଥାନ। ଲୀଳା ପାଇଁ ଯାତ୍ରା ଓ ଯାତ୍ରା ପାଇଁ ଲୀଳା ଏଠାରେ ଅନୁଷ୍ଠିତ ହୁଏ। ବହୁବିଧ ଲୀଳା ରଚନା କରିବା ଅବତାରଗୁଡ଼ିକର ମୂଳ ଲକ୍ଷ୍ୟ। ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ। ପୁଣି ଲୀଳାମୟ ସେ। ଅବତାର ମାନଙ୍କ ଲୀଳାକୁ ସେ ନିଜେ ଆଚରଣ କରନ୍ତି। ବିଭିନ୍ନ ରୂପରେ ବିଭିନ୍ନ ବେଶରେ ଭିନ୍ନ ଭିନ୍ନ ଲୀଳା ସେ ପ୍ରତିଦିନ କରନ୍ତି। ଲୀଳା ମାଧ୍ୟମରେ ସେ ସବୁ ରୂପ, ଗୁଣ ଓ ପୂଜାର ଅଧିକାରୀ ତାହା ପ୍ରତିପାଦନ କରନ୍ତି। ଶ୍ରୀମନ୍ଦିରରେ ତାଙ୍କର ସବୁ ଲୀଳା ବିଧି ନିର୍ଦ୍ଦିଷ୍ଟ ମତେ ସମ୍ପାଦିତ ହୁଏ। ଏହି ଲୀଳାକୁ ନେଇ ଭକ୍ତଙ୍କ ମିଳନ ହୁଏ। ମିଳନରୁ ମହାଭାବ ଆସେ। ଭକ୍ତ ଓ ଭଗବାନ ନିକଟତର ହୁଅନ୍ତି। ଲୀଳା ଭଗବାନ କରନ୍ତି ଭକ୍ତଙ୍କ ପାଇଁ ଏବଂ ଭକ୍ତ ଯାତ୍ରା ସୃଷ୍ଟି କରନ୍ତି ଭଗବାନଙ୍କୁ ନେଇ। ଭକ୍ତ ଓ ଭଗବାନଙ୍କ ବିଚିତ୍ର ବନ୍ଧନର ଭୂମି ଶ୍ରୀକ୍ଷେତ୍ର।

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଯୁଗ ଯୁଗ ଧରି ଓଡ଼ିଆ ଜାତିର ଜାତୀୟ ଚିନ୍ତା, ଚେତନା ଓ ସଂସ୍କୃତିର ଆଦି ଉତ୍ସ ରୂପେ ବହୁଧା ବର୍ଣ୍ଣିତ। ଭାରତର ନାନା ଧର୍ମ ଦର୍ଶନ, ମତବାଦ ମଧ୍ୟରେ ଶ୍ରୀଜଗନ୍ନାଥ ଜାତୀୟ ଦେବତା ରୂପେ ପ୍ରତିଷ୍ଠିତ। ଏହି ପରିପ୍ରେକ୍ଷୀରେ ପୁରୀ ଠାରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ରଥଯାତ୍ରାର ଖ୍ୟାତି ସାରା ବିଶ୍ୱରେ ସୁବିଦିତ। ହେଲେ ପୁରୀକୁ ଛାଡ଼ିଦେଲେ ଦେଶର ବିଭିନ୍ନ ପ୍ରାନ୍ତରେ ଖୁବ ହର୍ଷ ଉଲ୍ଲାସ ସହକାରେ ରଥଯାତ୍ରା ପାଳିତ ହୋଇଥାଏ।

ଶ୍ରୀଜଗନ୍ନାଥ ସଂସ୍କୃତି କେବଳ ଓଡ଼ିଶାର ଜନଜୀବନକୁ ପ୍ରଭାବିତ କରିନାହିଁ, ସମଗ୍ର ଭାରତର ଅଗଣିତ ଜନମାନସକୁ ମଧ୍ୟ ଅନୁପ୍ରାଣୀତ କରିଆସିଛି। ଭାରତର ଦକ୍ଷିଣପୂର୍ବ ଏବଂ ପଶ୍ଚିମ ଭୂଖଣ୍ଡରେ ଜଗନ୍ନାଥ ଉପାସନା, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ପୂଜାପଦ୍ଧତି ଆଦି ଜଗନ୍ନାଥଙ୍କ ପ୍ରତି ଭାରତୀୟମାନଙ୍କର ଭକ୍ତିମତ୍ତାର ପରିଚୟ ଦେଇଥାଏ। ହିନ୍ଦୁ ବିଦ୍ୱେଷୀ ମୁସଲମାନ ଶାସକମାନଙ୍କର ଲୁଣ୍ଠନ ଓ ଆକ୍ରମଣ ଯୋଗୁଁ ଯେତେବେଳେ ଉତ୍ତର ଭାରତ ଓ ପଶ୍ଚିମ ଭାରତର ମଠ, ମନ୍ଦିର ଓ ଧର୍ମପୀଠଗୁଡ଼ିକ ପତନମୁଖୀ ହୋଇଯାଇଥିଲା, ସେତେବେଳେ ପୂର୍ବ ଭାରତରେ ଶ୍ରୀଜଗନ୍ନାଥ ମନ୍ଦିର ସମଗ୍ର ହିନ୍ଦୁ ଜଗତକୁ ଆଶା ଭରସା ଦେଇଥିଲା। ତେଣୁ ଭାରତର ବିଭିନ୍ନ ପ୍ରାନ୍ତରୁ ଧର୍ମ ଯାଜକମାନେ ଏହି କ୍ଷେତ୍ରକୁ ଆଗମନ କରି ଧର୍ମ ପିପାସା ମେଣ୍ଟାଇବା ସଙ୍ଗେ ସଙ୍ଗେ ଧର୍ମ ପ୍ରଚାର କରିଯାଇଛନ୍ତି।

ବିଶେଷକରି ପୂର୍ବ ଭାରତରେ ଶ୍ରୀଜଗନ୍ନାଥ ମନ୍ଦିର ବହୁ ପ୍ରାଚୀନ କାଳରୁ ବିପୁଳ ପରିମାଣରେ ନିର୍ମିତ ହୋଇ ଜଗନ୍ନାଥ ଉପାସନାର ବ୍ୟାପ୍ତି କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିଆସିଅଛି। ଦେଶରେ ପୁରୀ ପରେ ପଶ୍ଚିମବଙ୍ଗରେ ଶ୍ରୀରାମପୁର ରଥଯାତ୍ରା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପଶ୍ଚିମବଙ୍ଗର ସବୁଠାରୁ ବଡ଼ ରଥଯାତ୍ରା। ଶ୍ରୀରାମପୁରର ମହେଶ ଅଞ୍ଚଳରେ ପାଳିତଏହି ରଥଯାତ୍ରା ୧୩୯୬ରୁ ହର୍ଷ ଉଲ୍ଲାସ ସକାରେ ପାଳିତ ହେଉଛି। ସେହିପରି ବଙ୍ଗଳାର ମେଦିନୀପୁର, ହିଜିଳୀ, ଦାନ୍ତନ, କେସିୟାଡ଼ିଗଡ଼, ମହିଷାଦାଳ, ବାଙ୍କୁଡ଼ା, ବିଷ୍ଣୁପୁର, ମହେଶ, ତ୍ରିବେଣୀ ଘାଟ, କଲିକତା ନିକଟରେ ଗଙ୍ଗାନଦୀ କୂଳରେ ଥିବା ଜଗନ୍ନାଥଘାଟ, ଜଗନ୍ନାଥପଡ଼ା, ଜଗଦଲପୁର, ରଥତାଲା, ଚେଙ୍ଗଇଲର, ବିରଳାପୁର ଓ ଚାପଦନୀ ଠାରେ ଅନୁଷ୍ଠିତ ହେଉଥିବାବେଳେ ଗୁଜୁରାଟର ଅହମଦାବାଦର ରଥଯାତ୍ରା ଶହେ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ପାଳିତ ହୋଇଆସୁଛି। ଗୁଜୁରାଟରେ ବସବାସ କରୁଥିବା ଓଡ଼ିଆ ଧାର୍ମିକ ଭାବନାକୁ ଦୃଷ୍ଟିରେ ରଖି ଗୁଜୁରାଟ ସରକାର ରଥଯାତ୍ରାକୁ ଅଧିକ ପରିବ୍ୟାପ୍ତ କରି ପର୍ଯ୍ୟଟକଙ୍କ ପାଇଁ ଅନ୍ୟତମ ଆକର୍ଷଣରେ ପରିଣତ କରିଛନ୍ତି। ଗୁଜୁରାଟରେ ପୁରୀ ତୁଳନାରେ ଛୋଟ ରଥ ନିର୍ମିତ ହୋଉଥିଲେ ମଧ୍ୟ ଏଠାକାର ରଥଯାତ୍ରାର ସ୍ୱାତନ୍ତ୍ର୍ୟ ରହିଛି। ଗୁଜୁରାଟ ଭାବାନଗର, ଇଦୋଦରା, ଗାନ୍ଧି ନଗର, ସୁରଟ ଓ ପୋରବନ୍ଦରରେ ରଥଯାତ୍ରା ବେଶ ଧୁମଧାମରେ ପାଳିତ ହେଉଛି।

ମଧ୍ୟପ୍ରଦେଶର ବସ୍ତୁର, ରାୟଗଡ଼ା ରାଜନନ୍ଦ ଖାଁ, ରାଜିମ, ରତ୍ନପୁର,



ଦେଁଏସାଗଡ଼, ଜଗନ୍ନାଥପୁର, ମଲାର, ପୁସଭରଗାଁ, ଦନ୍ତେବାଡ଼ା, ବୁଧଧାରୀ, ଡୁଙ୍ଗରଗଡ଼, ଫୁଲଝର, ବିଳାସପୁର, ମହାନଦୀ ଓ ଜଙ୍କନଦୀର ସଙ୍ଗମସ୍ଥଳ ପ୍ରଭୃତି ଠାରେ ରହିଥିବା ଜଗନ୍ନାଥ ମନ୍ଦିରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଅନୁକ୍ରମେ ଛୋଟ ଛୋଟ ରଥରେ ଶ୍ରୀଜୀଉଙ୍କ ଏହି ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବିହାରର ଇନ୍ଦ୍ୟଦ୍ୟୁମ୍ନ ଗଡ଼, ଚକ୍ରଧରପୁର, ସଣୁଆଁ, ଭାଲୁରୁଙ୍ଗି, ଗାନ୍ଧୀଟେଲା, ଧଳଭୂମି, ଟାଟା, ରେରୁଆ, ନାଗଫେଣୀ ଓ ରାଞ୍ଚିରେ ରଥାଯାତ୍ରା ଅନୁଷ୍ଠିତ ହୋଇଥାଏ। ୧୬୯୧ ତତ୍କାଳୀନ ରାଜାଙ୍କ ଦ୍ୱାରା ଏହି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଥିବାବେଳେ ୧୯୯୨ରେ ଏହାର ପୁନର୍ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ତେବେ ଏଠିକାର ରଥଯାତ୍ରା ସମୟରେ ସ୍ଥାନୀୟ ଆଦିବାସୀ ଓ ଓଡ଼ିଆଙ୍କ ଦ୍ୱାରା ଜଗନ୍ନାଥଙ୍କ ରଥଯାତ୍ରା ବେଶ ଧୁମଧାମରେ ପାଳିତ ହୁଏ। ପାହାଡ଼ ଉପରେ ମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ପାହାଚ ବ୍ୟବସ୍ଥା ରହିବା ସହ ପାହାଡ଼ରେ ଗାଡ଼ିରେ ଚଢ଼ିବା ପାଇଁ ବ୍ୟବସ୍ଥା ରହିଛି। ସେହିପରି ଆସାମର ମିଶନୀ ଠାରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ମଣିପୁରର ରଥଯାତ୍ରା ସମ୍ପୂର୍ଣ୍ଣ ରୂପେ ସ୍ୱତନ୍ତ୍ର।

ମଣିପୁର ରଥଯାତ୍ରାକୁ ସେଠାକାର ଅଞ୍ଚଳବାସୀ କାଙ୍ଗିଙ୍ଗବା ନାମରେ ନାମିତ କରିଛନ୍ତି। ସେଠାକାର ହିନ୍ଦୁଙ୍କ ପାଇଁ ଏହା ଏକ ପ୍ରମୁଖ ପାର୍ବଣ। ମଣିପୁର ପରି ପାହାଡ଼ ଘେରା ଉପତ୍ୟକା ଅଞ୍ଚଳରେ ରଥଯାତ୍ରା ପ୍ରଥମେ ୧୮୩୨ ଖ୍ରୀଷ୍ଟାବ୍ଦରେ ମହାରାଜା ଗମ୍ଭୀର ସିଂହଙ୍କ ଅମଳରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ପର୍ବ ଅଞ୍ଚଳବାସୀଙ୍କ ପାଇଁ ଅଧିକ ଲୋକପ୍ରିୟ ହୋଇଥିଲା। ସେଠାକାର ଶ୍ରଦ୍ଧାଳୁ ଜଗନ୍ନାଥଙ୍କୁ ଜଗବନ୍ଧୁ ନାମରେ ସମ୍ବୋଧିତ କରିଥାଆନ୍ତି। ପ୍ରତିବର୍ଷ ଜଗନ୍ନାଥ ଏହି ଅଞ୍ଚଳବାସୀଙ୍କ ସହାୟତାରେ ୨୦ ଫୁଟ ରଥରେ ୬ଟି ଲୁହା ଚକ ବିଶିଷ୍ଟ ରଥରେ ବିଜେ ହୁଅନ୍ତି।

ସେହିପରି ବେଙ୍ଗାଲୁରୁର ୨୦୧୫ରୁ ରଥାଯାତ୍ରା ପାଳିତ ହେଉଛି। ବେଙ୍ଗାଲୁରୁରେ ବସବାସ କରୁଥିବା ୧୫ ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ ଓ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏହି ରଥଯାତ୍ରା ପାଳିତ ହୋଇଥାଏ। ଦେଶରେ ରାଜଧାନୀ ଦିଲ୍ଲୀର ହାଉଜ ଖାସ ଅଞ୍ଚଳରେ ରହିଛି ଶ୍ରୀଜଗନ୍ନାଥ ମନ୍ଦିର। ସେଠାରେ ପ୍ରତିବର୍ଷ ବେଶ ଧୁମଧାମରେ ରଥଯାତ୍ରା ପାଳିତ ହୋଇଥାଏ। ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଓ ଓଡ଼ଶା କଳା ଓ ସଂସ୍କୃତି କେନ୍ଦ୍ର ପକ୍ଷରୁ ଏହି ରଥଯାତ୍ରା ପାଳନ କରାଯାଏ। ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ରଥଯାତ୍ରା ପାଳନ କରାଯାଏ। ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ରଥଯାତ୍ରା ଅବସରରେ ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ କଳାର ପ୍ରଚାର ପ୍ରସାର କରାଯାଏ। ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆଙ୍କ ସମେତ ଦିଲ୍ଲୀବାସୀ ଉକ୍ତ ଦିନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ରଥ ଟାଣିଥାନ୍ତି। ସେହିପରି ଚେନ୍ନଇର ରେଡ୍ଡି କୁପମ ରୋଡ଼ରେ ୨୦୦୧ରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ପ୍ରତିବର୍ଷ ରଥଯାତ୍ରା ବେଶ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ। ଓଡ଼ିଶା ମନ୍ଦିର ନିର୍ମାଣ ଶୈଳୀରେ ଏହି ମନ୍ଦିର କରାଯାଇଛି। ତେବେ ଏଠାକାର ରଥ ସମ୍ପୂର୍ଣ୍ଣ ଭାବରେ ଷ୍ଟିଲରେ ନିର୍ମିତ। ଷ୍ଟିଲ ନିର୍ମିତ ରଥ ଉପରେ କାଠ ଓ ରଙ୍ଗ ବେରଙ୍ଗ ଲୁଗାରେ ସଜା ଯାଇଥାଏ। ଏହା ବ୍ୟତୀତ ମନ୍ଦିରର ଚର୍ତୁଃପାର୍ଶ୍ୱରେ ଥିବା ପଟ୍ଟଚିତ୍ର ଦକ୍ଷିଣ ଭାରତର ମନ୍ଦିରଠାରୁ ଭିନ୍ନ ରହିଛି।

ହାଇଦ୍ରାବାଦ ବଞ୍ଜାରା ହିଲ ରୋଡ଼ସ୍ଥିତ ଓଡ଼ିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ରଥଯାତ୍ରା ପାଳିତ ହୋଇଥାଏ। ୨୦୦୯ରେ ପ୍ରତିଷ୍ଠିତ ଏହି ମନ୍ଦିର ପରିସରରେ ରଥଯାତ୍ରା ଅବସରରେ ହଜାର ହଜାର ଭକ୍ତଙ୍କ ରୁଣ୍ଡ ହୋଇଥାଏ। ବାଲି ପଥରରେ ନିର୍ମିତ ଏହି ମନ୍ଦିରର ଉପର ଭାଗ ବେଶ ଆକର୍ଷଣୀୟ। ୬୦ଟି କୋଣରେ ବିଭିନ୍ନ ମନ୍ଦିରର ୭୦ ଫୁଟ ଉଚ୍ଚ ଚୂଡ଼ା ମନ୍ଦିରର ବିଶେଷତ୍ୱ। ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ମାନବ ଜାତିର ଏକ ମହାମିଳନର ପର୍ବ। ଏହି ଆଲେଖ୍ୟ ସମୟରେ ମନେପଡ଼ୁଛି କବି ଶାରିଆ ଭିକଙ୍କ ଆତ୍ମହରା ଭରା ଭକ୍ତି ନିବେଦନ - 'ଥକା ମନ ଚାଲ ଯିବା, ଚକାନୟନ ଦେଖିବା। ଶଙ୍ଖନାଭି ମଣ୍ଡଳରେ ବେନିନେତ୍ର ପଖାଳିବା।'

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ**
**ମୋବାଇଲ୍: ୯୧୩୨୪୩୩୩୩୩**

# ଶ୍ରୀମନ୍ଦିରର ବାଇଶିପାହାଚ ଓ ତାହାର ତତ୍ତ୍ୱ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ବାଇଶି ପାହାଚରେ ପ୍ରତି ପାହାଚର ଉଚ୍ଚ ୬ରୁ ୭ଇଞ୍ଚ, ଓସାର ୬ଫୁଟ ଓ ଲମ୍ବ ୭୦ଫୁଟ ରହିଛି। ଏହାର ଅଷ୍ଟାଦଶ ପାହାଚଟିର ପ୍ରସ୍ଥ ୧୫ ଫୁଟ, ଆନନ୍ଦବଜାର ପ୍ରବେଶ ମାର୍ଗରେ ଏହାର ୧୯ ଓ ୨୦ ତମ ପାହାଚ ରହିଛି। ଯାହା ଅର୍ଦ୍ଧଗୋଲାକାର। ଏହାର ପ୍ରବେଶ ମାର୍ଗର ତୃତୀୟ ପାହାଚରେ କାଶୀବିଶ୍ୱନାଥ ମନ୍ଦିର ରହିଛି। ଜନଶ୍ରୁତି ଅନୁଯାୟୀ ରାଜା ଭାନୁଦେବ ବାଇଶି ପାହାଚ ନିର୍ମାଣ କରିଥିଲେ। ବାଇଶି ପାହାଚ ନିର୍ମାଣ କରିଥିବାରୁ ତାଙ୍କ ପୁତ୍ର ବିପଦମୁକ୍ତ ହୋଇଥିବା କୁହାଯାଏ।

ପୁରୀ ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ସିଂହଦ୍ୱାର ଦେଇ ପ୍ରବେଶ କରିଲେ ପ୍ରଥମେ ବାଇଶି ପାହାଚ ଦେଇ ଯିବାକୁ ପଡେ ଆଉ ଏହି ପାହଚକୁ ବହୁତ ପୂଣ୍ୟ ଓ ପବିତ୍ର ମନେକରାଯାଏ। ବଉଳମାଳା ମାଙ୍କଡ଼ା ପଥରରେ ତିଆରି ବାଇଶି ପାହାଚର ନିର୍ମାଣ ସମ୍ପର୍କରେ ଏକ କିମ୍ବଦନ୍ତି ପ୍ରଚଳିତ। କିମ୍ବଦନ୍ତୀ ମତେ ନିଃସନ୍ତାନ ରାଜା ଭାନୁଦେବ ଜମ୍ବେଶ୍ୱରଙ୍କୁ ଆରାଧନା କରି ପୁତ୍ର ସନ୍ତାନଟିଏ ଲାଭକଲେ। ଜାତକରୁ ରାଜା ଜାଣିଲେ ତାଙ୍କ ପୁତ୍ରର ଆୟୁଷ କେବଳ ୨୨ବର୍ଷ। ଏହା ଜାଣିପାରି ରାଜା ଭାନୁଦେବ ପୁନଶ୍ଚ ଜମ୍ବେଶ୍ୱରଙ୍କୁ ଆରାଧନା କଲେ। ଜମ୍ବେଶ୍ୱର ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀମନ୍ଦିର ଭିତରେ ବାଇଶି ପାହାଚ ନିର୍ମାଣ କରିବାକୁ ଆଜ୍ଞା ଦେଲେ। ରାଜା ବାଇଶି ପାହାଚ ନିର୍ମାଣ କରି ତାଙ୍କ ସନ୍ତାନର ଆୟୁ ବୃଦ୍ଧି ପାଇଁ ସେହି ବାଇଶି ପାହାଚରେ ଗଡ଼ାଇ ଦେଇଥିଲେ। ଶ୍ରଦ୍ଧାଳୁମାନେ ସେଥିପାଇଁ ନିଜ ନିଜ ପିଲାମାନଙ୍କର ଆୟୁଷ ବୃଦ୍ଧି ନିମନ୍ତେ ବାଇଶି ପାହାଚରେ ଗଡ଼ାଇ ଦେଇଥାନ୍ତି। ବାଇଶି ପାହାଚରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ। ଭକ୍ତମାନେ ବର୍ଷତମାମ ବାଇଶି ପାହାଚ ବାଟଦେଇ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବାକୁ ଯାଉଥିବା ବେଳେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଶ୍ରୀଜୀଉମାନେ ଶ୍ରୀମନ୍ଦିରର ରତ୍ନସିଂହାସନ ଛାଡ଼ି ବାଇଶି ପାହାଚ ବାଟ ଦେଇ ବଡ଼ଦାଣ୍ଡରେ ଥିବା ରଥକୁ ଆସିଥାନ୍ତି।

ଏହି ବାଇଶି ପାହାଚ ହେଉଛି ତତ୍ତ୍ୱମୟ ଓ ପବିତ୍ରମୟ। ବିଶ୍ୱାସ ଅଛି ଯେ, ପ୍ରତ୍ୟେକ ମଣିଷ ୨୨ ପ୍ରକାର ପାପରୁ ମୋକ୍ଷ ନିମନ୍ତେ ୨୨ ପାହାଚ ଅତିକ୍ରମ କରିବା ଆବଶ୍ୟକ। ୨୨ ପାହାଚ ଯୋଗ ବିଦ୍ୟା ବର୍ଣ୍ଣିତ ୨୨ଟି ସ୍ତରର ପ୍ରତୀକ। ବାଇଶି ପାହାଚରେ ଦ୍ୱିତୀୟ ସୋପାନରେ ରହିଛି ଯମଶିଳା। ଶ୍ରଦ୍ଧାଳୁମାନେ ଏହି ଶିଳାକୁ ସ୍ପର୍ଶ କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଅକାଳ ମୃତ୍ୟୁ ହୁଏ ନାହିଁ ଓ ସମସ୍ତ ପାପ ନାଶ ହୋଇ ଜୀବ ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ରହିଛି। ବାଇଶି ପାହାଚର ତାତ୍ତ୍ୱିକ ମାହାତ୍ମ୍ୟ ଉପରେ ଅନେକ ବିଶ୍ୱାସ ପ୍ରଚଳିତ। କେତେକଙ୍କ ମତରେ ଦଶ ଅବତାର ଗୁଡ଼ିକର ଗୋଡ଼ ସଂଖ୍ୟା ମିଶି ବାଇଶି ହୋଇଥିବାରୁ ସେହି ଅନୁସାରେ ବାଇଶି ପାହାଚ ହୋଇଛି। ଦ୍ୱିତୀୟତଃ ପରଂବ୍ରହ୍ମ ହିରଣ୍ୟ ଗର୍ଭରେ ପଦ୍ମାସନରେ ଥାଆନ୍ତି। ଏହି ରତ୍ନବେଦୀ ନିକଟକୁ ଯିବାକୁ ହେଲେ ଅଷ୍ଟ ବୈକୁଣ୍ଠ ଓ ଚଉଦ ଭୁବନ ଦେଇ ଯିବାକୁ ହୁଏ। ଅଷ୍ଟ ବୈକୁଣ୍ଠ ଯଥା- ଶ୍ରୀବୈକୁଣ୍ଠ, କୈବଲ୍ୟ ବୈକୁଣ୍ଠ, କାରଣାର୍ଣ୍ଣବ ବୈକୁଣ୍ଠ, ଶେଷଶାୟୀ ବୈକୁଣ୍ଠ, ଶ୍ୱେତଦୀପ ବୈକୁଣ୍ଠ, ପରବେଶ୍ୟାମ ବୈକୁଣ୍ଠ ଗର୍ଭୋଦକ ଶାୟୀ ବୈକୁଣ୍ଠ ଓ କୈଳାସ ବୈକୁଣ୍ଠ। ଏହି ଅଷ୍ଟ ବୈକୁଣ୍ଠ ନିମ୍ନରେ ଚଉଦ ଭୁବନ ବିଦ୍ୟମାନ। ଚଉଦ ଭୁବନ ମଧ୍ୟରେ ସପ୍ତ ଭୁବନ ମର୍ତ୍ତ୍ୟରେ ଓ ସପ୍ତଭୁବନ ପାତାଳରେ ଭୂମ୍ପା, ଭୁବ, ସ୍ୱା, ମହ, ଜନ, ତପ ଓ ସତ୍ୟ ଏବଂ ସପ୍ତ ପାତାଳ ହେଉଛି ଅତଳ, ସ୍ୱତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ। ତେଣୁ ଅଷ୍ଟ ବୈକୁଣ୍ଠ ଓ ଚଉଦ ଭୁବନ ତଥା ସପ୍ତ ମର୍ତ୍ତ୍ୟ ଓ ସପ୍ତ ପାତାଳ ମିଶି ବାଇଶି ଯାହାକି ବାଇଶି ପାହାଚର ପ୍ରତୀକ ରୂପେ ସୂଚିତ ହୋଇଛି।

ଭାଗବତ ହେଉଛି ଜଗନାଥଙ୍କ ହୃଦୟର ଭାଷା ସ୍ୱରୂପ। ଏହା ଦ୍ୱାଦଶ ଯାହା ୧୨ ଖଣ୍ଡ ସହିତ ବାସୁଦେବ, ନୃସିଂହ, ରାମକୃଷ୍ଣ, ନାରାୟଣ, ଗୋବିନ୍ଦ, ମାଧବ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, କମଳା ଓ ଭୁବନେଶ୍ୱରୀ। ବାରଖଣ୍ଡ ଭାଗବତ ଓ ଦଶ ଦେବାଦେବୀ ମିଶି ବାଇଶି ସଂଖ୍ୟା ହେଉଛି ବାଇଶି ପାହାଚର ପ୍ରତିଫଳନ। ପଞ୍ଚମାତ୍ରା, ପଞ୍ଚଭୂତ, ପଞ୍ଚବୀଜ, ପଞ୍ଚଦେବଙ୍କ ସହିତ ଜୀବ ଓ ପରମ ଦୁଇ ମିଶି ବାଇଶି, ଏହାର ପ୍ରତୀକାତ୍ମକ ହେଉଛି ବାଇଶି ପାହାଚ। ଅନ୍ୟ କେତେକଙ୍କ ମତରେ ବାଇଶିଟି ତୀର୍ଥ ଭୂମିର ସ୍ୱରୂପ ବାଇଶି ତତ୍ତ୍ୱର ପ୍ରତୀକ ଓ ବାଇଶିଟି ଭାବର ପ୍ରତୀକ ହେଉଛି ବାଇଶି ପାହାଚ। ପଞ୍ଚରସ, ଅଷ୍ଟାତାଲ୍ୱିକ ଭାବ, ତ୍ରିବୀଜ, ତ୍ରିଶକ୍ତି, ତ୍ରିଗୁଣର ସମାହାର ହେଉଛି ବାଇଶି। ଯାହାକି ବାଇଶି ପାହାଚରେ ପ୍ରତିଫଳିତ ରୂପେ କେତେକ କହନ୍ତି। ତେଣୁ ବାଇଶି ପାହାଚ ହେଉଛି ଅତ୍ୟନ୍ତ ତତ୍ତ୍ୱପୂର୍ଣ୍ଣ ଓ ରହସ୍ୟମୟ। ବାଇଶି ପାହାଚ କୁହାଯାଉଥିଲେ ମଧ୍ୟ ତାହା ବାସ୍ତବରେ ୨୦ଟି ପାହାଚ ରହିଛି। ପୁରୁଣା ବା ମୂଳ ସିଂହଦ୍ୱାରଠାରୁ ନୂଆ ସିଂହଦ୍ୱାର ପର୍ଯ୍ୟନ୍ତ ଲାଗିଥିବା ଏହି ପାହାଚକୁ ବାଇଶି ପାହାଚ ବୋଲି କୁହାଯାଏ। ପୂର୍ବରୁ ଏଠାରେ ମହାପ୍ରସାଦ ବିକ୍ରି ହେଉଥଲା। ଭକ୍ତମାନେ ମହାପ୍ରସାଦ ଓ କୈବଲ୍ୟ ପାଉଥଲେ। ସେଥିପାଇଁ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଲେଖିଛନ୍ତି - "ବାଇଶି ପାବଚ୍ଛ ଗଲି ସୁଖେ, କୈବଲ୍ୟ ପସରା ବେନି ପାଶେ। ଚାଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରିଯନ୍ତେ, କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ।"

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଜୀବନ ରଥ: ଶ୍ରୀଜଗନ୍ନାଥ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ। ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜ୍ଜୁନଙ୍କୁ କହିଛନ୍ତି - ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ପରବ୍ରହ୍ମ ସନାତନ ଆଦି-ଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି। ଏହି ଅବତାର ବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ, ଓ କଳିଯୁଗର ଶେଷ ଅବତାର କଳକୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ସ୍ନାତ, ପରିପୁଷ୍ଟ ଓ ସ୍ୱୟଂସିଦ୍ଧ। ନୀଳାଚଳଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ। ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତ ମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇଯାଇଥିଲେ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି। ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ସ୍ୱୀକୃତ। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ। ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି। ଜୀବନ ହେଉଛି ଏକ ରଥଯାତ୍ରା। ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ। ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। ଇଷ୍ଟଲାଗି କର୍ମ କର। ତାହା ହିଁ ହେଲା ପୁଣ୍ୟେଭରା। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ। ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ। ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।

**ପ୍ରତିରତ୍ୱିକ ଓ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍: ୯୪୩୭୦୫୧୯୫୭**



# ଦୁଷ୍କର୍ମର ରାଜଧାନୀ ପାଲଟିଛି ପଶ୍ଚିମବଙ୍ଗ

## ମହିଳା ସୁରକ୍ଷା ପ୍ରସଙ୍ଗରେ ଅସହାୟ ମମତା ସରକାର

**ଆଇନ ମହାବିଦ୍ୟାଳୟ ଗଣଦୁଷ୍କର୍ମ ମାମଲା**

**ପୀଡିତାଙ୍କ ଅଭିଯୋଗ ଆଧାରରେ ୩ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ**




**କୋଲକାତା,୨୭।୬:** ଦକ୍ଷିଣ କୋଲକାତାର ସାଉଥ କାଲକାତା ଲ କଲେଜରେ ଜଣେ ୨୪ ବର୍ଷୀୟ ଆଇନ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ମାମଲା ଧିରେଧିରେ ତେଜିବାରେ ଲାଗିଛି। ଏହି ଘଟଣାରେ ପୋଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ମନୋଜିତ ମିଶ୍ର (୩୧), ସେହି କଲେଜର ପ୍ରଥମ ବର୍ଷର ଛାତ୍ର ଜାଇବ ଅହମଦ (୧୯) ଏବଂ ଅନ୍ୟ ଜଣେ ଛାତ୍ର ପ୍ରମିତ ମୁଖାର୍ଜୀ (୨୦) ରହିଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ମନୋଜିତ ଜଣେ ପୂର୍ବତନ ଛାତ୍ର ତଥା ତୃଣମୂଳ କଂଗ୍ରେସର ଛାତ୍ର ସଂଗଠନ ଛାତ୍ର ପରିଷଦର ଦକ୍ଷିଣ କୋଲକାତା ଜିଲ୍ଲାର ସାଧାରଣ ସମ୍ପାଦକ ଭାବେ କର୍ଯ୍ୟ କରୁଥିବା ନେଇ ସୂଚନା ମିଳିଛି। ଏହି ଘଟଣା ଗତ ବୁଧବାର (୨୫ ଜୁନ ୨୦୨୫) ସନ୍ଧ୍ୟା ୭ଟା ୩୦ ରୁ ୧୦ଟା ୫୦ ମଧ୍ୟରେ ମହାବିଦ୍ୟାଳୟ ପରିସରରେ ଘଟିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣଙ୍କ ପରୀକ୍ଷା ଫର୍ମ ଜମା ଦେବା ପାଇଁ କଲେଜକୁ ଆସିଥିଲେ। ଏହି ସମୟରେ ମନୋଜିତ ମିଶ୍ର ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ, କିନ୍ତୁ ତାଙ୍କର ପୂର୍ବରୁ ଜଣେ ପୁରୁଷ ବନ୍ଧୁଙ୍କ ସହ ସମ୍ପର୍କ ଥିବା କାରଣରୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ପରେ ଅଭିଯୁକ୍ତମାନେ ତାଙ୍କୁ ଜବରଦସ୍ତ ଗାର୍ଡ ରୁମକୁ ନେଇ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ରହିଛି। ଛାତ୍ରୀ ଜଣଙ୍କ ଅଭିଯୋଗ କରିଛନ୍ତି ଯେ ଅଭିଯୁକ୍ତମାନେ ତାଙ୍କୁ ଏବଂ ତାଙ୍କ ପ୍ରେମିକଙ୍କୁ ମାରିଦେବା ସହ ତାଙ୍କ ପିତାମାତାଙ୍କୁ ଗିରଫ କରାଇବାର ଧମକ ଦେଇଥିଲେ। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଅଭିଯୁକ୍ତମାନେ ଦୁଷ୍କର୍ମର ଭିଡିଓ ରେକର୍ଡ କରି ତାଙ୍କୁ ବ୍ଲାକମେଲ କରିଥିଲେ ଏବଂ ତୃଣମୂଳର ଛାତ୍ର ସଂଗଠନ ପ୍ରତି ନିଷ୍ଠା ଦେଖାଇବାକୁ ବାଧ୍ୟ କରିଥିଲେ। ପୋଲିସ ବୁଧବାର ରାତିରେ କସବା ଅଞ୍ଚଳରେ ମନୋଜିତ ମିଶ୍ର ଏବଂ ଜାଇବ ଅହମଦଙ୍କୁ ଗିରଫ କରିଥିଲା ଏବଂ ପ୍ରମିତ ମୁଖାର୍ଜୀଙ୍କୁ ଗୁରୁବାର ମଧ୍ୟରାତ୍ରିରେ ତାଙ୍କ ବାସଭବନରୁ ଗିରଫ କରାଯାଇଥିଲା। ତିନି ଅଭିଯୁକ୍ତଙ୍କ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର ଆଲିପୁର ଅତିରିକ୍ତ ମୁଖ୍ୟ ବିଚାରପତି ମାଜିଷ୍ଟ୍ରେଟ ଅଦାଲତରେ ହାଜର କରାଯାଇଥିଲା। ଯେଉଁଠାରେ ସେମାନଙ୍କୁ ୪ ଦିନ ପାଇଁ ପୋଲିସ ହେପାଜତକୁ ପଠାଯାଇଛି। ଛାତ୍ରୀଙ୍କର ପ୍ରାଥମିକ ଚିକିତ୍ସା ପରୀକ୍ଷା କରାଯାଇଛି ଏବଂ ଅନେକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ଅପରାଧ ସ୍ଥଳକୁ ସିଲ କରାଯାଇଛି ଏବଂ ଫରେନସିକ ପରୀକ୍ଷା ପାଇଁ ସୁରକ୍ଷିତ ରଖାଯାଇଛି। ଏହି ଘଟଣା ପଶ୍ଚିମବଙ୍ଗରେ ରାଜନୈତିକ ବିବାଦର କାରଣ ହୋଇଛି। ବିରୋଧୀ ଦଳ ବିଜେପିର ନେତା ସୁବେନ୍ଦୁ ଅଧିକାରୀ ଏବଂ ଅମିତ ମାଲବୀୟ ଏହି ଘଟଣାକୁ "ଭୟଙ୍କର" ବୋଲି ଅଭିହିତ କରି ମମତା ବାନାର୍ଜୀ ସରକାରଙ୍କୁ ମହିଳାଙ୍କ ସୁରକ୍ଷା ପ୍ରତି ଅବହେଳା ଅଭିଯୋଗରେ ଟାର୍ଗେଟ କରିଛନ୍ତି। ସେମାନେ ଏହାକୁ ଗତ ବର୍ଷ ଆରଜି କର ମେଡିକାଲ କଲେଜରେ ହୋଇଥିବା ଦୁଷ୍କର୍ମ ଓ ହତ୍ୟା ମାମଲା ସହ ଯୋଡି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ, ତୃଣମୂଳ କଂଗ୍ରେସ ଏକ ବୟାନରେ ଏହି ଘଟଣାର ନିନ୍ଦା କରିଛି ଏବଂ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଛି। ଜାତୀୟ ମହିଳା ଆୟୋଗ (ଏନସିଡବ୍ଲୁ) ମଧ୍ୟ ଏହି ଘଟଣାର ଗମ୍ଭୀରତା ଦେଖି କୋଲକାତା ପୋଲିସ କମିଶନରଙ୍କୁ ଚିଠି ଲେଖି ୩ ଦିନ ମଧ୍ୟରେ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ଘଟଣା କୋଲକାତାରେ ମହିଳାଙ୍କ ସୁରକ୍ଷା ପ୍ରତି ପୁଣି ଥରେ ପ୍ରଶ୍ନ ଉଠାଇଛି, ଯାହା ଆରଜି କର ମାମଲା ପରେ ସାରା ଦେଶରେ ବିକ୍ଷୋଭର କାରଣ ହୋଇଥିଲା। ତେବେ ଏ ମାମଲା ନେଇ ତଦନ୍ତ ଜାରି ରହିଛି ଏବଂ ପୋଲିସ ଅଧିକ ପ୍ରମାଣ ସଂଗ୍ରହ କରୁଛି।

---

### ରଥଟଣା ବେଳେ ଡିଜେ ବାଜିବା କାଳ

# ବେକାବୁ ହେଲେ ଗଜରାଜ, ସଂଖ୍ୟାଧିକ ଆହତ

**ଅହମଦାବାଦ,୨୭।୬:** ୧୪୮ତମ ଜଗନ୍ନାଥ ରଥଯାତ୍ରା ଅହମଦାବାଦରେ ଚାଲିଛି। ଏହି ଯାତ୍ରା ସମୟରେ ହାତୀ ନିୟନ୍ତ୍ରଣ ହରାଇ ବସିଥିଲା। ଭିଡ଼ରେ ପ୍ରଚଣ୍ଡ ଶବ୍ଦରେ ଅନିୟନ୍ତ୍ରିତ ହାତୀଟି ଏପଟ ସେପଟ ଦୌଡ଼ିବାକୁ ଲାଗିଥିଲା ଏବଂ ଆଖପାଖ ଲୋକଙ୍କ ମଧ୍ୟରେ ଚଳଚଞ୍ଚଳ ସୃଷ୍ଟି ହୋଇଥିଲା। ବହୁ ଚେଷ୍ଟା ପରେ ଶେଷରେ ମାହୁନ୍ତମାନେ ହାତୀଟିକୁ ନିୟନ୍ତ୍ରଣକୁ ଆଣିଥିଲେ। ସୂଚନାଯୋଗ୍ୟ, ଅହମଦାବାଦ ଜଗନ୍ନାଥଙ୍କ ଏହି ରଥଯାତ୍ରାରେ ହଜାର ହଜାର ଭକ୍ତ ଏକାଠି ହୁଅନ୍ତି। ଏହି ସମୟରେ, ତିନୋଟି ହାତୀ ନିୟନ୍ତ୍ରଣ ବାହାରକୁ ଯିବାରୁ, ଭିଡ଼ରେ ଉପସ୍ଥିତ ଲୋକମାନେ ମଧ୍ୟ ଦୌଡ଼ିବାକୁ ଲାଗିଥିଲେ। ହାତୀକୁ ଦେଖି ସେଠାରେ ଥିବା ଲୋକ ଭୟଭୀତ ହୋଇଯାଇଥିଲେ। ଅହମଦାବାଦ ରଥଯାତ୍ରା ରାସ୍ତାରେ ଖଡିଆ ଭିଡ଼ର ପଡ଼ିଥାଏ, ଯେଉଁଠାରୁ ହାତୀ ନିୟନ୍ତ୍ରଣ ବାହାରକୁ ଯିବାର ଭିଡିଓ ଭାଇରାଲ ହୋଇଥିଲା। ଭିଡ଼ର ଜୋର ଶବ୍ଦରେ ଗୋଟିଏ ହାତୀ ରାଗିଯାଇ ଦୌଡ଼ିବାକୁ ଲାଗିଲା। ସେହି ହାତୀକୁ ଦେଖି ଅନ୍ୟ ଦୁଇଟି ହାତୀ ମଧ୍ୟ ନିୟନ୍ତ୍ରଣ ବାହାରକୁ ଚାଲିଗଲେ। କୁହାଯାଉଛି ଯେ ଯାତ୍ରା ସମୟରେ ୫-୬ଟି ହାତୀ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲେ। ଏମିମଧ୍ୟରୁ ତିନୋଟି ହାତୀ ଖାଡିଆର ରାସ୍ତାରେ ଦୌଡ଼ିବାକୁ ଲାଗିଲେ।



---

## ଏୟାର ଇଣ୍ଡିଆ ବିମାନକୁ ବୋମା ଧମକ

**ନୂଆଦିଲ୍ଲୀ,୨୭।୦୬:** ଗତ କିଛି ଦିନ ହେବ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି ଏୟାର ଇଣ୍ଡିଆ ବିମାନ । କିଛି ବିମାନକୁ ବାତିଲ କରାଯାଉଥିବା ବେଳେ ଆଉ କିଛି ବିମାନକୁ ମଝି ଆକାଶରୁ ଫେରାଇ ଦିଆଯାଉଛି । ଏପରି ପରିସ୍ଥିତିରେ ଏବେ ପୁଣିଥରେ ଏୟାର ଇଣ୍ଡିଆ ବିମାନକୁ ବୋମା ଧମକ ମିଳିଛି। ସୂଚନା ମୁତାବକ, ଆଜି ସକାଳୁ ମୁମ୍ବାଇରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନର ଜଣେ କ୍ରୁ ମେମ୍ବରଙ୍କୁ ଏକ ଧମକପୂର୍ଣ୍ଣ ଚିଠି ମିଳିଛି । ଯେଉଁଥିରେ ଏୟାର ଇଣ୍ଡିଆ ବିମାନ ୨୯୪୮ରେ ବୋମା ଅଛି ବୋଲି ଧମକ ଆସିଛି । ଏହାପରେ ବିମାନକୁ ତୁରନ୍ତ ଯାଞ୍ଚ କରାଯାଇଥିଲା । କିନ୍ତୁ ଟିମଙ୍କୁ କିଛି ମିଳିନଥିଲା । ଘଣ୍ଟାର ତଦନ୍ତ ପରେ ଏହାକୁ ଏକ ଫେକ୍ କଲ ବୋଲି ଘୋଷଣା କରାଯାଇଥିଲା। ତେବେ ବାରମ୍ବାର ବାରମ୍ବାର ଏଭଳି ଧମକପୂର୍ଣ୍ଣ କଲକୁ ନେଇ ଏୟାର ଇଣ୍ଡିଆର ସମସ୍ତ ସଦସ୍ୟ ଚିନ୍ତା ପ୍ରକଟ କରିଛନ୍ତି । ଏହା ସହିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରି ଦିଆଯାଇଛି । ସେପଟେ କିଏ ଏମିତି ମିଥ୍ୟା ଧମକ ଦେଉଛି ଏନେଇ ତଦନ୍ତ ଜାରି ରଖିଛି ପୁଲିସ ।

---

### ଲୁଧିଆନାରେ ଚାଞ୍ଚଲ୍ୟ

## ନୀଳ ଡ୍ରମରୁ ମିଳିଲା ମୃତଦେହ, ପରିଚୟ ମିଳିନି



**ଲୁଧିଆନା,୨୭।୬:** ପଞ୍ଜାବର ଲୁଧିଆନାର ଶେରପୁର ଅଞ୍ଚଳରେ ଏକ ଭୟଙ୍କର ଘଟଣା ସାମ୍ନାକୁ ଆସିଛି। ଖବର ମୁତାବକ, ଗତ ବୁଧବାର ସକାଳେ ଏକ ଖାଲି ପ୍ଲଟରେ ରଖାଯାଇଥିବା ନୀଳ ରଙ୍ଗର ପ୍ଲାଷ୍ଟିକ ଡ୍ରମରୁ ଦୁର୍ଗନ୍ଧ ଆସୁଥିବା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଏନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରମ ଖୋଲିବାରୁ ଏକ ପ୍ଲାଷ୍ଟିକ ବସ୍ତାରେ ମୋଡ଼ି ରଖାଯାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା। ମୃତଦେହର ଗଳା ଏବଂ ଗୋଡ଼କୁ ଦଉଡ଼ିରେ ବନ୍ଧା ହୋଇଥିବା ଦେଖାଯାଇଥିଲା। ଯାହା ହତ୍ୟାର ସନ୍ଦେହକୁ ଦ୍ୱିଗୁଣିତ କରିଛି। ସ୍ଥାନିୟ ପୁଲିସ ଷ୍ଟେସନ ହାଉସ ଅଫିସର (ଏସଏଚଓ) କୁଲବନ୍ତ କୌରଙ୍କ ଅନୁଯାୟୀ, ମୃତ ବ୍ୟକ୍ତିଜଣଙ୍କର ବୟସ ପ୍ରାୟ ୪୦ ବର୍ଷ ହେବ ଏବଂ ସେ ଜଣେ ପ୍ରବାସୀ ଶ୍ରମିକ ହୋଇପାରନ୍ତି। ମୃତଦେହର ଅବସ୍ଥା ଦେଖି ଅନୁମାନ କରାଯାଉଛି ଯେ ତାଙ୍କର ମୃତ୍ୟୁ ଅତି କମରେ ଦୁଇ ଦିନ ପୂର୍ବେ ହୋଇଥାଇପାରେ। ଡ୍ରମଟି ନୂଆ ଦେଖାଯାଉଥିବାରୁ ପୁଲିସ ଏହାକୁ ଏକ ସୁପରିକଳ୍ପିତ ହତ୍ୟା ମାମଲା ବୋଲି ସନ୍ଦେହ କରୁଛି। ଏହି ଘଟଣା ମେରଟରେ ଘଟିଥିବା ଏକ ସମାନ ହତ୍ୟାକାଣ୍ଡକୁ ମନେ ପକାଇ ଦେଇଛି। ଆପଣଙ୍କୁ ଜଣାଇ ରଖୁ ଯେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଉତ୍ତରପ୍ରଦେଶର ମେରଟରେ ଜଣେ ପୂର୍ବତନ ମର୍ଚାଣ୍ଟ ନେଭି ଅଫିସରଙ୍କୁ ହତ୍ୟା କରି ମୃତଦେହକୁ ତାଙ୍କ ପତ୍ନୀ ଓ ପତ୍ନୀଙ୍କ ପ୍ରେମିକ ଏକ ନୀଳ ଡ୍ରମରେ ଭର୍ତ୍ତୀ କରି ତା ଉପରେ ସିମେଣ୍ଟ ଢାଳେଇ କରି ଦେଇଥିଲେ।

---

## ଲେବାନନ ଉପରେ ଆକ୍ରମଣ କଲା ଇସ୍ରାଏଲ୍



**ଜେରୁଜେଲମ,୨୭।୬:** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ୧୨ ଦିନିଆ ଭୟଙ୍କର ଯୁଦ୍ଧ ଶେଷରେ ଥମିଛି। ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ହୋଇଛି। ଏହା ବିଶ୍ୱାସ କରାଯାଉଥିଲା ଯେ, ଏବେ ମଧ୍ୟପ୍ରାଚ୍ୟର ପରିସ୍ଥିତି କିଛିଟା ସ୍ୱାଭାବିକ ହେବ। କିନ୍ତୁ ଇସ୍ରାଏଲ ହଠାତ୍ ଲେବାନନ ଆଡକୁ ଧ୍ୟାନ ଦେଇଛି। ଶୁକ୍ରବାର ଇସ୍ରାଏଲ ଦକ୍ଷିଣ ଲେବାନନରେ ବଡ଼ ଧରଣର ବିମାନ ଆକ୍ରମଣ କରିଥିଲା, ଯାହା ସମଗ୍ର ଅଞ୍ଚଳରେ ଭୟଙ୍କର ବାତାବରଣ ସୃଷ୍ଟି କରିଥିଲା। ଇସ୍ରାଏଲୀ ଯୁଦ୍ଧ ବିମାନର ଗର୍ଜନ ସହିତ ଏହି ଅଞ୍ଚଳରେ ଅନେକ ଜୋରଦାର ବିସ୍ଫୋରଣ ଶୁଣାଯାଇଥିଲା। ଏହା ବ୍ୟତୀତ ଦକ୍ଷିଣ ଲେବାନନର ଅନେକ ସ୍ଥାନରେ ଡ୍ରୋନ ମଧ୍ୟ ଉଡୁଥିବା ଦେଖାଯାଇଥିଲା। ଇସ୍ରାଏଲୀ ସେନା କହିଛି, ଏହା ହିଜବୋଲାର କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଏହି ଆକ୍ରମଣ କରିଥିଲା। ଦକ୍ଷିଣ ଲେବାନନର ନାବାଟିଆହ ଅଲ-ଫୌକା ଏବଂ ଇକଲିମ ଅଲ-ତୁଫା ପାହାଡ଼ ଉପରେ ଅନେକ ସ୍ଥାନକୁ ଟାର୍ଗେଟ କରାଯାଇଥିଲା।

---

## ବାଂଲାଦେଶରେ ପୁଣି ଭାଙ୍ଗିଲା ହିନ୍ଦୁ ମନ୍ଦିର!

● ଆପତ୍ତିଜନକ ଅବସ୍ଥାରେ ମିଳିଲା ମା'ଦୁର୍ଗାଙ୍କ ମୂର୍ତ୍ତି



**ଢାକା,୨୭।୬:** ପୁଣିଥରେ ବାଂଲାଦେଶରେ ହିନ୍ଦୁ ଏବଂ ସେମାନଙ୍କ ବିଶ୍ୱାସ ଉପରେ ଆକ୍ରମଣ ହୋଇଛି। ବାଂଲାଦେଶରେ ମା' ଦୁର୍ଗାଙ୍କ ମନ୍ଦିର ଭଙ୍ଗାଯାଇଛି। ବାଂଲାଦେଶର ଏହି ଘୃଣ୍ୟ କାର୍ଯ୍ୟର ଭାରତ ତୀବ୍ର ବିରୋଧ କରିଛି। ଭାରତ ସରକାର କହିଛି ଯେ ହିନ୍ଦୁ ଏବଂ ସେମାନଙ୍କ ଧାର୍ମିକ ପ୍ରତିଷ୍ଠାନଗୁଡ଼ିକୁ ସୁରକ୍ଷା ଦେବା ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଦାୟିତ୍ୱ। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀରଜ୍ୱାଲ କହିଛନ୍ତି ଯେ ଭାରତ ପାରସ୍ପରିକ ଲାଭଦାୟକ ଆଲୋଚନା ପାଇଁ ଅନୁକୂଳ ପରିବେଶରେ ସମସ୍ତ ପ୍ରସଙ୍ଗରେ ବାଂଲାଦେଶ ସହିତ କଥାବାର୍ତ୍ତା କରିବାକୁ ଚାହୁଁଛି। ଏହା ପରେ, ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଜୟସୱାଲ ଦୁର୍ଗା ମନ୍ଦିରରେ ଭଙ୍ଗାରୁଜା ପାଇଁ ବାଂଲାଦେଶୀ ଅଧିକାରୀମାନଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ମନ୍ଦିରକୁ ସୁରକ୍ଷା ଯୋଗାଇବା ପରିବର୍ତ୍ତେ, ମଧ୍ୟବର୍ତ୍ତୀକାଳୀନ ସରକାର ଏହି ଘଟଣାକୁ ଜମିର ଅବୈଧ ଦଖଲର ରୂପ ଦେଉଛି। ଆପଣ ନିଜେ ମନ୍ଦିରକୁ ନଷ୍ଟ କରିବାକୁ ଦେଇଥିଲେ। ବାଂଲାଦେଶରେ ଏପରି ଘଟଣା ଲଗାତାର ଘଟୁଥିବାରୁ ଆମେ ବହୁତ ଦୁଃଖିତ।

## ଦୁଇ ନାବାଳିକା ଝିଅଙ୍କୁ ବଳାତ୍କାର ଅଭିଯୋଗରେ ବାପା ଗିରଫ



**ଜୟପୁର,୨୭।୬:** ଜୟପୁରରେ ଜଣେ ବ୍ୟକ୍ତିଙ୍କୁ ନିଜର ଦୁଇ ନାବାଳିକା ଝିଅଙ୍କୁ ପ୍ରାୟ ୫ ବର୍ଷ ଧରି ବଳାତ୍କାର କରିଥିବା ଅଭିଯୋଗରେ ଗୁରୁବାର ଗିରଫ କରାଯାଇ ଜେଲ୍‌କୁ ପଠାଯାଇଛି। ଏକ ବରିଷ୍ଠ ପୋଲିସ ଅଧିକାରୀ ଏହି ସୂଚନା ଦେଇଛନ୍ତି। ପୋଲିସ ଝିଅମାନଙ୍କ ଏବଂ ସେମାନଙ୍କ ମାଆଙ୍କ ବୟାନ ଲୁଚା କ୍ୟାମେରା ମାଧ୍ୟମରେ ରେକର୍ଡ କରିବା ପରେ ଏକ ଏଫଆଇଆର ଦାୟର କରିଛି। ମାଆ ଜଣକ ସମାଜ ଏବଂ ତାଙ୍କ ସ୍ୱାମୀଙ୍କୁ ଭୟ କାରଣରୁ ମାମଲା ଦାୟର କରିବାକୁ ମନା କରିଥିଲେ। ମାମଲାଟି ସଦର ପୋଲିସ ଷ୍ଟେସନରେ ପଞ୍ଜୀକୃତ ହୋଇଥିଲା ଏବଂ ତଦନ୍ତ ଏକ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଡେପୁଟି କମିଶନର ଅଫ ପୋଲିସ (ପଶ୍ଚିମ) ଅମିତ କୁମାର ପିଟିଆଇକୁ କହିଛନ୍ତି, "୨୦ ଜୁନରେ, ମାଆ ଜଣକ ତାଙ୍କ ଦୁଇ ଝିଅଙ୍କୁ ନେଇ ପେଟ ବିନ୍ଧା ଅଭିଯୋଗ କରି ହସ୍ପିଟାଲରେ ପହଞ୍ଚିଥିଲେ। ଦୁହେଁ ଖରାପ ଅବସ୍ଥାରେ ଥିଲେ। ମାଆ ଡାକ୍ତରଙ୍କୁ କହିଥିଲେ ଯେ ଦୁଇ ଝିଅ ପେଟ ବିନ୍ଧା ଏବଂ ମାନସିକ ଚାପ ଅନୁଭବ କରୁଛନ୍ତି। ଡାକ୍ତର ଯେତେବେଳେ ଅଧିକ ଖୋଳତାଡ଼ କଲେ, ସତ୍ୟତା ପ୍ରକାଶ ପାଇଲା।" ଡିସିପି କହିଛନ୍ତି ଯେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇ ଜେଲ୍‌କୁ ପଠାଯାଇଛି। ଅମିତ କୁମାର କହିଛନ୍ତି ଯେ ୨୧ ଜୁନରେ, ଶିଶୁ ଶ୍ରମ ଏବଂ ଶିଶୁ ଯୌନ ହିଂସା ବିରୋଧରେ କାର୍ଯ୍ୟ କରୁଥିବା ସଂଗଠନ ଆସୋସିଏସନ ଫର ଭଲ୍ୟୁଣ୍ଟାରୀ ଆକ୍ସନକୁ ଆସରା ଫାଉଣ୍ଡେସନ ତରଫରୁ ସୂଚନା ମିଳିଥିଲା ଯେ ସଦର ପୋଲିସ ଷ୍ଟେସନ ଅଞ୍ଚଳର ଜଣେ ମହିଳା ତାଙ୍କ ଝିଅମାନଙ୍କ ଯୌନ ନିର୍ଯାତନ ସମ୍ପର୍କରେ କଥା ହେବାକୁ ଚାହୁଁଛନ୍ତି। ଏହା ଅନୁଯାୟୀ, ଏନଜିଓ ମହିଳାଙ୍କ ସହ ଯୋଗାଯୋଗ କରିଥିଲା। ମାଆ ଏବଂ ନାବାଳିକା ଝିଅମାନଙ୍କୁ ଏକ ସୁରକ୍ଷିତ ଏବଂ ଶାନ୍ତ ସ୍ଥାନକୁ ନେଇ ପରାମର୍ଶ ପାଇଁ ରଖାଯାଇଥିଲା।

---

## ନଦୀକୁ ଖସିଲା ବସ୍: ୩ ମୃତ, ୯ ନିଖୋଜ

**ଉତ୍ତରାଖଣ୍ଡ,୨୭।୬:** ରୁଦ୍ରପ୍ରୟାଗ ଜିଲ୍ଲାରେ ଆଜି ଅଳକାନନ୍ଦା ନଦୀକୁ ବସ ଖସି ପଡ଼ିବା ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି ଏବଂ ଅନ୍ୟ ୯ ଜଣ ନିଖୋଜ ଅଛନ୍ତି । ପୁଲିସ ଓ ଏସ୍‌ଡିଆରଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ବସ୍‌ଟି ବଦ୍ରିନାଥ ଯାଉଥିବା ବେଳେ ଡ୍ରାଇଭର ବସ୍ ଉପରୁ ନିୟନ୍ତ୍ରଣ ହରାଇଦେଇଥିଲେ ଏବଂ ବସ୍‌ଟି ନଦୀକୁ ଖସି ପଡ଼ିଥିଲା। ଦୁର୍ଘଟଣା ସଂକ୍ରାନ୍ତରେ ଖବର ପାଇ ପ୍ରଥମେ ସ୍ଥାନୀୟ ଲୋକ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ଅଧିକାଂଶ ଲୋକ ବସ୍‌ଟି ନଦୀକୁ ଖସିବା ପୂର୍ବରୁ ଡେଇଁ ପଡ଼ିବାରୁ ବଞ୍ଚି ଯାଇଛନ୍ତି। ପୁଲିସ, ପ୍ରଶାସନ ଓ ବିପର୍ଯ୍ୟୟ ମୁକାବିଲା ବାହିନୀର ବରିଷ୍ଠ ଅଧିକାରୀମାନେ ଉଦ୍ଧାର ଅପରେସନ୍‌ର ତଦାରଖ କରୁଛନ୍ତି।



---

## ପ୍ରଥମ ଥର ଭାରତ ଏସ୍‌ଡିଆର ରିପୋର୍ଟର ଟପ୍ ୧୦୦ରେ ପାଇଲା ସ୍ଥାନ

**ନୂଆଦିଲ୍ଲୀ,୨୭।୬:** ସ୍ଥାୟୀ ବିକାଶ ଲକ୍ଷ୍ୟ ବା (ଏସ୍‌ଡିଜି)ରେ ପ୍ରଗତି ହାସଲ କରିବାରେ ସଫଳ ହେଉଛି ଭାରତ। କାରଣ ଭାରତ ପ୍ରଥମ ଥର, ସ୍ଥାୟୀ ବିକାଶ ଲକ୍ଷ୍ୟରେ ପ୍ରଗତି ହାସଲ କରିଥିବା ୧୬୭ ଦେଶ ମଧ୍ୟରୁ ଶ୍ରେଷ୍ଠ ୧୦୦ରେ ସ୍ଥାନ ପାଇଛି। ମଙ୍ଗଳବାର ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱାର୍କର ଦଶମ ଏବଂ ସଦ୍ୟତମ ସ୍ଥାୟୀ ବିକାଶ ରିପୋର୍ଟ (ଏସ୍‌ଡିଆର)ରେ ଏହା ଉଲ୍ଲେଖ ରହିଛି। ରିପୋର୍ଟ ଅନୁଯାୟୀ, ଭାରତ ୨୦୨୫ ଏସ୍‌ଡିଜି ସୂଚକାଙ୍କରେ ୬୭ ସ୍କୋର ସହିତ ୯୯ ତମ ସ୍ଥାନରେ ଅଛି। ଯେତେବେଳେକି ଚୀନ୍ ୭୪.୪ ପଏଣ୍ଟ ସହିତ ୪୯ ତମ ଏବଂ ଆମେରିକା ୭୫.୩ ପଏଣ୍ଟ ସହିତ ୪୪ ତମ ସ୍ଥାନରେ ଅଛି। ପୂର୍ବରୁ ଭାରତ ୨୦୨୪ରେ ୧୦୯ତମ, ୨୦୨୩ରେ ୧୧୨ତମ, ୨୦୨୨ରେ ୧୨୧ତମ, ୨୦୨୧ରେ ୧୨୦ତମ, ୨୦୨୦ରେ ୧୧୭ତମ, ୨୦୧୯ରେ ୧୧୫ତମ, ୨୦୧୮ରେ ୧୧୨ତମ ଏବଂ ୨୦୧୭ରେ ୧୧୬ତମ ସ୍ଥାନରେ ଥିଲା। ସେହିଭଳି ଭାରତର ପଡ଼ୋଶୀ ଦେଶମାନଙ୍କ ମଧ୍ୟରେ, ଭୁଟାନ ୭୦.୫ ପଏଣ୍ଟ ସହିତ ୭୪ ତମ ସ୍ଥାନ ଅଧିକାର କରିଛି।ନେପାଳ ୬୮.୬ ପଏଣ୍ଟ ସହିତ ୮୫ ତମ, ବାଂଲାଦେଶ ୬୩.୯ ପଏଣ୍ଟ ସହିତ ୧୧୪ ତମ ଏବଂ ପାକିସ୍ତାନ ୫୭ ପଏଣ୍ଟ ସହିତ ୧୪୦ ତମ ସ୍ଥାନରେ ଅଛି। ୟୁରୋପୀୟ ଦେଶଗୁଡ଼ିକ, ବିଶେଷକରି ନର୍ଡିକ ଦେଶଗୁଡ଼ିକ ଏସ୍‌ଡିଜି ସୂଚକାଙ୍କରେ ଶୀର୍ଷରେ ରହିଛନ୍ତି। ଫିନଲ୍ୟାଣ୍ଡ ପ୍ରଥମ ସ୍ଥାନରେ ରହିଥିବାବେଳେ ସ୍ୱିଡେନ ଦ୍ୱିତୀୟ ଏବଂ ଡେନମାର୍କ ତୃତୀୟ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ୨୦ ଦେଶ ମଧ୍ୟରୁ ମୋଟ ୧୯ଟି ୟୁରୋପର।

---

## ବିହାର ନିର୍ବାଚନ : ବିଜେପିର ଖେଳ ବିଗାଡ଼ିବେ ଚିରାଗ ?



**ନୂଆଦିଲ୍ଲୀ,୨୭।୬:** ବିହାର ନିର୍ବାଚନ ଯେତିକି ପାଖଉଛି, ରାଜ୍ୟ ରଜନୀତି ସେତିତି ଗୋଳିଆ ହେବାରେ ଲାଗିଛି । ସବୁକିଛି ଠିକ୍ ଚାଲିଥିବା ମନେହେଉଥିବା ବେଳେ ବର୍ତ୍ତମାନ ଯେଉଁ ଖବର ସାମ୍ନାକୁ ଆସିଛି ତାହା ବିହାର ନିର୍ବାଚନରେ ବିଜେପି ପାଇଁ ବଡ଼ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଚିରାଗ ପାସୱାନ ବିଜେପିର ଖେଳ ବିଗାଡି ପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ବିହାର ବିଧାନସଭା ନିର୍ବାଚନ ପାଇଁ ଆଉ ବେଶି ସମୟ ନାହିଁ । ଏପରି ପରିସ୍ଥିତିରେ, ମହାଗଠବନ୍ଧନ ଏବଂ ଏନଡିଏ ମଧ୍ୟରେ ଆସନ ବଣ୍ଟନ ନେଇ ଶିତଳ ଯୁଦ୍ଧ ଆରମ୍ଭ ହୋଇଯାଇଛି। ମହାଗଠବନ୍ଧନ ନିରନ୍ତର ବୈଠକ କରୁଥିବା ବେଳେ, ଏନଡିଏ ନେତା କିନ୍ତୁ କହୁଛନ୍ତି ଯେ ଆସନ ବଣ୍ଟନରେ କୌଣସି ସମସ୍ୟା ହେବ ନାହିଁ । ଲୋକସଭା ପରି, ଆମେ ଏକାଠି ବସି ବିଧାନସଭାରେ ମଧ୍ୟ ନିଷ୍ପତ୍ତି ନେବୁ। କିନ୍ତୁ ଚିରାଗ ପାସୱାନ ଏବଂ ମାଞ୍ଝି କ'ଣ ବିଜେପି ଏବଂ ଜେଡିୟୁ ଏନଡିଏରେ ଯେଉଁ ଫର୍ମୁଲା ତିଆରି କରିବାକୁ ଚେଷ୍ଟା କରୁଛନ୍ତି ସେଥିରେ ସହମତ ହେବେ? ଏହା ଏକ ବଡ଼ ପ୍ରଶ୍ନ, ଯାହା ଏବେ ଉଠିବା ଆରମ୍ଭ ହୋଇଛି ।

---

## ବଡୋଦରାରେ ୧.୫୮ କୋଟି ଟଙ୍କାର ଆମ୍ବରଗ୍ରୀସ ଜବତ; ଛଅ ଗିରଫ

**ନୂଆଦିଲ୍ଲୀ,୨୭।୬:** ବଡୋଦରା ସହରରେ ପୁଲିସ ଏକ ବଡ଼ ଧରଣର ଅଭିଯାନ ଚଳାଇ ୫.୨୫୨ କିଲୋଗ୍ରାମ ଆମ୍ବରଗ୍ରୀସ (ତିମି ବାନ୍ତି) ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧.୫୮ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏହି ଘଟଣାରେ ପଲିସ ଛଅ ଜଣଙ୍କୁ ଗିରଫ କରିଛି। ବଡୋଦରା ସହର ପୁଲିସର ଲୋକାଲ କ୍ରାଇମ ବ୍ରାଞ୍ଚ (ଏଲ୍‌ସିବି) ଜୋନ ୨ ଟିମ ଗୁପ୍ତ ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଖବର ମୁତାବକ, ପୁଲିସ ସୂଚନା ପାଇଥିଲା ଯେ ବିଲ ଅଟଲାଦରା ଅଞ୍ଚଳ ଦେଇ ଏକ ହାଚବ୍ୟାକ କାରରେ ଆମ୍ବରଗ୍ରୀସ ଚୋରାଚାଲାଣ ହେଉଛି। ଏଲ୍‌ସିବି ଟିମ ତୁରନ୍ତ ସେହି ଅଞ୍ଚଳରେ ନିରୀକ୍ଷଣ ବ୍ୟବସ୍ଥା କରି କାରଟିକୁ ଅଟକାଇ ତଲାସୀ କରିଥିଲେ। ତଲାସୀ ସମୟରେ ଉକ୍ତ କାରରୁ ୫.୨୫୨ କିଲୋଗ୍ରାମ ଆମ୍ବରଗ୍ରୀସ ଜବତ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବଡୋଦରାର ସୁରେନ୍ଦ୍ରସିଂହ ଚାଭଡା (୨୫), ଗୌତମ ବସାଭା (୨୨), ସିଦ୍ଧାର୍ଥ ତଡଭୀ (୨୩)।

---

## ଫ୍ରାନ୍ସରେ ତୀବ୍ର ଝଡ଼ ଓ ବର୍ଷାର ତାଣ୍ଡବ

### ଦୁଇ ମୃତ, ୧୭ ଆହତ



**ପ୍ୟାରିସ,୨୭।୬:** ଫ୍ରାନ୍ସରେ ଗତ ବୁଧବାର ରାତିରେ ତୀବ୍ର ଝଡ଼ ଓ ବର୍ଷା ତାଣ୍ଡବ ରଚିଛି। ଯାହା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୭ ଜଣ ଆହତ ହୋଇଛନ୍ତି। ଏହି ଝଡ଼ ପ୍ୟାରିସ ସମେତ ଦେଶର ଅନେକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଅଧିକାଂଶ ସ୍ଥାନରେ ଗଛ ଉପୁଡ଼ି ଯିବା, ରାସ୍ତାଘାଟ ଜଳମଗ୍ନ ହେବା ସହ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବା ଭଳି ଘଟଣା ଘଟିଛି। ପ୍ୟାରିସରେ ଝଡ଼ର ବେଗ ଘଣ୍ଟା ପ୍ରତି ପ୍ରାୟ ୧୧୨ କିଲୋମିଟରରେ ପହଞ୍ଚିଥିଲା। ଯାହା ଏକ ଦୁର୍ଲଭ 'ଡେରେଚୋ' ପ୍ରକାରର ଝଡ଼ ବୋଲି କର୍ତ୍ତୃପକ୍ଷ ବର୍ଣ୍ଣନା କରିଛନ୍ତି। ଏହି ଭୟଙ୍କର ଝଡରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇ ମୃତକଙ୍କ ମଧ୍ୟରେ ଜଣେ ହେଉଛନ୍ତି ଦକ୍ଷିଣ-ପଶ୍ଚିମ ଫ୍ରାନ୍ସର ଟାର୍ନ-ଏଟ-ଗାରୋନେ ଅଞ୍ଚଳର ଜଣେ ୧୨ ବର୍ଷୀୟ ବାଳକ ଏବଂ ଅନ୍ୟ ଜଣେ ହେଉଛନ୍ତି ଉତ୍ତର-ପଶ୍ଚିମ ଫ୍ରାନ୍ସର ମାୟେନେରେ ଜଣେ ୫୯ ବର୍ଷୀୟ ବ୍ୟକ୍ତି, ଯିଏ ଝଡ଼ରେ ଉପୁଡ଼ି ପଡ଼ିଥିବା ଗଛ ସହ ଧକ୍କା ହେବା ଫଳରେ ମୃତ୍ୟୁବରଣ କରିଛନ୍ତି।

---

**ବିହାର ବିଧାନସଭା ନିର୍ବାଚନ**

## ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ସ୍ପଷ୍ଟକଲେ କହ୍ନେୟା



**ପାଟନା,୨୭।୬:** କଂଗ୍ରେସ ନେତା କହ୍ନେୟା କୁମାର ଶୁକ୍ରବାର କହିଛନ୍ତି ଯେ ବିହାରରେ ମହାମେଣ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ତେଜସ୍ୱୀ ଯାଦବ ପ୍ରମୁଖ ଚେହେରା ହେବା ନେଇ କୌଣସି ବିବାଦ ନାହିଁ। କାରଣ ବିଧାନସଭା ନିର୍ବାଚନରେ ବିରୋଧୀ ମେଣ୍ଟର ବିଜୟ ହେଲେ ସବୁଠୁ ବଡ଼ ମେଣ୍ଟ ଦଳ ରୂପେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ନେତା ହିଁ ସ୍ୱଭାବିକ ରୂପେ ମୁଖ୍ୟମନ୍ତ୍ରୀ ହେବେ। କହ୍ନେୟା କୁମାର ଏକ ନ୍ୟୁଜ୍ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ ' ନିର୍ବାଚନରେ ପ୍ରସଙ୍ଗ ସବୁଠୁ ଗୁରୁତ୍ୱପୂର୍ଣ୍ଣ, ତେବେ ଏଥିରୁ ଜନତାଙ୍କ ଧ୍ୟାନ ହଟାଇବାକୁ ଏକ ଷଡ଼ଯନ୍ତ୍ର ରୂପେ ବାରମ୍ବାର ମୁଖ୍ୟମନ୍ତ୍ରୀ ଚେହେରାର କଥା କୁହାଯାଉଛି'। ସେହିପରି ବିହାରରେ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ସମ୍ପର୍କରେ ପଚରାଯିବାରେ କହ୍ନେୟା କୁମାର କହିଛନ୍ତି ଯେ ମୁଁ ଭାବୁଛି ଗତ ଥର ମଧ୍ୟ ପରିବର୍ତ୍ତନର ପରିବେଶ ଥିଲା। ତେବେ ସାମାନ୍ୟ ଅନ୍ତର ପାଇଁ ମହାମେଣ୍ଟକୁ ସରକାରରୁ ଦୂରରେ ରହିବାକୁ ପଡିଥିଲା। ତେବେ ଗତ ୫ ବର୍ଷ ହେଲା ବିହାରର ଯେଉଁ ରାଜନୈତିକ ସ୍ଥିତି ରହିଛି ସେଥିରେ ଏଥର ନିର୍ବାଚନରେ ପରିବର୍ତ୍ତନର ପବନ ବହୁଥିବାର ଜଣାପଡୁଥିବା କହ୍ନେୟା କୁମାର କହିଛନ୍ତି। ଏଥିରେ କଂଗ୍ରେସ ଛାତ୍ର ସଙ୍ଗଠନ ଏନଏସୟୁଆଇ ପ୍ରଭାରୀ ମହାମେଣ୍ଟର ଦଳଙ୍କ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ ଆମେ ସବୁ ମିଳିମିଶି ନିର୍ବାଚନ ଲଢ଼ିବୁ। ଯାହାର ବଡ଼ ଦାୟିତ୍ୱ ସେ ନିଜ ଦାୟିତ୍ୱ ସମ୍ଭାଳିବେ ଓ ଯାହାର ଦାୟିତ୍ୱ କମ୍ ସେ ମଧ୍ୟ ନିଜ ଦାୟିତ୍ୱ ତୁଲାଇବେ। ସେହିପରି ମୁଖ୍ୟମନ୍ତ୍ରୀ କିଏ ହେବ ତାହା ଜନତା ନିର୍ଦ୍ଧାରଣ କରିବେ ବୋଲି ପ୍ରଭାରୀ କହିଛନ୍ତି।

---

## ସ୍ୱାତ ନଦୀରେ ବୁଡ଼ି ୧୮ ପାକିସ୍ତାନୀ ନିଖୋଜ, ୭ ମୃତ

**ପେଶାୱର,୨୭।୬:** ପାକିସ୍ତାନ ଖାଇବର ପଖତୁନଖ୍ୱା ପ୍ରଦେଶର ସ୍ୱାତ ନଦୀରେ ଗୋଟିଏ ପରିବାରର ୧୮ ଜଣ ବୁଡ଼ି ନିଖୋଜ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଯାହାର ସୂଚନା ଉଦ୍ଧାରକାରୀ ଦଳ ଦେଇଛନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି । ଏପରି ଘଟଣା ଶୁକ୍ରବାର ହୋଇଥିବା ସୂଚନା ମିଳୁଛି । ସୂଚନାନୁଯାୟୀ, ପାଞ୍ଚଟି ଭିନ୍ନ ଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟ ଚାଲିଛି । ୮୦ ଜଣ କର୍ମଚାରୀ ଏହି କାର୍ଯ୍ୟରେ ସାମିଲ ଅଛନ୍ତି । ପ୍ରବଳ ବର୍ଷା ଯୋଗୁଁ ନଦୀର ଜଳସ୍ତର ବୃଦ୍ଧି ପାଇବା ପରେ ନଦୀରେ ଫସି ଯାଇଥିଲେ ଏହି ପରିବାର । ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶର ଉତ୍ତର ଅଞ୍ଚଳରେ ସ୍ୱାତ ନଦୀ ଏଠାରେ ପ୍ରବାହିତ ହେଉଛି । ଅନ୍ୟ ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଏକ ବଡ଼ ଅଭିଯାନ ଜାରି ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

## ମହାପ୍ରଭୁଙ୍କ ଘୋଷଯାତ୍ରା



# ଅସ୍ତରଙ୍ଗର ବିଭିନ୍ନ ଗ୍ରାମରେ ଗଡ଼ିଲା ରଥ

● ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତିମୟ ପରିବେଶ

**କାକଟପୁର/ଅସ୍ତରଙ୍ଗ, ୨୭।୬ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଥିଲା। ଶତାଧିକ ବର୍ଷରୁ ଊର୍ଦ୍ଧ ସମୟ ଧରି ରଥଯାତ୍ରା ହୋଇ ଆସୁଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ଜଗନ୍ନାଥ ମନ୍ଦିରରେ ବହୁ ଆଡମ୍ବର ସହକାରେ ପାଳନ ହୋଇଛି। ଭୋର ସମୟରୁ ହିଁ ମନ୍ଦିର ଚଳଚଞ୍ଚଳ ହୋଇ ଉଠିଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଚତୃର୍ଦ୍ଧାମୂର୍ତ୍ତି ରଥାରୂଢ଼ ପରେ ରାଜାଙ୍କ ଦ୍ୱାରା ଛେରା ପହଁରା ପରେ ରଥଟଣା ନୀତି ଆରମ୍ଭ ହୋଇ କିଛି ବାଟରେ ଅଟକି ରହିଥିଲା। ସେବାୟତ ବେଲାରସେନ ପାଢ଼ୀ, ଅଜୟ ଦୀକ୍ଷିତି, ଶ୍ୟାମସୁନ୍ଦର ପାଢ଼ୀ, ଜଗମୋହନ ପାଢ଼ୀ, ସୁଧନା ପାଢ଼ୀ, ସୁବଳ ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ବାମଦେବ ପାଢ଼ୀ ମହାପ୍ରଭୁଙ୍କ ସମସ୍ତ ନୀତି କାନ୍ତି କରିଥିବା ବେଳେ ଜଗନ୍ନାଥ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ବାରିକିଙ୍କ ସହ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ଅସ୍ତରଙ୍ଗ ଅଞ୍ଚଳ ସହନ, ବରଡ଼ି ରଥ, ଓଳିହା ଐଶାନେଶ୍ୱର ମନ୍ଦିର ନିକଟରେ ରଥ, ପଶ୍ଚିମେଶ୍ୱର ମନ୍ଦିର ନଗର ନିକଟରେ ରଥ ସହ ବିଭିନ୍ନ ଗ୍ରାମରେ କୁନି ପିଲାଙ୍କ କୁନିରଥରେ ରଥଯାତ୍ରା ଧୁମଧାମରେ ପାଳିତ ହୋଇଛି। ସକାଳୁ ବିଭିନ୍ନ ସ୍ଥାନରେ ଅବକାଶ ନୀତି ସହ ବିଭିନ୍ନ ନୀତିକାନ୍ତି ପରେ ପହଣ୍ଡି କରି ରଥକୁ ଚତୃର୍ଦ୍ଧାମୂର୍ତ୍ତିଙ୍କୁ ଅଣାଯାଇଥିଲା। ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

## ଜନ୍ମବେଦୀମୁହାଁ କାଳିଆ ସାଆନ୍ତ

# ନୟାଗଡ଼ ପୁରୁଣାସହରରେ ଭକ୍ତ-ଭଗବାନ ଏକାକାର

**ନୟାଗଡ଼, ୨୭।୬ (ସଂଚାର ବ୍ୟୁରୋ) :** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ବଡ଼ଭାଇ ଏବଂ ସାନଭଉଣୀଙ୍କ ସହ ରଥାରୂଢ଼ ହୋଇଛନ୍ତି । ନୟାଗଡ଼ ପୁରୁଣାସହରରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ରଥଯାତ୍ରା ପାଇଁ ସବୁ ପ୍ରକାର ବ୍ୟବସ୍ଥା ହୋଇଥିବା ବେଳେ ଆଜି ଭକ୍ତ ଓ ଭଗବାନ ଏକାକାର ହୋଇଛନ୍ତି ।



ଶୁକ୍ରବାର ସକାଳୁ ପୂଜାର୍ଚ୍ଚନା କରାଯାଇ ରଥଯାତ୍ରା ଆରମ୍ଭ ପର୍ବ ଆରମ୍ଭ ହୋଇଥିଲା। ସକାଳ ୯ ଘଟିକାରେ ରଥ ପ୍ରତିଷ୍ଠା, ୧୦ଟା ୩୦ରେ ପହଣ୍ଡି ବିଜେ କରାଯାଇଥିଲା। ରାଜା ରାମେଶ୍ୱର ପ୍ରସାଦ ସିଂ ମାନଧାତା ରଥର ଛେରା ପହଁରା କରିଥିଲେ। ଅପରାହ୍ନ ୩ଟା ୩୦ ବେଳକୁ ଛେରା ପହଁରା କରାଯାଇଥିଲା। ଅପରାହ୍ନ ୩ଟା ୩୦ରେ ରଥଟଣା ଆରମ୍ଭ ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ଏହା ବିଳମ୍ବିତ ହୋଇ ୪ଟା ୩୦ରେ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମାପନ ହୋଇଥିଲା। ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ରହିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ପତିତପାବନ ଦେବଙ୍କ ଘୋଷଯାତ୍ରା





**ବାଲିଅନ୍ତା, ୨୭।୬ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ପତିତପାବନ ଦେବଙ୍କ ପୀଠରେ ଘୋଷ ଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳ ସାଢେ ୫ଟା ବେଳେ ମଙ୍ଗଳଆଳତୀ, ମଇଲମ, ତଡପଲାଗି, ବାଲଭୋଗ ପୂଜା ବିଧି ସଂପର୍ଣ୍ଣ ହୋଇଥିଲା । ପୂର୍ବାହ୍ନ ୧୦ଟା ସମୟରେ ନୀତି ଧୁପ ବିଧି ଅନୁଷ୍ଠିତ ହୋଇଥିଲା । ୧୧ଟା ସୁଦର୍ଶନ ବିଜେ ପରେ ପଣ୍ଡା ସେବାୟତ ପରିଷଦ ଘଣ୍ଟ,ଘଣ୍ଟି,ହରିବୋଲ ପକାଇ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ରଥାରୁଢ଼ କରାଇଥିଲେ । ସେଠାରେ ଯଥା ବିଧି ପୂଜାନୀତି ସମ୍ପର୍ଣ୍ଣ ହୋଇଥିଲା । ଅପରାହ୍ନ ୪ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା । ମୁଖ୍ୟ ପୂଜକ ବାଉରୀବନ୍ଧୁ ପଣ୍ଡାଙ୍କ ସମେତ ହିମାଂଶୁ ପଣ୍ଡା ଏବଂ ଅନ୍ୟ ପଣ୍ଡା ସେବାୟତ ସମସ୍ତ ସେବା କାର୍ଯ୍ୟ ସମ୍ପାଦନ କରିଥିଲେ । ସନ୍ଧ୍ୟା ୬ଟା ପୂର୍ବରୁ ରଥ ମାଉସୀମା ମନ୍ଦିରରେ ପହଞ୍ଚିଥିଲା। ଟ୍ରଷ୍ଟି ନିରଞ୍ଜନ ମଙ୍ଗରାଜ ଏବଂ ବିଜୟ ଚାନ୍ଦଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତା ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ ।



# ନାଉଗାଁ ବ୍ଲକରେ ଘୋଷଯାତ୍ରା

**ନାଉଗାଁ, ୨୭।୬ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିର ଯଥା ଧର୍ମକ୍ଷେତ୍ର ଅଲଣା, ତିହୁଡା ବାଲିସାହିସ୍ଥିତ ଶ୍ରୀ ଶ୍ରୀ ପତିତପାବନ ଜୀଉ ମନ୍ଦିର, ଚାନ୍ଦଖାଁପାଟଣାସ୍ଥିତ ବଳଦେବଜୀଉ ମନ୍ଦିର ଆଦିରେ ପବିତ୍ର ଘୋଷ ଯାତ୍ରା ଉପଲକ୍ଷେ ଯଥାରୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଗାରୋଇ ଗୋବର୍ଦ୍ଧନ ପୀଠରେ ରୀତିନିତି ଅନୁଯାୟୀ ରଥ ଟଣା କାର୍ଯ୍ୟ ହୋଇଥିଲା। ଗୋବର୍ଦ୍ଧନ ପୀଠରେ ୩ରଥ ପ୍ରାତଃ ସମୟରୁ ସୁସଜ୍ଜିତ ହୋଇ ବଡ ଦାଣ୍ଡରେ ରହିଥିଲେ। ନିର୍ଘଂଟ ନିତି ଅନୁଯାୟୀ ଶ୍ରୀ ଜୀୟୁଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଶଙ୍ଖ, ହୁଳହୁଳି, ନାମ ସଂକୀର୍ତନରେ ପ୍ରଥମେ ବଡ ଭାଇ ବଳଭଦ୍ରଙ୍କୁ ତାଳଧ୍ୱଜ, ମା' ସୁଭଦ୍ରାଙ୍କୁ ଦର୍ପଦଳନ ଓ ଜଗନ୍ନାଥଙ୍କୁ ନନ୍ଦିଘୋଷ ରଥକୁ ପହଣ୍ଡି କରି ଶ୍ରଦ୍ଧାଳୁମାନେ ରଥାରୁଢ କରିଥିଲେ। ଠାକୁର ରାଜା ଭାବେ ଜ୍ଞାନରଞ୍ଜନ ବିଶ୍ୱାଳ ୩ ରଥରେ ଛେରା ପହଁରା କରିଥିଲେ। ପୂଜାର୍ଚ୍ଚନା ଓ ଛେରା ପହଁରା କାର୍ଯ୍ୟ ସରିବା ପରେ ଶ୍ରଦ୍ଧାଳୁମାନେ ରଥକୁ ତେଲସରାସ୍ଥିତ ମାଉସୀ ମା'ମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ଏଠାରେ ସାଧାରଣତଃ ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ହିଁ ଟାଣିଥିଲେ। ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ଶେଷ କରିବାକୁ ନାଉଗାଁ ଥାନାଧିକାରୀ ପ୍ରଦିପ୍ତ କାନୁନଗୋଙ୍କ ନେତୃତ୍ୱରେ ସୁବନ୍ଦୋବସ୍ତ କରାଯାଇଥିଲା। ଜୟ ଜଗନ୍ନାଥ ଧ୍ୱନୀରେ ଚାରିଆଡ ପ୍ରକମ୍ପିତ ହେଉଥିଲା। ଏହି ଘୋଷଯାତ୍ରା ଦେଖିବା ପାଇଁ ବ୍ଲକ ତଥା ବ୍ଲକ ବାହାରୁ ବହୁ ଶ୍ରଦ୍ଧାଳୁ ଏଠାରେ ସମାଗମ ହୋଇଥିଲେ।

# କୋଣାର୍କରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ପନ୍ନ

**କୋଣାର୍କ, ୨୭।୬ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ଶ୍ରୀଜଗନ୍ନାଥ ଟ୍ରଷ୍ଟ ଆନୁକୁଲ୍ୟରେ ରାଜାରାମ ମଠ ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ଦ୍ୱାର ଫିଟା ନୀତି, ମଙ୍ଗଳ ଆଳତି, ମଇଲମ ଓ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କାର୍ଯ୍ୟ ସଂପନ୍ନ କରାଯାଇଥିଲା। ପରେ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯିବା ପରେ ସେବାୟତ ମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି



ବିଜେ କାର୍ଯ୍ୟ ଆରମ୍ଭ କରାଯାଇ ରଥାରୁଢ଼ କରାଯାଇଥିଲା। ଅପରାହ୍ନ ୩ଘ ୪୫ ମିନିଟ ସମୟରେ ମହାରାଜ ଗୋପାଳ ଚନ୍ଦ୍ର ଦାସ ସୁସଜ୍ଜିତ ପାଲିଙ୍କିରେ ଆସି ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ରୂପା ଖଡ଼ିକାରେ ଛେରାପହଁରା କାର୍ଯ୍ୟ ଧାର୍ମିକ ରୀତିନୀତି ଅନୁଯାୟୀ ସଂପାଦନ କରିଥିଲେ। ଅପରାହ୍ନ ୪ଘ ୨୦ ମିନିଟ ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ଭକ୍ତ, ସେବାୟତ ଓ ପୁଲିସ କର୍ମଚାରୀ ରଥକୁ ଟାଣି ନେଇଥିଲେ। ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତି ଅପରାହ୍ନ ୫ଟାରେ ଡାଲିମ୍ବଗୋରଡି ଗ୍ରାମର ପ୍ରବେଶ ପଥରେ ଥିବା ମାଉସୀ ମା ମନ୍ଦିର ଠାରେ ଅଟକି ମାଉସୀ ମା'ଙ୍କ ଦ୍ୱାରା ପ୍ରସ୍ତୁତ ପୋଡ଼ପିଠା ଲାଗି କରାଯାଇଥିଲା। ଏହାପରେ ରଥ ଟଣା କାର୍ଯ୍ୟ ଆରମ୍ଭ କରାଯାଇ ସନ୍ଧ୍ୟାରେ ରାଉଳପାଟଣା ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିଥିଲେ। ଆସନ୍ତାକାଲି ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦକ୍ଷଣ ମୋଡ କରାଯାଇ ପହଣ୍ଡି ବିଜେ କରି ଗୁଣ୍ଡିଚା ମନ୍ଦିରକୁ ନିଆଯିବ ବୋଲି ସେବାୟତମାନେ ପ୍ରକାଶ କରିଛନ୍ତି।



# ଖୋର୍ଦ୍ଧାରେ ଆନନ୍ଦ ଉଲ୍ଲାସର ସହ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ

**ଖୋର୍ଦ୍ଧା, ୨୭।୬ (ସଂଚାର ବ୍ୟୁରୋ) :** ଜଗତରନାଥ ଜଗନ୍ନାଥଙ୍କ ଘୋଷଯାତ୍ରା ଚଳିତ ବର୍ଷ ଖୋର୍ଦ୍ଧାରେ ଅନେକ ସ୍ଥାନରେ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଜାଗୁଲେଇ ପାଟଣା ସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ ଏବଂ ଗଡଖୋର୍ଦ୍ଧା ଜଗନ୍ନାଥ ମନ୍ଦିର ପକ୍ଷରୁ ସାଂସ୍କୃତିକ, ଆଧାତ୍ମିକ ବାତାବରଣ ମଧ୍ୟରେ ଅତି ଆନନ୍ଦ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଯାଇଅଛି। ଉଭୟ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଓ ମ୍ୟାନେଜିଙ୍ଗ ଟ୍ରଷ୍ଟି କିଶୋର କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଜାଗୁଲେଇ ପାଟଣା ଠାରେ ନିର୍ଦ୍ଧାରିତ ସମୟରେ ନିତିକାନ୍ତି ଅନୁଷ୍ଠିତ ହେବା ସହ ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟ୍ଟଶାଣୀ ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ନିତିକାନ୍ତି ସମ୍ପନ୍ନ ପରେ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ, ବଡ଼ଭାଇ ଅଗ୍ରଜ ଶ୍ରୀ ବଳଭଦ୍ର ତଥା ହଳାୟୁଧ ଓ ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ରଥାରୂଢ଼ ହୋଇଥିଲେ ଏବଂ ରଥଟଣା ଆରମ୍ଭ ହୋଇଥିଲା। ସେହିପରି ଅପରାହ୍ନ ୪ ଘଟିକାରେ ଗଡଖୋର୍ଦ୍ଧା ଠାରେ ରଥରୁଢ଼ ଶ୍ରୀ ଜୀଉଙ୍କୁ ଭକ୍ତମାନେ ଘଣ୍ଟ ଘଣ୍ଟା ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ଧ୍ୱନିରେ ମହାପ୍ରଭୁଙ୍କ ରଥକୁ ଟାଣିଥିଲେ। ଅଜିତ୍ କୁମାର ପଟ୍ଟନାୟକ ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ଉଭୟ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଥିଲା।

# ବିଦ୍ୟୁତ ଆଘାତରେ ବୃଦ୍ଧା ମୃତ
# କ୍ଷତିପୂରଣ ଦାବିରେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ



**କାକଟପୁର/ଅସ୍ତରଙ୍ଗ, ୨୭।୬ (ସଂଚାର ବ୍ୟୁରୋ) :** ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି ଅଞ୍ଚଳର ଲାବଣ୍ୟ କାଣ୍ଡି (୬୪)। ଗୁରୁବାର ବିଳମ୍ବିତ ରାତ୍ରରେ ମାଣ୍ଡୁକି ଗ୍ରାମର ଶିବ କାଣ୍ଡି ଓ ପତ୍ନୀ ଲାବଣ୍ୟ କାଣ୍ଡି ବାହାରକୁ ରାତ୍ର ୨ଘ ୩୦ମିନିଟ ସମୟରେ ପରିସ୍ରା କରିବାକୁ ଉଠିଥିବା ବେଳେ ରାତ୍ରରେ ବର୍ଷା, ପବନ ହୋଇ ପୂର୍ବରୁ ବିପଦ ସଂକୁଳ ଅବସ୍ଥାରେ ଥିବା ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା, ଯାହା ଫଳରେ ଛିଣ୍ଡି ପଡ଼ିଥିବା ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ଶରୀର ଅନେକ ସ୍ଥାନ ଜଳିଯାଇଥିବା ବେଳେ ପରିବାର ଲୋକ ତୁରନ୍ତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। କିନ୍ତୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡକ୍ଟର ମୃତ ଘୋଷଣା କରିଥିଲେ।

ଏ ନେଇ ମୃତ ଲାବଣ୍ୟଙ୍କ ପୁଅ ପ୍ରତାପ କାଣ୍ଡି ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ନାମରେ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ ଲାବଣ୍ୟଙ୍କ ମୃତ୍ୟୁକୁ ନେଇ କ୍ଷତି ପୂରଣ ଦାବୀରେ ଅସ୍ତରଙ୍ଗ ଉକୁଳେଇ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ସାମ୍ନାରେ ଶତାଧିକ ଲୋକ ଧାରଣା ଦେଇଥିଲେ। ଦୀର୍ଘ ସମୟ ଧାରଣା ପରେ ବିଦ୍ୟୁତ କାର୍ଯ୍ୟାଳୟ ସେକ୍ସନ ଇନ୍‌ଚାର୍ଜ ସନ୍ତୋଷ କୁମାର ବେଉରା ପହଂଚି କ୍ଷତିପୂରଣ ଦିଆଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଲୋକେ ଉଠିଥିଲେ।

# ମା'କୁ ହତ୍ୟା କଲା ପୁଅ

**ବ୍ରହ୍ମପୁର, ୨୭।୬ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ କେ. ନୂଆଗାଁ ଥାନା ଅନ୍ତର୍ଗତ କରବାଲୁଆ ପାଣ୍ଡାଛକ ଖଡ଼ିକା ବନ୍ଧ ନିକଟରେ ଏକ ଅଭାବନୀୟ ଘଟଣା ଘଟିଛି । ନିଜ ଜନ୍ମ କଲା ମାଆକୁ ପୁଅ ହତ୍ୟା କରିଛି। ପାରିବାରିକ କଳହକୁ ନେଇ ପୁଅ ସନ୍ତୋଷ ବେହେରା (୩୯)ଉତ୍ୟକ୍ତ ହୋଇ ଏକ ଲୁହା ପାଇପରେ ମାଆ ଉଲି ବେହେରା (୫୫) ର ମୁଣ୍ଡକୁ ବାରମ୍ବାର ଆଘାତ କରିବା ଫଳରେ ମୃତ୍ୟୁ ଘଟିଛି । ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ଚିକିଟି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଉଲିକୁ ମୃତ ଘୋଷଣା କରିଥିଲେ । ଖବର ପାଇ କେ. ନୂଆଗାଁ ଥାନା ପୁଲିସ ଓ ଚିକିଟି ଫାଣ୍ଡି ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠେଇଛି। ଅଭିଯୁକ୍ତ ପୁଅ ସନ୍ତୋଷ ବିକୃତ ମସ୍ତିଷ୍କ ବୋଲି ପ୍ରାଥମିକ ତଦନ୍ତରେ ଜଣାପଡିଛି। ଏହି ଘଟଣା ସମଗ୍ର ଚିକିଟି ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

# ନବରଙ୍ଗପୁରରେ ଦିଶା କମିଟି ବୈଠକ ଅନୁଷ୍ଠିତ




**ନବରଙ୍ଗପୁର, ୨୭।୬ (ସଂଚାର ବ୍ୟୁରୋ) :** ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ମାନ୍ୟବର ସାଂସଦ (ଲୋକସଭା) ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଦିଶା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସାଂସଦ (ରାଜ୍ୟସଭା) ମୁଜି ବୁଲ୍ଲା ଖାଁ, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଡ଼ାବୁ ଗାଁ ମନୋହର ରାଂଧାରି, ବିଧାୟକ ଝରି ଗାଁ ନରଶିଂ ଭତରା, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତ୍, ପୌରପାଳିକା ନବରଙ୍ଗପୁର ଅଧକ୍ଷ କୁନୁ ନାୟକ, ପୌରପାଳିକା ଉମରକୋଟ ରାଧା ଭତରା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର ୱାନ, ସମସ୍ତ ପଞ୍ଚାୟତ ସମିତି ଅଧକ୍ଷ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା।

# ପାଣି ବୋତଲ ପ୍ରସ୍ତୁତ ୟୁନିଟ୍‌ରେ ବିଇଏମସିର ଚଢ଼ାଉ



● ଜରିମାନା ସହ ନୋଟିସ୍ ଜାରି

**ବ୍ରହ୍ମପୁର, ୨୭।୬ (ସଂଚାର ବ୍ୟୁରୋ) :** ସହରରେ ମହାନଗର ନିଗମ ପକ୍ଷରୁ ଏବେ ଘନ ଘନ ଚଢ଼ାଉ ଚାଲିଛି। ରାସ୍ତା କଡ଼ ଠେଲା ବ୍ୟବସାୟୀଙ୍କ ଠାରୁ ବଡ ବଡ଼ ହୋଟେଲ ଓ ଫ୍ୟାକ୍ଟ୍ରିରେ ବିଇଏମସିର ମିଳିତ ସ୍କ୍ୱାର୍ଡ ପକ୍ଷରୁ ଯାଞ୍ଚ ଅଭିଯାନ ଜାରି ରହିଛି। ଏହି କ୍ରମରେ ଆଜି ସ୍ଥାନୀୟ ଆଙ୍କୁଲି ସ୍ଥିତ ୨ଟି ପାଣି ବୋତଲ ପ୍ରସ୍ତୁତ ୟୁନିଟ୍ ରେ ଖାଦ୍ୟ ସୁରକ୍ଷା ଟିମ୍ ରେଡ୍ କରିଥିଲେ। ପରେ ବ୍ୟବସାୟକୁ ବନ୍ଦ ସହ ଏଫଏସଏସ ଆଇନ୍ ଅନୁସାରେ ନିୟମାବଳୀ ପାଳନ କରିବାକୁ ନୋଟିସ୍ ଜାରି କରାଯାଇଛି। ସେହିପରି ପାଣିର ନମୁନା ସଂଗ୍ରହ ସହ ପରୀକ୍ଷଣ ପାଇଁ ଲେବ୍ କୁ ପଠାଯାଇଛି। ଉଲ୍ଲଂଘନକାରୀଙ୍କ ଉପରେ ୧୫ ହଜାର ଟଙ୍କା ଜରିମାନା ଲାଗୁ କରାଯାଇଥିବା ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି।

# ବିଷାକ୍ତ ହେବାରେ ଲାଗିଛି କୁଶଭଦ୍ରା ନଦୀ ଜଳ

**ଗୋପ, ୨୭।୬ (ସଂଚାର ବ୍ୟୁରୋ) :** ଗୋପ ବ୍ଲକ ର ବିଭିନ୍ନ ଗ୍ରାମରେ ଝାଡାବାନ୍ତି ବ୍ୟାପିଥିବା ଥିବା ବେଳେ ଏବେ ଏହା ନିୟନ୍ତ୍ରଣକୁ ଆସିଛି। ବିଷାକ୍ତ ପାନୀୟ ଜଳ ଓ ଜଳବାୟୁ ପରିବର୍ତ୍ତନ ଏହାର ଏକ ପ୍ରକାର କାରଣ ହୋଇରେ ବୋଲି ଡାକ୍ତର କୁହନ୍ତି। ଗୋପ ବ୍ଲକରେ ଝାଡାବାନ୍ତି କମିଥିବା ବେଳେ ଚିନ୍ତା ବଢ଼ାଇଛି ଗୋପ କୁଶଭଦ୍ରା ନଦୀଜଳ। କାରଣ ଗୋପ କୁଶଭଦ୍ରା ନଦୀ ଜଳ ସମ୍ପୂର୍ଣ୍ଣ ବିଷାକ୍ତ ହେବାରେ ଲାଗିଛି।



ନିମାପଡା, ଗୋପ ଦେଇ ବହିଥିବା କୁଶଭଦ୍ରା ନଦୀରେ କଟିକି ଦଳ ସମ୍ପୂର୍ଣ୍ଣ ନଦୀକୁ ଘୋଡାଇ ଦେଇଥିବା ବେଳେ ଦଳ ପଚି ନଦୀ ଜଳକୁ ବିଷାକ୍ତ କରୁଛି। ଖାଲି ସେତିକି ନୁହେଁ କୁଶଭଦ୍ରା ନଦୀ ଉପରେ ନିର୍ମାଣ ହୋଇଥିଲା ସେତୁ ତଥା ଗୋପ ନାଗପୁର ଏବଂ ନେତପୁର ବ୍ରିଜ ତଳେ କିଛି ହିନମାନସିକ ବ୍ୟକ୍ତି ବର୍ଷ ବର୍ଷ ଧରି ଅଳିଆ ଆବର୍ଜନା ନଦୀ ଗର୍ଭକୁ ଫିଙ୍ଗୁଥିବା ବେଳେ ନଦୀ ଜଳ ଦୂଷିତ ହେଉଛି। ଖରାଦିନେ ଗୋପ ବ୍ଲକର ବିଭିନ୍ନ ଗ୍ରାମ ତଥା ଶୋଲପୁର, ନେତପୁର, ମଲିଆଡୁଠ, ତଳମାଳସାହି ଗ୍ରାମବାସୀମାନେ ଏହି କୁଶଭଦ୍ରା ନଦୀଜଳ ଉପରେ ନିର୍ଭର କରନ୍ତି ଫଳରେ ନଦୀଜଳ ବିଶୁଦ୍ଧ ହେବା ଦ୍ୱାରା ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଏପରିକି ଗୃହପାଳିତ ପଶୁମାନେ ଏହି ନଦୀ ଜଳ ପିଇ ରୋଗାକ୍ରାନ୍ତ ହେଉଥିବାର ଦେଖିବାକୁ ମିଳୁଛି।

ନଦୀ ଓ କେନାଲକୁ ସଫା ରଖିବା ପାଇଁ ଜଳ ସମ୍ପଦ ବିଭାଗକୁ କୋଟି କୋଟି ଟଙ୍କା ଆସୁଥିବା ବେଳେ ଗୋପ କୁଶଭଦ୍ରା ନଦୀପାଇଁ ଟଙ୍କାଟିଏ ବି ଖର୍ଚ୍ଚ ହୋଇନାହିଁ ଯାହା ଏହି ନଦୀ ଭିତରର ଦୃଶ୍ୟ ଦେଖି ସ୍ପଷ୍ଟ ବାରିହୋଇ ପଡୁଛି। ବିଭାଗୀୟ ଅଧିକାରୀଙ୍କ ଏହି ନଦୀପ୍ରତି ଟିକେବି ନିଘାନାହିଁ ବୋଲି ପୂର୍ବତନ ଗୋପ ପଞ୍ଚାୟତ ସଭାପତି ପ୍ରତାପ କୁମାର ପରିଡା, ବିଜେପି ଯୁବନେତା ରୁଦ୍ର ପ୍ରତାପ ମାଝୀ ଏବଂ ସମାଜସେବୀ ପ୍ରବଞ୍ଜନ ଶଗଡିଆ କହିଛନ୍ତି। ଯଦି କୁଶଭଦ୍ରା ନଦୀଗର୍ବରୁ ତୁରନ୍ତ ଦଳ ଓ ଅଳିଆ ଆବର୍ଜନା ସଫା ନକରଯାଏ ନେବେ ଏହି ନଦୀଜଳ ବିଭିନ୍ନ ରୋଗର କାରଣ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋରଧରିଛି। ଯଥାଶୀଘ୍ର ଜଳସମ୍ପଦ ବିଭାଗ ତରଫରୁ ଗୋପ କୁଶଭଦ୍ରା ନଦୀଗର୍ଭକୁ ସଫାକରିବା ପାଇଁ ଗୋପ ଅଞ୍ଚଳବାସୀ ଦାବୀକରିଛନ୍ତି।

# ରୋଗୀ କଲ୍ୟାଣ ସମିତିର ପରିଚାଳନା ବୈଠକ



**ନବରଙ୍ଗପୁର, ୨୭।୬ (ସଂଚାର ବ୍ୟୁରୋ) :** ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ଲୋକସଭା ସାଂସଦ, ନବରଙ୍ଗପୁର ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରୋଗୀଙ୍କ ସୁବିଧା ପାଇଁ ୨୦୨୫-୨୬ ବର୍ଷ ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଛି। ମାଗଣା ରୋଗ ନିର୍ଣ୍ଣୟ ସେବା, ମାଗଣା ଔଷଧ, ସିଟି ସ୍କାନ ସେବା, ଡାଏଲିସିସ୍ ସେବା ଇତ୍ୟାଦି ମାଗଣା ସେବା ବିଷୟରେ ଆଲୋଚନା କରାଯାଇଛି। ଏହି ବୈଠକରେ ସେବା, ସୌନ୍ଦର୍ଯ୍ୟକରଣ, ରୋଗୀଙ୍କ ସୁବିଧା ସମ୍ବନ୍ଧୀୟ ହସ୍ପିଟାଲର ବିକାଶ ଉପରେ ଆଲୋଚନା କରାଯାଇଛି।

୨୦୨୫-୨୬ ବର୍ଷ ପାଇଁ ଖର୍ଚ୍ଚ ହେବାକୁ ଥିବା ବଜେଟ୍ ଉପରେ ଆଲୋଚନା କରାଯାଇଛି। ସ୍ୱାସ୍ଥ୍ୟ ସେବା ସମ୍ବନ୍ଧିୟ ବିଭିନ୍ନ ସମସ୍ୟାକୁ ବିଧାୟକ ଗଣ ଗୃହରେ ଉପସ୍ଥାପନ କରିଥିଲେ। ବୈଠକରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଡ଼ା ବୁ ଗାଁ ବିଧାୟକ ମନୋହର ରଂଧାରି, ଝରି ଗାଁ ବିଧାୟକ ନରସିଂ ଭତରା,ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ମାଡ କର ସନ୍ଦୀପ ସମ୍ପତ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁଣି ମୁଣ୍ଡ ଟେକିଲା ସିରିଲିଗୁଡା ଜଙ୍ଗଲ ଜମି ବିବାଦ

**ଉମରକୋଟ, ୨୭।୬ (ସଂଚାର ବ୍ୟୁରୋ) :** ବର୍ତ୍ତମାନ ଚାଷ ସିଜନ। ଏହି ସମୟରେ ପ୍ରତି ବର୍ଷ ଉମରକୋଟ ଅଂଚଳରେ ଦେଖାଦିଏ ଜମି ଅଧିକାର ବିବାଦ। ରାଜସ୍ୱ ବିଭାଗ, ବନ ବିଭାଗ ଠାରୁ ପୁଲିସ ପ୍ରଶାସନ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟି ଯାଏ। ଦୀର୍ଘ ବର୍ଷ ହେଲା ଲାଗି ରହିଥିବା ଜଙ୍ଗଲ ଜମି ବିବାଦ ପୁଣି ଦେଖା ଦେଇଛି। ସିରିଲିଗୁଡା ଭିଏସଏସ ଅଧୀନରେ ପ୍ରାୟ ୬୦୦ ହେକ୍ଟର ଜଙ୍ଗଲ ଥିଲା ତାହା କାଳକ୍ରମେ ଜଙ୍ଗଲ ଚାଷ ଜମିରେ ପରିଣତ ହେଲା। ଏହାକୁ ବିରୋଧ କରି ପୂର୍ବରୁ ଅନେକ ଥର ମକା ଚାଷ ନଷ୍ଟ, ଘରପୋଡିବା ଓ ଗଣ୍ଡଗୋଳ ହୋଇ ମାମଲା ମାନ ବିଚାରଧୀନ ଅଛି। ଏହି ସବୁ ବିବାଦର ଅନ୍ତ ନ ଘଟୁଣୁ ଚଳିତ ବର୍ଷ ନୂଆ ବିବାଦ ମୁଣ୍ଡ ଟେକିଛି। ସାରିୟାଟାଡା, ଲକଟିପାଖାନା ଓ କପାସାଭଟା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ



ଆମକୁ ଭିଏସ୍‌ଏସ୍ କମିଟି ଉଚ୍ଛେଦ କରି ଜଙ୍ଗଲ କିସମ ଚାଷ ଜମି ମଧରେ ଜବରଦସ୍ତି ଚାଷ କରୁଛନ୍ତି। ଉମରକୋଟ ଟିଏଲ୍‌ଏମ୍‌ସି (ତହସିଲ ଲେବେଲ ମନିଟରିଙ୍ଗ କମିଟି)ରେ ସମସ୍ତଙ୍କ ବ୍ୟକ୍ତିଗତ ଦଖଲ ଜଙ୍ଗଲ ଜମି ପଟ୍ଟା ଯୋଗାଇଦେବା ନିମନ୍ତେ ଆବେଦନ କରିଛନ୍ତି କିନ୍ତୁ ୬ ମାସ ହେବ ସେ ଆବେଦନ ଅନୁଯାୟୀ କିଛି ତଦନ୍ତ ହେଇ ନାହିଁ। କିନ୍ତୁ ଜମି ଛଡ଼ାଇ ନିଜ ଅକ୍ତିଆରକୁ ନେଇ ସିର୍ଲିଗୁଡ଼ା ଭିଏସ୍‌ଏସ୍ ମକା ଚାଷ କରୁଛନ୍ତି। କପସାଭଟା ଓ ସାରିଆଭଟା ଛୋଟ ଗ୍ରାମ ହେଇଥିବା ହେତୁ ଏହି ଦୁଇ ଗ୍ରାମର ଲୋକଙ୍କୁ ସିର୍ଲିଗୁଡ଼ା ଭିଏସ୍‌ଏସ୍‌ର ୫୦୦ ପରିବାର ଡରାଇ ଧମକାଇ ଜମି ଛଡ଼ାଇ ନିଜ ଅକ୍ତିଆରକୁ ନେଇ ଚାଷ କରୁଛନ୍ତି।

ଅନ୍ୟ ପକ୍ଷରେ ଭିଏସ୍‌ଏସ୍ କମିଟିଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାରୁ ଏଠାରେ ଚାଷ କରୁଥିବା ବ୍ୟକ୍ତିମାନେ ପ୍ଲାଣ୍ଟେସନକୁ କାଟି ଜଙ୍ଗଲ ନଷ୍ଟ କରି ଜବର ଦଖଲ କରୁଛନ୍ତି ଯାହା ଆମେ ବିରୋଧ କରୁଛୁ। ଚଳିତ ବର୍ଷ ସେହି ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଗଛ ଲଗାଇବା ପ୍ରକ୍ରିୟା ଆରମ୍ଭ କରିଛୁ। ଏ ସମ୍ପର୍କରେ ସ୍ଥାନୀୟ ବନପାଳ ଅକୁଳ ବୈରାଗୀଙ୍କୁ ଯୋଗାଯୋଗ କରିବାରୁ ଚଳିତ ବର୍ଷ ଏହି ଠାରେ ଗ୍ରାମବାସୀଙ୍କ ସହାୟତାରେ ତିରିଶି ହଜାର ଗଛ ଲଗାଯାଇ ନୂତନ ଜଙ୍ଗଲ ସୃଷ୍ଟି ପାଇଁ କାମ ଚାଲିଥିବା ପ୍ରକାଶ କରିଛନ୍ତି।

# ପାଟଣାଗଡ଼ରେ ୧୩ଟିକିଆ ହାତୀପଲର ଉତ୍ପାତ

## ଭାଙ୍ଗିଲେ ଘର, ଅଳ୍ପକେ ବର୍ତ୍ତିଲେ ଲୋକେ



**ପାଟଣାଗଡ଼,୨୭।୬(ସଂଚାର ବ୍ୟୁରୋ):** ବେଲପଡା ବ୍ଲକ ଧୁମାଭଟା ପଞ୍ଚାୟତ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଜଲିଆ ଗାଁରେ ୧୩ଟିକିଆ ହାତୀପଲଙ୍କ ଉତ୍ପାତ ଦେଖିବାକୁ ମିଳିଛି। ଗତକାଲି ବିଳମ୍ବିତ ରାତ୍ରିରେ ଗାଁର ଟିକେଶ ବରେଇଙ୍କ ଘରକୁ ଏହି ହାତୀପଲ ଭାଙ୍ଗିଦେଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମିଳିଥିବା ସୂଚନାନୁସାରେ, ଟିକେଶ ତାଙ୍କ ସ୍ତ୍ରୀ, ପୁତ୍ରବୋହୂ, ନାତିନାତୁଣୀ ଏହିପରି ୭ ଜଣ ପରିବାର ସଦସ୍ୟଙ୍କ ସହ ଗତକାଲି ରାତିରେ ଘରେ ଶୋଇଥିଲେ। ତେବେ ରାତି ପ୍ରାୟ ୧୨ଟା ସମୟରେ ଅଚାନକ ହାତୀପଲଙ୍କ ଗର୍ଜନ ଶୁଣିବାକୁ ମିଳିଥିଲା। ଟିକେଶ ଭୟଭୀତ ହୋଇ ପରବାର ଲୋକଙ୍କୁ ଉଠାଇଥିଲେ। ବାହୁଁ ବାହୁଁ ଏହି ୧୩ଟିକିଆ ହାତୀପଲ ତାଙ୍କ ଘର ପାଖରେ ପହଞ୍ଚିଯାଇଥିଲେ। ଟିକେଶଙ୍କ ପରିବାର ଲୋକେ ଜୀବନ ବଞ୍ଚାଇବାକୁ ଏଣେତେଣେ ଦୌଡ଼ି ପଳାଇଥିଲେ। ତେବେ ହାତୀମାନେ ତାଙ୍କ ଘରଦ୍ୱାର ଭାଙ୍ଗିବା ସହ ଘରେ ଥିବା ଆଠ ପ୍ୟାକେଟ୍ ଚାଉଳ, ଦୈନନ୍ଦିନ ବ୍ୟବହାର କରୁଥିବା କପଡ଼ା ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ନଷ୍ଟ କରିଦେଇଥିଲେ। ଖବର ପାଇ ସମାଜସେବୀ ସିପୁନ ଖମାରୀ କ୍ଷତିଗ୍ରସ୍ତ ପରିବାରଙ୍କ ନିକଟରେ ପହଞ୍ଚି ସହାୟତା ଯୋଗାଇ ଦେଇଥିଲେ। ଏନେଇ ବଲାଙ୍ଗୀର ବନ ବିଭାଗ ଡିଏଫଓ, ପାଟଣାଗଡ଼ ରେଞ୍ଜର, ଚିକିରାପାଦା ଫରେଷ୍ଟରଙ୍କୁ ଅବଗତ କରାଯିବା ପରେ ଆଜି ସକାଳେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଟିକେଶଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ରାଜସ୍ୱ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରଙ୍କୁ ଗୋଟିଏ ପଲିଥିନ ଓ ବ୍ଲକ ପ୍ରଶାସନ ତରଫରୁ ଏକ ପ୍ୟାକେଟ୍ ଚାଉଳ ଯୋଗାଇଦିଆଯାଇଥିବା ଜଣାପଡିଛି। ତେବେ ଏହି ୧୩ଟିକିଆ ହାତୀ ପଲ ଗାଁ ନିକଟରେ ଥିବା କିରିବାଞ୍ଜି ଜଙ୍ଗଲ ଭିତରେ ରହିଥିବା କୁହାଯାଉଛି। ଦୁଇ ଦିନ ହେଲା ବନ କର୍ମଚାରୀମାନେ ସେମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଥିବା ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି କହିଛନ୍ତି।

# ପ୍ରବଳ ବର୍ଷା ନେଇ ପୂର୍ବାନୁମାନ, ସତର୍କ ସୂଚନା ଜାରି



**ଭୁବନେଶ୍ୱର,୨୭।୬(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା କରି ଗୃହ ଓ ନଗର ଉନ୍ନୟନ ବିଭାଗ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)କୁ ସତର୍କ କରିଛି। ଏଥିନେଇ ସ୍ଥିତିର ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଜାରି କରିଛି। ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ୟୁଏଲ୍‌ବିଗୁଡ଼ିକୁ ସମ୍ଭାବ୍ୟ ଜଳାବଦ୍ଧ ଅଞ୍ଚଳରେ ଜଳ ନିଷ୍କାସନ ନିମନ୍ତେ ପାଣି ପମ୍ପକୁ ଆଗୁଆ ମହଜୁଦ ରଖିବା ସହ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟଧିକ ବର୍ଷା ଯୋଗୁ ସୃଷ୍ଟି ହେଉଥିବା ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦ୍ରୁତ ପ୍ରତିକ୍ରିୟା ଦଳ ମଧ୍ୟ ଗଠନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରକୃତ ପରିସ୍ଥିତିରେ ସହରାଞ୍ଚଳର ପ୍ରଭାବଶାଳୀ ପରିଚାଳନା ସୁନିଶ୍ଚିତ କରିବାକୁ ୟୁଏଲ୍‌ବି ସହ ଦୃଢ଼ତାର ସହ କାର୍ଯ୍ୟ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଲାଇନ ବିଭାଗ ସହ ସମନ୍ୱୟ, ଜରୁରୀକାଳୀନ ମାନବ ସମ୍ବଳର ଉପଲବ୍ଧତା ଓ ଅତ୍ୟାବଶ୍ୟକ ଉପକରଣର ପ୍ରସ୍ତୁତି ଉପରେ ବିଭାଗ ନିରନ୍ତର ନଜର ରଖିଛି ଓ ଜନସାଧାରଣଙ୍କୁ ସତର୍କ ରହିବାକୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଜାରି କରାଯାଇଥିବା ପରାମର୍ଶ ଅନୁସରଣ କରିବାକୁ ନିବେଦନ କରାଯାଇଛି।

## ମଦ ବୋଝେଇ ଗାଡ଼ି ଜବତ, ୩ ଫେରାର



**ସୋରୋ,୨୭।୬(ସଂଚାର ବ୍ୟୁରୋ):** ଗ୍ରାମବାସୀ ଗୋଡେଇ ଗୋଡେଇ ମଦ ବୋଝେଇ ଗାଡିକୁ ଧରିଛନ୍ତି। ପରେ ଉକ୍ତ ଗାଡ଼ିରୁ ବିପୁଳ ପରିମାଣର ଦେଶୀ ମଦ ବାହାରିଛି। ଗାଡିକୁ ଭାଙ୍ଗିବା ସହ ଓଲଟାଇ ଦେଇ ଲୋକେ ରାଗ ସୁଝାଇଛନ୍ତି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଚନ୍ଦ୍ରପଡ଼ା ଅଞ୍ଚଳରେ ଏକ ଦେଶୀ ମଦ ବୋଝେଇ ଗାଡ଼ିକୁ ଗ୍ରାମବାସୀମାନେ ଗୋଡ଼ାଇ ଗୋଡ଼ାଇ ଧରିଛନ୍ତି। କିଛି ମାସ ପୂର୍ବରୁ ଏହି ମଦ ବୋଝେଇ ଗାଡିଟି ଦୁଇ ଜଣ ଯୁବକଙ୍କୁ ଦୁର୍ଘଟଣା କରି ମାରିଦେଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ମଦ ବୋଝେଇ ଗାଡ଼ିଟି ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିବା ପରେ ତାହାକୁ ଲୋକେ ଭଙ୍ଗାରୁଜା କରିବା ସହ ଓଲଟାଇ ଦେଇଥିଲେ। ଏହାକୁ କେନ୍ଦ୍ର କରି ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଖବର ପାଇ ସିମୁଳିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ଉକ୍ତ ଗାଡିରୁ ଏକ ହଜାରରୁ ଅଧିକ ମଦ ବୋତଲ ଥିବା ସୂଚନା ମିଳିଛି। ସିମୁଳିଆ ପୁଲିସ ଗାଡ଼ିଟିକୁ ଉଦ୍ଧାର କରି ଥାନାକୁ ଆଣିଥିବା ବେଳେ ସେଥିରେ ଥିବା ୩ ଜଣ ଯୁବକ ଖସି ପଳାଇ ଯାଇଛନ୍ତି। ତେବେ ସିମୁଳିଆ ପୁଲିସ ଓ ଅବକାରୀ ବିଭାଗ ଅଧିକାରୀ ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଦାଦନ ଯାଇ ନିଖୋଜ ହେଲା ପୁଅ

● ପରିବାର ଲୋକଙ୍କ ଅପହରଣ ଅଭିଯୋଗ




**ନୟାଗଡ଼,୨୭।୬(ସଂଚାର ବ୍ୟୁରୋ):** ବେଶ୍ ଖୁସିରେ ଚାଲିଥିଲା ଜୀବନ। କିନ୍ତୁ ଅଭାବରେ ଜୀବନ କାଟିବା ମୁସ୍କିଲ ହୋଇପଡ଼ିଲା। ଘରେ ବାପା ମା' ଓ ସ୍ତ୍ରୀ ପେଟରେ ଦି ମୁଠା ଦାନା ଦେବା ସକାଶେ ଘରୁ ଗୋଡ଼ କାଢ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲା ପୁଅ। କିନ୍ତୁ ପରିବାରର ଦୁଃଖ ଦୂର ହେବ କ'ଣ, ନିଜେ ରୋଜଗାର ପାଇଁ ଯାଇଥିବା ପୁଅର ପୁଅର ପତ୍ତା ମିଳୁନାହିଁ। ପୁଅର ଫେରିବା ବାଟକୁ ଚାହିଁ ଚାହିଁ ଶେଷରେ ପିତାମାତା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବେଙ୍ଗାଲୁରୁରେ ନିଖୋଜ ହୋଇଛନ୍ତି କାହ୍ନୁଚରଣ ପ୍ରଧାନ। ନିଖୋଜ ହେବା ପରେ ଅପହରଣ ଓ ହତ୍ୟା ସନ୍ଦେହ କରି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ନୟାଗଡ ଜିଲ୍ଲା ଶରଣକୁଳ ଥାନା ହରିହରପୁର ଗାଁର ଯୋଗୀ ପ୍ରଧାନଙ୍କ ପୁଅ କାହ୍ନୁଚରଣ ପାଖାପାଖି ମାସେ ତଳେ ଦିନମଜୁରିଆ ଭାବେ କାମ କରିବା ପାଇଁ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ତାଙ୍କ ଗାଁର ପ୍ରିୟବ୍ରତ ବରାଡ଼ ଓ ସୁରେନ୍ଦ୍ର ଜେନାଙ୍କ ସହ ରହି କାମ କରୁଥିଲେ। ତେବେ ପାଖାପାଖି ସପ୍ତାହେ ତଳେ ଗାଁ ପିଲାଙ୍କ ସହ କାହ୍ନୁଙ୍କର କୌଣସି କାରଣରୁ ଝଗଡ଼ା ହୋଇଥିଲା। କାହ୍ନୁଙ୍କୁ ଗାଁକୁ ପଠାଇ ଦେଇଥିବା ଫୋନ ଯୋଗେ ପ୍ରିୟବ୍ରତ ଓ ସୁରେନ୍ଦ୍ର କାହ୍ନୁଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ ଏବେ କାହ୍ନୁଙ୍କ ଫୋନ୍ ସ୍ୱିଚ୍‌ଅଫ୍ ଅଛି ଓ ତାଙ୍କର କୌଣସି ସନ୍ଧାନ ମିଳୁନାହିଁ। ତେଣୁ କାହ୍ନୁଙ୍କୁ ଅପହରଣ କିମ୍ବା ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଅର ଖବର ପାଇବା ପାଇଁ ପରିବାର ଲୋକେ ଶରଣକୁଳ ଓ ନୟାଗଡ଼ ଏସପିଙ୍କ ସହ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାହ୍ନୁଙ୍କ ସନ୍ଧାନ ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ଉଦ୍ୟମ ଚଳାଇଥିବା ଉପଜିଲ୍ଲାପାଳ କହିଛନ୍ତି।

## ବ୍ରେକ୍ ଫେଲ ହେବାରୁ ଦୋକାନରେ ପଶିଗଲା ଟ୍ରକ୍

**କଣ୍ଟାବାଞ୍ଜି,୨୭।୬(ସଂଚାର ବ୍ୟୁରୋ):** ବ୍ରେକ୍ ଫେଲ୍ ହେବା ଫଳରେ ଦୋକାନ ଭିତରକୁ ଧସେଇ ପଶିଛି ଟ୍ରକ୍।ବ ଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବଙ୍ଗୋମୁଣ୍ଡା ରେଳ ଫାଟକ ନିକଟରେ ଏପରି ଏକ ଦୁର୍ଘଟଣା ଘଟିଛି। ସୂଚନାନୁଯାୟୀ, ଆଜି ସକାଳେ ଏକ ମାଲ୍ ବୋଝେଇ ଟ୍ରକ୍ ବଙ୍ଗୋମୁଣ୍ଡା ପଟୁ କଣ୍ଟାବାଞ୍ଜି ଆସୁଥିଲା। ସକାଳ ପ୍ରାୟ ୮ଟା ସମୟରେ ଟ୍ରକ୍‌ଟି କଣ୍ଟାବାଞ୍ଜିର ବଙ୍ଗୋମୁଣ୍ଡା ରେଳ ଫାଟକ ନିକଟରେ ପହଞ୍ଚିଥିବା ସମୟରେ ଅଚାନକ ଏହାର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଫଳରେ ଡ୍ରାଇଭରଙ୍କ ପ୍ରଚେଷ୍ଟା ସତ୍ତ୍ୱେ ଗାଡ଼ିଟି ଅଟକିନଥିଲା। ଏହା ପଛକୁ ଗଡ଼ି ଗଡ଼ି ଯାଇ କେତେକ ଦୋକାନ ସହ ଘଷି ହେବା ପରେ ଏକ ମାଲ୍‌ବାହୀ ରିକ୍ସା ଉପରେ ଚଢ଼ିଯାଇଥିଲା। ଫଳରେ ଉକ୍ତ ରିକ୍ସାଟି ଚୂରମାର୍ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳରେ ଗତ ବର୍ଷ ଏକ ରୋଲର୍ ବ୍ରେକ୍ ଫେଲ୍ ହେବା ଯୋଗୁଁ ଜନୈକା ମହିଳାଙ୍କୁ ଚାପି ଦେବା ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କେନ୍ଦୁଝର ସଦର,୨୭।୬:** କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାଙ୍କମାରୁଣି ରଡେଇ ନଦୀରେ ଗାଧୋଇବା ବେଳେ ଅଘଟଣ । ଜଣେ ବ୍ୟକ୍ତି ଅଥଳ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି । ମୃତକ ଜଣଙ୍କ ବାଙ୍କମାରୁଣି ନିକଟସ୍ଥ ବାଲିସୁଆଁ ଗାଁର ତରଣୀସେନ ନାଏକ (୩୭ ବର୍ଷ) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ବାଙ୍କମାରୁଣି ନିକଟସ୍ଥ ବାଲିସୁଆଁ ଗ୍ରାମର ତରଣୀସେନ ଗତ ଶୁକ୍ରବାର ସକାଳୁ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ନଦୀରେ ଗାଧୋଇବା ସମୟରେ କୌଣସି କାରଣବଶତଃ ସେ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

## ୩୦ରେ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୬(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩୦ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ସ୍ଥାନୀୟ ୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗର ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆଜି ଆରମ୍ଭ ହୋଇଥିବାବେଳେ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଓ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ସମ୍ପର୍କରେ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ମୋବାଇଲ ଫୋନ୍ ଦ୍ୱାରା ଉଦ୍ଦିଷ୍ଟ କ୍ୟୁଆର କୋଡକୁ ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିବାର ସୁବିଧା ମଧ୍ୟ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶନ ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ଅଭିଯୋଗ

## ଘର ଆଗରେ ଧାରଣା ଦେଲେ କ୍ଷତିଗ୍ରସ୍ତ



**ଉଦଳା,୨୭।୬(ସଂଚାର ବ୍ୟୁରୋ):** ଦୁର୍ନୀତି ଟଙ୍କାରେ ଛିଡ଼ା ହୋଇଛି ବିରାଟ ବଙ୍ଗଳା ଘର ତ ନୁହେଁ ରାଜପ୍ରାସାଦ କହିଲେ ବୋଧହୁଏ ଠିକ୍ ହେବ। କିନ୍ତୁ ନିଜର ଝାଳବୁହା ଧନ ନୁହେଁ, ବରଂ ନିରୀହ ଲୋକଙ୍କଠାରୁ ଠକେଇ କରି ଏହି କୋଠା ତିଆରି କରିଛନ୍ତି ଈଶ୍ୱର ବିନ୍ଧାଣି। ଟ୍ରେଡିଂ ନାଁରେ ବିଭିନ୍ନ ଲୋକଙ୍କଠାରୁ ସେ ପ୍ରାୟ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ଲୋକେ ନିଜ ଟଙ୍କା ଫେରିପାଇବା ସକାଶେ ତାଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ଈଶ୍ୱର କୋଲ୍‌କାତାର ଏକ ଟ୍ରେଡିଂ କମ୍ପାନୀର ଓଡ଼ିଶା ମୁଖ୍ୟ ଭାବେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ନିକଟରୁ ଟଙ୍କା ନେଇ ନିବେଶ କରି ଲାଭ ଦେବେ ବୋଲି କହିଥିଲେ। କିନ୍ତୁ ସେମାନେ ଲାଭ ତ ଦୂରେ ଥାଉ, ମୂଳ ଟଙ୍କା ବି ଫେରିପାଇଲେ ନାହିଁ। କାରଣ ଈଶ୍ୱର କୋଟି କୋଟି ଟଙ୍କା ଠକିନେଇ ଛୁ' ମାରିଛନ୍ତି।

ମୟୂରଭଞ୍ଜର କପ୍ତିପଦା ଥାନା ଅନ୍ତର୍ଗତ ବିଶୋଳ ଗ୍ରାମର ଲୋକଙ୍କ ସହ ଅନ୍ୟାନ୍ୟ କେତେକ ସ୍ଥାନର କ୍ଷତିଗ୍ରସ୍ତ ଏପରି ଅଭିଯୋଗ ଆଣିଛନ୍ତି। ଗ୍ରାମର ବାସିନ୍ଦା ଈଶ୍ୱର କଲିକତାର ଏକ ଠକ ଟ୍ରେଡିଙ୍ଗ ସଂସ୍ଥାରେ ଓଡିଶା ମୁଖ୍ୟ ସାଜି ରାଜ୍ୟ ତମାମ ବୁଲି ଲୋକଙ୍କ ନିକଟରୁ ଲକ୍ଷ ଲକ୍ଷ ଟଙ୍କା ନେଇ ବିନିଯୋଗ କରିଥିଲେ। କିନ୍ତୁ ଲୋକଙ୍କଠାରୁ କୋଟି କୋଟି ଟଙ୍କା ବିଭିନ୍ନ ଅଞ୍ଚଳରୁ ଠକିନେଇ ଏବେ ଆଉ ଧରାଛୁଆଁ ଦେଉନାହାନ୍ତି। ତେଣୁ ଟଙ୍କା ଫେରିପାଇବା ସକାଶେ କଟକ, ଭୁବନେଶ୍ୱର, ଜଗତସିଂହପୁର, ଭଦ୍ରକ ଆଦି ବିଭିନ୍ନ ଅଞ୍ଚଳର ଠକାମିର ଶିକାର ହୋଇଥିବା ଲୋକେ ତାଙ୍କ ଘର ସାମ୍ନାରେ ଧାରଣା ଦେଇଛନ୍ତି। ଏହି ଘଟଣାରେ ସ୍ଥାନୀୟ ପୁଲିସ୍ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ସେମାନଙ୍କ ଟଙ୍କା ଫେରସ୍ତ ଦିଗରେ ପଦକ୍ଷେପ ନେବା ସକାଶେ ଅଭିଯୋଗକାରୀମାନେ ଦାବି କରିଛନ୍ତି।

## ଯୁବତୀଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲାରେ ୩ ଗିରଫ

**କରଞ୍ଜିଆ,୨୭।୬(ସଂଚାର ବ୍ୟୁରୋ):** ଯୁବତୀଙ୍କୁ ଅପହରଣ ପରେ ଗଣଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଗତ ୨୪ ତାରିଖର ଅପରାହ୍ନରେ ଜଣେ ଯୁବତୀ ମନ୍ଦିରରୁ ପୂଜା ସାରି ଘରକୁ ଫେରୁଥିବା ବେଳେ ଗଣ ଦୁଷ୍କର୍ମର ଶିକାର ହୋଇଥିଲେ । କରଞ୍ଜିଆ ଥାନା ହଳଦିଆପଶି-ମଲ୍ଲାରପଦା ଗାଁ କାଜୁ ଜଙ୍ଗଲ ନିକଟରୁ ତାଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଗଣଦୁଷ୍କର୍ମର ଶିକାର ହୋଇଥିବା ନେଇ ଯୁବତୀ ଜଣକ ଗତ ୨୪ ତାରିଖରେ ବିଳମ୍ବିତ ରାତିରେ କରଂଜିଆ ଥାନାରେ ଅଭିଯୋଗ କରିଛନ୍ତି। ପରେ ମଲ୍ଲାରପଦା ଗାଁର ବିକାଶ ପାତ୍ର ନାମକ ଜଣେ ଅଭିଯୁକ୍ତ ସହ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା କରଞ୍ଜିଆ ପୋଲିସ । ଗତକାଲି ବିଳମ୍ବିତ ରାତ୍ରରେ ଆଉ ଜଣେ ଅଭିଯୁକ୍ତକୁ ଧରିବାରେ ସଫଳ ହେଇଛି କରଞ୍ଜିଆ ପୋଲିସ । ଏବେ ଏହି ଘଟଣା ନେଇ ମୁହଁ ଖୋଲିଛନ୍ତି ଡିଆଇଜି ।

# ମଶାଣି ଗାତରୁ ବାହାରିଲା ଶବ

## ପୋଷ୍ଟମର୍ଟମ୍ ପରେ ସାମ୍ନାକୁ ଆସିବ ମୃତ୍ୟୁ ରହସ୍ୟ



**ସୁବର୍ଣ୍ଣପୁର,୨୭।୬(ସଂଚାର ବ୍ୟୁରୋ):** ମଶାଣି ଗାତରେ ପୋତାଯାଇଥିବା ଶବକୁ କାଢ଼ି ସତ ଓଗାଳିବାକୁ ଉଦ୍ୟମ କରୁଛି ପୁଲିସ୍। ଏଥିପାଇଁ ମଶାଣିକୁ ତନ୍ନତନ୍ନ କରି ଖୋଜୁଛି ପୁଲିସ। ମଶାଣି ଗାତରୁ ବାହାରିବା ପରେ ଶବ ତା'ର ମୃତ୍ୟୁ ରହସ୍ୟ ବଖାଣିବ ବୋଲି ଆଶା କରାଯାଉଛି। ଏଭଳି ଏକ ଘଟଣା ଏବେ ସମସ୍ତଙ୍କୁ ଚକିତ କରିଛି। ମରଶରୀରକୁ ମୂକସାକ୍ଷୀ କରି ପୁଲିସ୍ ଷଡ଼ଯନ୍ତ୍ର ଉପରୁ ପରଦା ହଟାଇବାକୁ ପ୍ରଚେଷ୍ଟା କରୁଛି।

ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅନ୍ତର୍ଗତ ରାଣୀସର୍ଡା ଗାଁର ଅକ୍ଷୟ ନାଗଙ୍କ ୩୮ ବର୍ଷ ବୟସ୍କା ପତ୍ନୀ ସୌଦାମିନୀ ନାଗ ଗଲବ୍ଲାଡର ଷ୍ଟୋନରେ ପୀଡ଼ିତ ହେବାରୁ ତାଙ୍କୁ ଗତ ୨୪ ତାରିଖରେ ବଲାଙ୍ଗୀର ସହରର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ଅଭିଯୋଗ ଅନୁଯାୟୀ, ସେଠାରେ ତାଙ୍କର ଲାପ୍ରୋସ୍କୋପି ସାହାଯ୍ୟରେ ଅପରେସନ କରିବାକୁ କହି ସିଧାସଳଖ ଅସ୍ତ୍ରୋପ୍ରଚାର କରାଯାଇଥିଲା। କିନ୍ତୁ ସର୍ଜରୀ ପରେ ସୌଦାମିନୀ ଭୀଷଣ ଯନ୍ତ୍ରଣା ଭୋଗିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ପରିବାର ଲୋକଙ୍କୁ ଡକାଇ ଉକ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ବରଗଡ଼ର ଏକ ଡାକ୍ତରଖାନାକୁ ନେବା ପାଇଁ କହିଥିଲେ। ଡାକ୍ତର ନିଜେ ଆମ୍ବୁଲାନ୍ସ ଡାକି ପରିବାର ଲୋକଙ୍କ ହାତରେ ୫ ହଜାର ଟଙ୍କା ଦେଇ ପଠାଇଦେଇଥିଲେ। କିନ୍ତୁ ପରେ ସୌଦାମିନୀଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ବିୟୋଗରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ପରେ ସେମାନେ ସୌଦାମିନୀଙ୍କ ଶବକୁ ରାଣୀସର୍ଡା ଶ୍ମଶାନରେ ପୋତି ଦେଇଥିଲେ। କିନ୍ତୁ ପରିବାର ଲୋକେ ବଲାଙ୍ଗୀର ଥାନାରେ ଗତକାଲି ସର୍ଜରୀ ଡାକ୍ତର ସୁବ୍ରତ ପଧାନଙ୍କ ବିରୁଦ୍ଧରେ ଏକ ମାମଲା ଦାୟର କରିଥିଲେ। ଅଭିଯୋଗ ଆଧାରରେ ବଲାଙ୍ଗୀର ପୁଲିସ, ସୋନପୁର ପୁଲିସ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ତରଭା ଦୀପ୍ତିମୟୀ ଭୋଇଙ୍କ ଉପସ୍ଥିତିରେ ରାଣୀସର୍ଡା ଶ୍ମଶାନରୁ ମୃତଦେହକୁ ଖୋଳାଯାଇ ଶବ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଯାଇଛି। ସେଠାରେ ପୋଷ୍ଟମର୍ଟମ ହେବା ପରେ ମୃତ୍ୟୁର ପ୍ରକୃତ ରହସ୍ୟ ଜଣାପଡିବ। ତେବେ ସୌଦାମିନୀଙ୍କ ମୃତ୍ୟୁ ଡାକ୍ତରଙ୍କ ଅବହେଳାରୁ ହୋଇଥିବାରୁ ସର୍ଜରୀ ଡାକ୍ତର ସୁବ୍ରତ ପଧାନ ଏବଂ ଅନ୍ୟ ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି।

## ଭିଜିଲାନ୍ସ ଜାଲରେ ଗାଁ ସାଥୀ

● ୧୫,୦୦୦ ଟଙ୍କା ଲାଞ୍ଚ ନେଉଥିଲେ



**ବାଲିପାଟଣା,୨୭।୬(ସଂଚାର ବ୍ୟୁରୋ):** ବାଲିପାଟଣା,ଭୁବନେଶ୍ୱରରଗାଁ ସାଥୀ (ମେଟ୍) ସାଗର ଚନ୍ଦ୍ର ପଲାଇ ଓଡ଼ିଶା ଭିଜିଲାନ୍ସ ଦ୍ୱାରାଲାଞ୍ଚ ନେଉଥିବା ବେଳେ ଧରାପଡିଛନ୍ତି। ଅଭିଯୋଗକାରୀଙ୍କୁ ଏମଜିଏନଆରଇଜିଏସ ବ୍ୟକ୍ତିଗତ ଯୋଜନା ଅନ୍ତର୍ଗତ ତାଙ୍କ ନିଜ ଜମିରେ ଗଡିଆ ଖୋଳିବା କାର୍ଯ୍ୟ ଲାଗି ଶେଷ ସରକାରୀ ଅନୁଦାନ ମିଳିବାକୁ ଥିଲା।କାର୍ଯ୍ୟ ପୂର୍ଣ ହେଇଥିବା ସତ୍ତ୍ୱେ ଗାଁ ସାଥୀ ଶ୍ରୀ ପଲାଇ ଲାଞ୍ଚ ଭାବେ ତାଙ୍କଠାରୁ ୧୫,୦୦୦ ଟଙ୍କା ଦାବି କରୁଥିଲେ।ଏଥି ଲାଗି ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ବିଭାଗ ଟ୍ରାପ୍ କାର୍ଯ୍ୟାନୁଷ୍ଠାନ କରି ଅଭିଯୁକ୍ତ ଶ୍ରୀ ପଲାଇଙ୍କୁ ଗୋଟିଏ ଲାଭାନ୍ୱିତଙ୍କଠାରୁ ଲାଞ୍ଚ ଅର୍ଥ ନେଉଥିବା ବେଳେ ଧରାପଡିଥିଲେ।ଅଭିଯୁକ୍ତଙ୍କ ନିକଟରୁ ଲାଞ୍ଚ ଭାବରେ ଗ୍ରହଣ କରିଥିବା କେମିକାଲ ବୋଳା ୧୫,୦୦୦ଟଙ୍କା ଜବତ କରାଯାଇଛି।ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ଏକ ସ୍ଥାନରେ ଅତ୍ୟଧିକ ସମ୍ପତ୍ତି ଅଭିଯୋଗର ଅଧିକ ତଦନ୍ତ ଚାଲିଥିବା ଭିଜିଲାନ୍ସ ସୂଚନା ଦେଇଛି।

## ଜନଶତାବ୍ଦୀକୁ ଟେକାମାଡ଼, ଅଭିଯୁକ୍ତ ଗିରଫ



**ଭଦ୍ରକ,୨୭।୬(ସଂଚାର ବ୍ୟୁରୋ):** ଆଜି ସକାଳେ ଭଦ୍ରକରେ ଜନଶତାବ୍ଦୀ ଏକ୍ସପ୍ରେସ୍ ଉପରେ ପଥରମାଡ଼ କରାଯାଇଥିବା ବେଳେ ଏହି ମାମଲାରେ ଆର୍‌ପିଏଫ୍ ପକ୍ଷରୁ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଆଜି ସକାଳ ପ୍ରାୟ ୮ଟା ୧୫ ମିନିଟ୍ ସମୟରେ ରାଁଦିଆ ବାଉଦପୁର ଓ ଭଦ୍ରକ ଷ୍ଟେସନ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ଉକ୍ତ ଟ୍ରେନ୍‌ର ଡି/୧୩ କୋଚ୍ ଉପରକୁ ଅଭିଯୁକ୍ତ ଜଣଙ୍କ ଟେକାମାଡ଼ କରିଥିବା ନେଇ ଅଭିଯୋଗ ହୋଇଥିଲା। ଅବଶ୍ୟ ଏଥିରେ କେହି ଆହତ ହୋଇନଥିଲେ। ଏହି ଅଭିଯୋଗକୁ ଗୁରୁତର ଭାବେ ନେଇ ଆରପିଏଫ୍ ଭଦ୍ରକର ଭାରପ୍ରାପ୍ତ ଇନସପେକ୍ଟର ତଲାସ ଆରମ୍ଭ କରି ଅଭିଯୁକ୍ତକୁ ଗିରଫ କରିଛନ୍ତି। ତାଙ୍କୁ ଆସନ୍ତାକାଲି ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ ବୋଲି କୁହାଯାଇଛି।

# ହରିଶ୍ଚନ୍ଦ୍ର ଯୋଜନା, ବର୍ଷକରେ ୫୩ କୋଟିରୁ ଅଧିକ ବ୍ୟୟ

**ଭୁବନେଶ୍ୱର,୨୭।୬:** ନିଜ ପ୍ରିୟଜନଙ୍କ ଶବ ସତ୍କାର ପାଇଁ ଲକ୍ଷାଧିକ ଲୋକଙ୍କ ନିକଟରେ ଅର୍ଥ ନାହିଁ । ରାଜ୍ୟ ସରକାର ଏମାନଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଜରିଆରେ ଅର୍ଥ ଯୋଗାଇ ଦେଉଥିବାବେଳେ ଅଚିହ୍ନା ବ୍ୟକ୍ତିଙ୍କ ଶବ ସତ୍କାର ପାଇଁ ମଧ୍ୟ ସହାୟତା କରୁଛନ୍ତି ।

ଗରିବ ଲୋକଙ୍କୁ ନିଜ ପ୍ରିୟଜନଙ୍କ ଶବ ସତ୍କାର ଲାଗି ସହାୟତା ଯୋଗାଇଦେବା ସକାଶେ ଓଡିଶା ସରକାର ୨୦୧୩ ମସିହାରେ ଆରମ୍ଭ କରିଥିଲେ ହରିଶ୍ଚନ୍ଦ୍ର ଯୋଜନା । ପଞ୍ଚାୟତ ସ୍ତରରେ ଏହି ଅର୍ଥ ଯୋଗାଇ ଦିଆଯିବା ସହିତ ପୁରୀ ସ୍ୱର୍ଗଦ୍ୱାରରେ ମଧ୍ୟ ସହାୟତାର ବ୍ୟବସ୍ଥା ରହିଛି । ପଞ୍ଚାୟତ ସ୍ତରରେ ଯେଉଁମାନେ ଶବ ସତ୍କାର ପାଇଁ ଆବେଦନ କରନ୍ତି ସେମାନଙ୍କୁ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପାଇଁ ୨ହଜାର ଟଙ୍କା କରି ମିଳିଥାଏ । ତେବେ ଏଥିପାଇଁ ମୃତ ବ୍ୟକ୍ତିଙ୍କ ନାମ ରାସନକାର୍ଡ ତାଲିକାରେ ଥିବା ଜରୁରୀ ।

ତେବେ ଯେଉଁମାନେ ନିଜର ପ୍ରିୟଜନଙ୍କ ଶବକୁ ସତ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନେଇଥାନ୍ତି ସେଠାରେ ସେମାନଙ୍କ ନଗଦ ଟଙ୍କା ବଦଳରେ କାଠ, ଘିଅ, ପୂଜା ସାମଗ୍ରୀ ଆଦି ଯୋଗାଇ ଦିଆଯାଇଥାଏ` ଏଥିପାଇଁ ମୃତ ବ୍ୟକ୍ତିଙ୍କ ପରିବାରକୁ ନିଜର ପରିଚୟପତ୍ର, ମୃତ୍ୟୁ ପ୍ରମାଣପତ୍ର ଆଦି ଦାଖଲ କରିବାକୁ ପଡିଥାଏ । ସମସ୍ତ କାଗଜପତ୍ରର ଯାଞ୍ଚ ସରିଲେ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ଶବ ସତ୍କାର ପାଇଁ ଧାର୍ଯ୍ୟ ପରିମାଣର ସାମଗ୍ରୀ ଯୋଗାଣ ହୋଇଥାଏ । ଯେଉଁମାନେ ଅଧିକ କାଠ ଆବଶ୍ୟକ କରିଥାନ୍ତି ସେମାନଙ୍କୁ ଏଥିପାଇଁ ଅର୍ଥ ଦେବାକୁ ହୋଇଥାଏ ।




ତେବେ ପୁରୀ ସ୍ୱର୍ଗଦ୍ୱାରକୁ ଆସୁଥିବା ପ୍ରାୟ ସମସ୍ତ ଶବ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ ହୋଇଥାଏ। କାଁଭାଁ ବ୍ୟକ୍ତି ଏଥିରୁ ଦୂରେଇ ରହିଥାନ୍ତି । ତେବେ ଯେଉଁମାନେ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ ହୋଇଥାନ୍ତି ସେମାନଙ୍କ ପାଇଁ ଏଠାରେ ଶବ ସତ୍କାର ସହଜ ହେଉଥିପାରୁ ଅନେକ ଏଥିପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ତେବେ କାଠକୁ ବାଦ୍ ଦେଲେ ଶବ ସତ୍କାର ପାଇଁ ଅନ୍ୟ ଯେଉଁସବୁ ସାମଗ୍ରୀ ଏଠାରେ ଯୋଗାଣ ହୋଇଥାଏ ତାହା ଅତ୍ୟନ୍ତ ନିମ୍ନମାନର ବୋଲି ମଧ୍ୟ ବେଳେବେଳେ ଅଭିଯୋଗ ହୋଇଥାଏ। ସେହିଭଳି ଅଚିହ୍ନା ଶବ ବିଶେଷକରି ଦୁର୍ଘଟଣା ଆଦିରେ ମିଳୁଥିବା ଶବର ସତ୍କାର ପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଇଥାନ୍ତି । ଗତ ବର୍ଷ ହରିଶ୍ଚନ୍ଦ୍ର ଯୋଜନାରେ ଶବ ସତ୍କାର ପାଇଁ ୧ଲକ୍ଷ ୬୯ ହଜାର ପରିବାରକୁ ୫୩ କୋଟି ଟଙ୍କାରୁ ଅଧିକ ଅର୍ଥ ଯୋଗାଇ ଦିଆଯାଇଛି।

ଅତୀତରେ ରାଜ୍ୟର କେତେକ ସ୍ଥାନରେ ହରିଶ୍ଚନ୍ଦ୍ର ଯୋଜନାରେ ହେରଫେର ନେଇ ଅଭିଯୋଗ ଆସିଥିବାବେଳେ ଏତେ ସଂଖ୍ୟାରେ ଲୋକଙ୍କ ନିକଟରେ ନିଜର ପ୍ରିୟଜନଙ୍କ ଶବ ସତ୍କାରପାଇଁ ଅର୍ଥ ନଥିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ତେବେ ରାଜ୍ୟର ୮୦ ପ୍ରତିଶତରୁ ଅଧିକ ଲୋକଙ୍କର ରାସନ କାର୍ଡ ଥିବାରୁ ସେମାନେ ମାଗଣା ଚାଉଳ ପାଇବା ସହିତ ଏହି କାର୍ଡ ସହାୟତାରେ ପ୍ରିୟଜନଙ୍କ ଶବକୁ ହରିଚନ୍ଦ୍ର ଯୋଜନାରେ ସାମିଲ କରି ସରକାରୀ ସହାୟତା ପାଇବାରେ ସଫଳ ହେଉଛନ୍ତି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଜୁଲାଇ ପହିଲାରୁ ଲାଗୁ ହେବ ନୂଆ ନିୟମ

**ନୂଆଦିଲ୍ଲୀ, ୨୭।୬:** ଜୁଲାଇ ମାସ ଆରମ୍ଭ ହେବାକୁ ଯାଉଛି। ୨୦୨୫ ଜୁଲାଇ ୧ ରୁ ଏପରି କିଛି ନିୟମ ଲାଗୁ ହେବାକୁ ଯାଉଛି, ଯାହାର ସିଧାସଳଖ ପ୍ରଭାବ ଆପଣଙ୍କ ପକେଟ ଉପରେ ପଡ଼ିବ ବୋଲି କୁହାଯାଉଛି। ତେବେ ଆସନ୍ତୁ ଜୁଲାଇ ୧ରୁ କେଉଁ ନୂଆ ନିୟମ ସବୁ ଲାଗୁ ହେବାକୁ ଯାଉଛି ସେ ବିଷୟରେ ଜାଣିବା। ଆଗାମୀ ମାସରୁ ରେଳ ଟିକେଟ ମହଙ୍ଗା ହୋଇଯିବ, ତତକାଳ ଟିକେଟ ବୁକିଂ ପାଇଁ ନିୟମ ମଧ ପରିବର୍ତ୍ତନ ହେବ। ଏହା ବ୍ୟତୀତ, ପାନ୍ ତିଆରି କରିବା ସହ ଜଡିତ ପ୍ରକ୍ରିୟା ପରିବର୍ତ୍ତନ ହେବ ଏବଂ କିଛି ବ୍ୟାଙ୍କ ଏଟିଏମ ଏବଂ କ୍ରେଡିଟ୍ କାର୍ଡ ସହ ଜଡିତ ନୂତନ ନିୟମ ମଧ ଜୁଲାଇ ୧ରୁ ଲାଗୁ ହୋଇଯିବ।

ଜୁଲାଇ୧ରୁ ରେଳ ଟିକେଟର ମୂଲ୍ୟ ବୃଦ୍ଧି ପାଇବ। ଏସି ଏବଂ ନନ୍-ଏସି ଉଭୟ ଟିକେଟର ମୂଲ୍ୟ ସାମାନ୍ୟ ବୃଦ୍ଧି କରାଯାଇଛି। ନନ୍-ଏସି କ୍ଲାସର ଭଡ଼ା ପ୍ରତି କିଲୋମିଟରରେ ୧ ପଇସା ଏବଂ ଏସି କ୍ଲାସର ଭଡ଼ା




ପ୍ରତି କିଲୋମିଟରରେ ୨ ପଇସା ବୃଦ୍ଧି କରାଯାଇଛି। ଜୁଲାଇ ୧ରୁ ତତ୍କାଳ ଟିକେଟ୍ ବୁକିଂ କରିବା ପାଇଁ ଆଇଆରସିଟିସି ଆକାଉଣ୍ଟକୁ ଆଧାର ସହିତ ଲିଙ୍କ୍ କରିବା ବାଧତାମୂଳକ ହେବ। ଟିକେଟ୍ ବୁକ୍ କରିବା ସମୟରେ ଆଧାର ସହିତ ଲିଙ୍କ୍ ହୋଇଥିବା ମୋବାଇଲ୍ ନମ୍ବରରେ ପ୍ରାପ୍ତ ଓଟିପି ପ୍ରବେଶ କରିବାକୁ ପଡିବ। ଓଟିପି ପୂରଣ ନହେଲେ ଟିକେଟ୍ ବୁକ୍ ହୋଇ ପାରିବ ନାହିଁ। ତତ୍କାଳ ବୁକିଂ ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ଏଜେଣ୍ଟମାନେ ଆଉ ଟିକେଟ୍ ବୁକ୍ କରିପାରିବେ ନାହିଁ। ପାନ୍ କାର୍ଡ ତିଆରି କରିବା ପାଇଁ ଆଧାର କାର୍ଡ ରହିବା ବାଧତାମୂଳକ ହେବ। ଏହା ସହିତ, ପାନ୍ କାର୍ଡ ଏବଂ ଆଧାର କାର୍ଡ ଲିଙ୍କ୍ କରିବାର ଶେଷ ତାରିଖ ୨୦୨୫ ଡିସେମ୍ବର ୩୧ ତାରିଖ ସ୍ଥିର କରାଯାଇଛି। ସେହିପରି ଜୁଲାଇ ୧ରୁ ଏଚଡିଏଫସି ବ୍ୟାଙ୍କର କ୍ରେଡିଟ୍ କାର୍ଡ ସହିତ ଜଡିତ ନିୟମ ମଧ ପରିବର୍ତ୍ତନ ହେବ। ଥାର୍ଡ ପାର୍ଟି ଆପ୍ ମାଧମରେ ଏଚଡିଏଫସି କ୍ରେଡିଟ୍ କାର୍ଡ ପେମେଣ୍ଟ କରିବା ପାଇଁ ଲୋକଙ୍କୁ ୧ ପ୍ରତିଶତ ଚାର୍ଜ ଦେବାକୁ ପଡିବ। ଏହି ସମୟରେ, ୟୁଟିଲିଟି ବିଲ୍ ପେମେଣ୍ଟ ଉପରେ ମଧ ଚାର୍ଜ ଲାଗୁ ହେବ। ଆଇସିଆଇସିଆଇ ବ୍ୟାଙ୍କର ଏଟିଏମ ସହିତ ଜଡିତ ନିୟମ ମଧ ପରିବର୍ତ୍ତନ ହେବାକୁ ଯାଉଛି। ଏବେ ଗ୍ରାହକମାନଙ୍କ ପାଇଁ ଏହି ବ୍ୟାଙ୍କର ଏଟିଏମ ବ୍ୟବହାର କରିବା ମହଙ୍ଗା ହୋଇପାରେ। ନୂତନ ନିୟମ ଅନୁଯାୟୀ, ସୀମାଠାରୁ ଅଧିକ ଟଙ୍କା ଉଠାଇବା ପାଇଁ ପ୍ରତି ଟ୍ରାନଜାକସନରେ ୨୩ ଟଙ୍କା ଶୁଳ୍କ ଲାଗୁ ହେବ। ଆର୍ଥାତ ଏଟିଏମରେ ୫ଟି ମାଗଣା ଟ୍ରାନଜାକସନ ଉପଲବ୍ଧ ହେବ।

# ନାଲ୍କୋର ଆଇଏ୯୦ ଗ୍ରେଡ୍ ଆଲୁମିନିୟମ ଆଲୟ ଇଙ୍ଗଟ




ଭୁବନେଶ୍ୱର, ୨୭।୬: ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନି (ନାଲ୍କୋ) ଆଇଏ୯୦ ଗ୍ରେଡ୍ ଆଲୁମିନିୟମ୍ ଆଲୟ ଇଙ୍ଗଟ ଉନ୍ମୋଚନ କରିଛି ଯାହା ଅଟୋମୋବାଇଲ୍ ଶିଳ୍ପର ଆବଶ୍ୟକତା ପୂରଣ କରିବ। କମ୍ପାନିର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଅନୁଗୁଳସ୍ଥିତ ସ୍ମେଲ୍ଟର ଓ ପାୱାର୍ କମ୍ପ୍ଲେକ୍ସର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ନୂଆ ଗ୍ରେଡ୍ ଇଙ୍ଗଟକୁ ଉନ୍ମୋଚନ କରିଥିଲେ। ଏହା ଅଧିକ ମଜଭୁତ ହୋଇଥିବା ବେଳେ କ୍ଷୟ ପ୍ରତିରୋଧୀ। ଉଚ୍ଚ ଶକ୍ତି ସହ ଉତ୍କୃଷ୍ଟ କାଷ୍ଟିଂ କ୍ଷମତା ପାଇଁ ଏହାକୁ ଚକ, ଇଞ୍ଜିନ ବ୍ଲକ୍, ସିଲିଣ୍ଡର ହେଡ୍ ଓ ଅଟୋମୋବାଇଲ୍ ଶିଳ୍ପର ଅନ୍ୟାନ୍ୟ ଉପାଦାନ ଉତ୍ପାଦନ ଲାଗି ବ୍ୟବହାର କରାଯାଇପାରିବ ବୋଲି ନାଲ୍କୋ ପକ୍ଷରୁ କୁହାଯାଇଛି।

# ଦକ୍ଷିଣ ସୁଦାନ ବିଶ୍ୱର ସବୁଠୁ ଗରିବ ରାଷ୍ଟ୍ର

ନୂଆଦିଲ୍ଲୀ ୨୭।୬: ଦକ୍ଷିଣ ସୁଦାନ ବିଶ୍ୱର ସବୁଠାରୁ ନୂଆ ଦେଶ। ୨୦୧୧ ଜୁଲାଇ ୯ରେ ଏହା ନିଜକୁ ସୁଦାନରୁ ପୃଥକ କରିଥିଲା ଏବଂ ଏହାର କିଛି ଦିନ ପରେ ଏ ଦେଶ ଜାତିସଂଘର ସଦସ୍ୟ ପାଲଟିଥିଲା। ସୁଦାନଠାରୁ ଅଲଗା ହେବା ପରେ ବି ଏହାର ଭାଗ୍ୟ ବଦଳିନାହିଁ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଅନୁସାରେ, ଦକ୍ଷିଣ ସୁଦାନ ହେଉଛି ବିଶ୍ୱର ସବୁଠାରୁ ଗରିବ ରାଷ୍ଟ୍ର। ଏଠାରେ ବ୍ୟକ୍ତି ପିଛା ଜିଡିପି ମାତ୍ର ୨୫୧ ଡଲାର। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ, ୧.୧୫ କୋଟି ଜନସଂଖ୍ୟାବିଶିଷ୍ଟ ଏହି ଦେଶରେ ୭୬% ଜନସଂଖ୍ୟା ଦାରିଦ୍ର୍ୟ ରେଖା ତଳେ ଅଛନ୍ତି




**ମୁଣ୍ଡ ପିଛା ଜିଡିପି ମାତ୍ର ୨୫୧ ଡଲାର: ଆଇଏମଏଫ**

ଏବଂ ଦୁଇ ତୃତୀୟାଂଶ ଲୋକ ଭୟଙ୍କର ଦାରିଦ୍ର୍ୟରେ ଜୀବନଯାପନ କରୁଛନ୍ତି। ବିଶ୍ୱର ସବୁଠାରୁ ଗରିବ ଦେଶଗୁଡ଼ିକର ତାଲିକାରେ ଅଧିକାଂଶ ଦେଶ ଆଫ୍ରିକାରେ ରହିଛି। ଦକ୍ଷିଣ ସୁଦାନ ପରେ ୟେମେନ୍ ଦ୍ୱିତୀୟ ଗରିବ ରାଷ୍ଟ୍ର । ବର୍ଷ ବର୍ଷ ଧରି ଯୁଦ୍ଧରେ ମାତିଥିବା ଏହି ଗଲ୍‌ଫ ଦେଶରେ ବ୍ୟକ୍ତି ପିଛା ଜିଡିପି ୪୧୭ ଡଲାର। ଏହା ପରେ ବୁରୁଣ୍ଡି, ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ, ମଲାବୀ, ମେଡାଗାସ୍କର, ସୁଡାନ, ମୋଜାମ୍ବିକ୍, ଡିଆରସି, ନାଇଜର, ସୋମାଲିଆ, ନାଇଜେରିଆ, ଲାଇବେରିଆ, ସିୟରା ଲିୟୋନ, ମାଲୀ, ଗାମ୍ବିଆ ଏବଂ ଚାଡ୍ ରହିଛି। ଏହି ଦେଶଗୁଡ଼ିକରେ ବ୍ୟକ୍ତି ପିଛା ଜିଡିପି ୧୦୦୦ ଡଲାରରୁ କମ୍। ଏହା ପରେ ରହିଛି ରାୱାଣ୍ଡା, ଟୋଗୋ, ଇଥିୟୋପିଆ, ଲେସୋଥୋ, ବୁର୍କିନା ଫାସୋ, ଗିନି ବସାଉ, ମ୍ୟାନ୍‌ମାର, ତାଞ୍ଜାନିଆ, ଜାମ୍ବିଆ, ଉଗାଣ୍ଡା, ତାଜିକସ୍ତାନ, ନେପାଳ, ପୂର୍ବ ତିମୁର, ବେନିନ୍, କୋମୋରୋସ୍, ସେନେଗଲ, କେମରୁନ୍ ଏବଂ ଗିନି। ଏହି ଦେଶଗୁଡ଼ିକରେ ପ୍ରତି ବ୍ୟକ୍ତି ଜିଡିପି ୨,୦୦୦ ଡଲାରରୁ କମ୍। ଲାଓସ୍, ଜିମ୍ବାବ୍‌ୱେ, କଙ୍ଗୋ, ସୋଲୋମନ୍ ଆଇଲାଣ୍ଡସ, କିରିବାତୀ, କେନିଆ, ଘାନା, ପାପୁଆ ନ୍ୟୁ ଗିନି, ହାଇତି, ବାଂଲାଦେଶ, କିର୍ଗିଜ ରିପବ୍ଲିକ୍, କମ୍ବୋଡିଆ ଏବଂ ଆଇବରୀ କୋଷ୍ଟରେ ପ୍ରତି ବ୍ୟକ୍ତି ଜିଡିପି ୨,୦୦୦ ଡଲାରରୁ ଅଧିକ ରହିଛି। ଭାରତ ଏ ତାଲିକାରେ ୫୦ ନମ୍ବରରେ ଅଛି। ଦେଶର ପ୍ରତି ବ୍ୟକ୍ତି ଜିଡିପି ୨,୮୭୮ ଡଲାର।

ବେଦାନ୍ତ ଆଲୁମିନିୟମ ପକ୍ଷରୁ ରଥଯାତ୍ରା ଉପଲକ୍ଷେ ପୁରୀ ବେଳାଭୂମିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏକ ବାଲୁକା ମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହାକୁ ବିଶିଷ୍ଟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ପ୍ରସ୍ତୁତ କରିଛନ୍ତି। ୧୫ ଫୁଟ ଲମ୍ବ ଓ ୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତିକୁ ୧୦ ଟନ୍ ବାଲିରେ ତିଆରି କରାଯାଇଛି। ଲାଗିଥିଲା। ମୂର୍ତ୍ତିଟିକୁ ବିଭିନ୍ନ ପ୍ରକାର ରଙ୍ଗ ଓ ଫୁଲ ମାଳାରେ ସଜା ଯାଇଛି।




# ‘୨୦୩୦ ସୁଦ୍ଧା ଉଭାନ ହୋଇଯିବ ଲକ୍ଷାଧିକ ଚାକିରି’

**ନୂଆଦିଲ୍ଲୀ, ୨୭।୬:** ୨୦୩୦ ସୁଦ୍ଧା ଲକ୍ଷ ଲକ୍ଷ ଚାକିରି ଉଭାନ ହୋଇଯିବ, ଆଉ ବେରୋଜଗାରୀ ହୋଇଯିବେ ଲୋକେ। ଏଭଳି ଚେତାବନୀ ଦେଇଛନ୍ତି ଜିରୋଧା ସହ ସଂସ୍ଥାପକ ନିଖିଲ କାମାଥ। ସେ କହିଛନ୍ତି ଯେ ବିଶ୍ୱ ନିଯୁକ୍ତି ବଜାର ଏକ ବଡ଼ ପରିବର୍ତ୍ତନ ଆଡ଼କୁ ଅଗ୍ରସର ହେଉଛି। ତେଣୁ ପୁରୁଣା କଲେଜ ଡିଗ୍ରୀ ରଖି କିଛି ନୂଆ ଶିଖିବାର ଆଗ୍ରହ ପ୍ରକାଶ କରୁନଥିବା କର୍ମଚାରୀମାନେ ପଛରେ ପଡ଼ିଯାଇପାରନ୍ତି ବୋଲି ସେ ଚେତାବନୀ ଦେଇଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲୁଇଏଫ) କରିଥିବା ଏକ ଅଧ୍ୟୟନରେ କୁହାଯାଇଛି ଯେ ୨୦୩୦ ସୁଦ୍ଧା ୯୨ ମିଲିଅନ ଚାକିରି ଉଭାନ ହୋଇଯିବ। ସେହି ସମୟରେ ୧୭୦ ମିଲିଅନ ନୂଆ ଚାକିରି ସୃଷ୍ଟି ହେବ। ଏହା ଫଳରେ ୭୮ ନିୟୁତ ଚାକିରିର ନିଟ୍ ଲାଭ ହେବ। କିନ୍ତୁ ଯେଉଁମାନେ ସମୟ ସହିତ ଖାପ ଖୁଆଇ ନିଜ ଶିକ୍ଷାର ବିକାଶ କରିବେ ସେମାନେ ହିଁ ଏହି ରେସ୍‌ରେ ରହିପରିବେ ବୋଲି କାମାଥ କହିଛନ୍ତି। କାମଥଙ୍କ ଅନୁସାରେ, ଅପଡେଟ୍ ରହିବାକୁ ହେଲେ ପାରମ୍ପରିକ ୪ ବର୍ଷର କଲେଜ ପାଠ୍ୟକ୍ରମ ଆଉ ଯଥେଷ୍ଟ ନୁହେଁ। ସମୟ ସହିତ ନୂଆ ନୂଆ ଶିକ୍ଷା ଓ ଏବଂ ନିୟମିତ ନିଜର ଦକ୍ଷତା ବୃଦ୍ଧି କରିବା ବର୍ତ୍ତମାନ ସମୟ ପାଇଁ ବେଶ ଜରୁରୀ। କୃଷି କ୍ଷେତ୍ରରେ ଗ୍ରୀନ ଜବ ୩୪ ମିଲିଅନରୁ ଅଧିକ ନୂଆ ଭୂମିକା ସୃଷ୍ଟି କରିବ। ସେହିପରି ଆଜିର ସମାଜରେ ଡିଜିଟାଲ୍ ଲିଭିଂ ସଫ୍ଟୱେର୍ ଡେଭଲପର ଏବଂ ଡେଲିଭରି କର୍ମଚାରୀଙ୍କ ଚାହିଦାକୁ ବୃଦ୍ଧି କରିବ। କିନ୍ତୁ ଅଟୋମେସନ ଯୋଗୁ କ୍ୟାସିୟର, କ୍ଲର୍କ ଏବଂ ସଚିବ ଭଳି ଚାକିରି ବିପଦରେ ପଡ଼ିଯିବ ବୋଲି କାମାଥ ଆକଳନ କରୁଛନ୍ତି। ଟେକ୍ନୋଲୋଜୀ ଯୋଗୁ କାମ କରିବାର ପଦ୍ଧତି ପରିବର୍ତ୍ତନ ହେଉଛି। ଟେକ୍ନୋଲୋଜୀ ସାହାଯ୍ୟରେ ଆଜି ୨୨ ପ୍ରତିଶତ କାର୍ଯ୍ୟ ପରିଚାଳନା ହେଉଥିବା ବେଳେ ୨୦୩୦ ମସିହାରେ, ଏହା ୩୪ ପ୍ରତିଶତ କାର୍ଯ୍ୟ ପରିଚାଳନା କରିବ। କେବଳ ମଣିଷ ଦ୍ୱାରା କରାଯାଉଥିବା କାର୍ଯ୍ୟର ଅଂଶ ୩୩ ପ୍ରତିଶତକୁ ହ୍ରାସ ପାଇବ। ବାକି ୩୩ ପ୍ରତିଶତ କାର୍ଯ୍ୟ ମାନବ ଏବଂ ଟେକ୍ନୋଲୋଜୀ ପ୍ରୟାସର ମିଶ୍ରଣ ମାଧମରେ ପରିଚାଳନା କରାଯିବ। ଏହାର ଜବାବରେ, ୭୭ ପ୍ରତିଶତ କମ୍ପାନୀ ସେମାନଙ୍କର କର୍ମଚାରୀମାନଙ୍କୁ ପୁନଃ ତାଲିମ ଦେବାକୁ ଯୋଜନା କରୁଛନ୍ତି। ପ୍ରାୟ ୬୯ ପ୍ରତିଶତ ମଧ ଏଆଇ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବାକୁ ଚାହାଁନ୍ତି। ସେହିପରି ୪୧ ପ୍ରତିଶତ କହିଛନ୍ତି ଯେ ସେମାନେ ସ୍ୱୟଂଚାଳିତ ହୋଇପାରୁଥିବା ଚାକିରିଗୁଡ଼ିକୁ ହଟାଇ ଦେବେ। ୨୦୩୦ ସୁଦ୍ଧା ଆବଶ୍ୟକ ହେଉଥିବା ଦକ୍ଷତା ମଧରେ ଏଆଇ, ବିଗ ଡାଟା, ସାଇବର ସୁରକ୍ଷା, କ୍ରିଏଟିଭିଟ ଥିଙ୍କିଙ୍ଗ୍ ଏବଂ ପରିବେଶ ପ୍ରତି ଯତ୍ନ ନେବା ଆଦି ରହିଛି। କିନ୍ତୁ ଆଜି ୩୯ ପ୍ରତିଶତ ଶ୍ରମିକମାନେ ଯେଉଁ ଦକ୍ଷତାର ସହ କାମ କରୁଛନ୍ତି ସେଗୁଡ଼ିକ ଦିନେ ପୁରୁଣା ଓ ଅଚଳ ହୋଇଯାଇପାରେ। କାମଥ ଏହାକୁ ଏକ ସତର୍କ ଘଣ୍ଟି ବୋଲି କହିଛନ୍ତି। "ଆପଣ ଏକ ଦଶନ୍ଧି ପୂର୍ବେ ଯାହା ଶିଖିଥିଲେ ତାହା ଉପରେ ଭରସା କରିପାରିବେ ନାହିଁ ବୋଲି ସେ କହିଛନ୍ତି।



# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା




କଟକ, ୨୭।୬: ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ପଦ୍ମିନୀ କେୟାର ହସ୍‌ପିଟାଲରେ ‘ପ୍ରସବ ସମୟରେ ଶିଶୁର ସ୍ନାୟୁ ସମ୍ବନ୍ଧୀୟ ଜଟିଳ ହାତ ସମସ୍ୟା ଓ ଏହାର ଆଧୁନିକ ଚିକିତ୍ସା ପଦ୍ଧତି’ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଅସ୍ଥିଶଲ୍ୟ ସଂଘ, ଓଡିଶା ଅସ୍ଥିଶଲ୍ୟ ସଂଘ ଏବଂ ରାଜ୍ୟ ଶିଶୁ ଅସ୍ଥିଶଲ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ବିଶେଷଜ୍ଞ ପ୍ରଫେସର ଡା. ମୌଲିନ ସାହା, ଡା. ନିଶ୍ଚଳ ନାୟକ ଏବଂ ଡା. ତେଜସ୍ ପଟେଲ ଯୋଗଦେଇ ଶିଶୁ ଜନ୍ମବେଳର ସ୍ନାୟୁ ସମ୍ବନ୍ଧୀୟ ହାତ ସମସ୍ୟା ଚିହ୍ନଟ ଏବଂ ଏହାର ଆଧୁନିକ ଚିକିତ୍ସା ପଦ୍ଧତି ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଓଡିଶା ଅସ୍ଥି ଶଲ୍ୟ ସଂଘର ସଭାପତି ଡା. କହ୍ନେଇରାମ ମହାପାତ୍ର, ସମ୍ପାଦକ ସତ୍ୟ ରଞ୍ଜନ ପାତ୍ର, ପ୍ଲାଷ୍ଟିକ୍ ସର୍ଜନ ପ୍ରଫେସର ଡା. ଅରୁଣ କୁମାର ଚୌଧୁରୀ ବକ୍ତବ୍ୟ ରଖିଥିଲେ। ଓଡିଶା ଶିଶୁ ଅସ୍ଥିଶଲ୍ୟ ସଂଘର ସଭାପତି ପ୍ରଫେସର ଡା. ରାମ ନାରାୟଣ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ସଂପାଦକ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଡ୍ରିମ୍‌ସ ସ୍କୁଲ୍ ଅଫ୍ ଫିଜିଓଥେରାପି ଓ ଅକ୍ୟୁପେସନାଲ ଥେରାପିର ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ଓ ବିଭିନ୍ନ ରାଜ୍ୟରୁ ଆସିଥିବା ୧୫୦ରୁ ଅଧିକ ଡାକ୍ତର, ଗବେଷକ, ଫିଜିଓଥେରାପିଷ୍ଟ, ଅକ୍ୟୁପେସନାଲ ଥେରାପିଷ୍ଟ, ପ୍ଲାଷ୍ଟିକ୍ ସର୍ଜନ ଓ ଡାକ୍ତରୀ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ରଥଯାତ୍ରାରେ ଆଦାନୀ ଗ୍ରୁପ୍‌ର ୪୦ ଲକ୍ଷ ଭୋଜନ ବଣ୍ଟନ

ପୁରୀ, ୨୭।୬: ଚଳିତବର୍ଷ ପ୍ରୟାଗରାଜ ମହାକୁମ୍ଭ ମେଳା ପରେ ପୁରୀ ରଥଯାତ୍ରାରେ ଆଦାନୀ ଗ୍ରୁପ ବଡ଼ଧରଣର ସେବାକାର୍ଯ୍ୟ ପାଇଁ ଆଗେଇ ଆସିଛି। ନବ ଦିନ ବ୍ୟାପୀ ରଥଯାତ୍ରାରେ ବିଶ୍ୱର କୋଣ ଅନୁକୋଣରୁ ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀ ଆସିଥାନ୍ତି। ‘ସେବା ହିଁ ସାଧନା’ ବୋଲି ଆଦାନୀ ଗ୍ରୁପ୍ ଅଧକ୍ଷ ଗୌତମ ଆଦାନୀ ବିଶ୍ୱାସ କରନ୍ତି। ସେହି ବିଶ୍ୱାସ ଆଧାରରେ ରଥଯାତ୍ରାରେ ଆଦାନୀ ଗ୍ରୁପ୍ ବ୍ୟାପକ ସେବା କାର୍ଯ୍ୟକ୍ରମ ହାତକୁ ନେଇଛି। ଜୁନ ୨୬ରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ରଥଯାତ୍ରା ସହ ଜଡ଼ିତ ଆଗାଧାଡ଼ିର ଅଧିକାରୀମାନଙ୍କୁ ଆଦାନୀ ଗ୍ରୁପ ସହଯୋଗ ଯୋଗାଇ ଦେବ। ଚଳିତବର୍ଷ ରଥଯାତ୍ରାରେ ଆଦାନୀ ଗ୍ରୁପ ପାଖାପାଖି ୪୦ ଲକ୍ଷ ଭୋଜନ ଏବଂ ପାନୀୟ ମାଗଣା ବଣ୍ଟନ କରିବ। ଏଥିପାଇଁ ଖାଦ୍ୟ କାଉଣ୍ଟରମାନ ଖୋଲିବ। ସେଠାରେ ଶ୍ରଦ୍ଧାଳୁ ଏବଂ ଅଧିକାରୀମାନଙ୍କୁ ପୁଷ୍ଟିକର ଖାଦ୍ୟ



ଦିଆଯିବ। ଗରମରୁ ରକ୍ଷା ପାଇବା ପାଇଁ ପାନୀୟ କାଉଣ୍ଟରଗୁଡ଼ିକରେ ଥଣ୍ଡା ପାଣି ପ୍ରଦାନ କରାଯିବ। ଏଥିସହିତ ଅନ୍ୟାନ୍ୟ ସେବା ଭାବରେ ପୁରୀ ସମୁଦ୍ରରେ ଗାଧୋଉଥିବା ଲୋକଙ୍କ ସୁରକ୍ଷା ପାଇଁ ପୁରୀ ବିଚ୍ ଲାଇଫଗାର୍ଡ ମହାସଂଘକୁ କମ୍ପାନି ଲାଇଫଗାର୍ଡ ପ୍ରଦାନ କରିବ। ବେଳାଭୂମି ସଫେଇ, ବିଶେଷକରି ପ୍ଲାଷ୍ଟିକ ବର୍ଜ୍ୟ ସଫା କାର୍ଯ୍ୟରେ ସ୍ୱେଚ୍ଛାସେବୀମାନେ ନିୟୋଜିତ ହେବେ। ସ୍ୱେଚ୍ଛାସେବୀମାନଙ୍କୁ ଟି-ସାର୍ଟ ଦିଆଯିବ। ସେହିଭଳି ମ୍ୟୁନିସିପାଲିଟିର କର୍ମୀମାନଙ୍କୁ ଫ୍ଲୁରୋସେଣ୍ଟ୍ ସେଫ୍ଟି ଭେଷ୍ଟ୍ ଦିଆଯିବ। ଏଥିସହିତ ଅଧିକାରୀ ଏବଂ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ପ୍ରକାର ଜ୍ୟାକେଟ୍, ରେନ୍‌କୋଟ୍, ଟୋପି ଏବଂ ଛତା ପ୍ରଦାନ କରାଯିବ। ପୁରୀ ଜିଲ୍ଲା ପ୍ରଶାସନ, ଇସ୍କନ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ମିଳିତଭାବେ ଏହି କାର୍ଯ୍ୟ କରିବେ। ଓଡ଼ିଶାରେ ଆଦାନୀ ଗ୍ରୁପ୍ ଏହାର ଆଦାନୀ ଫାଉଣ୍ଡେସନ ଜରିଆରେ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ଠାରୁ ଆରମ୍ଭ କରି ବିଦ୍ୟାଳୟ ଭିତ୍ତିଭୂମି ଏବଂ ଜୀବିକା ଆଦି ବିଭିନ୍ନ କ୍ଷେତ୍ରରେ ସେବାମୂଳକ କାର୍ଯ୍ୟ କରିଆସୁଛି। ଆଦାନୀ ଗ୍ରୁପ୍ ପାଇଁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ଭିତ୍ତିଭୂମି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଠାରୁ ଅଧିକ ବ୍ୟାପକ। ଦେଶରେ ଲୋକଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଜୀବନ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ରହି କମ୍ପାନି ସେବକଭାବେ କାର୍ଯ୍ୟ କରିଥାଏ।

ଉଲ୍ଲେଖଯୋଗ୍ୟ ଚଳିତବର୍ଷ ୪୫ ଦିନିଆ ମହାକୁମ୍ଭ ମେଳାରେ ଆଦାନୀ ଗ୍ରୁପ୍ ଇସ୍କନ ଓ ଗୀତପ୍ରେସ୍ ସହ ମିଶି ଖାଦ୍ୟ ବଣ୍ଟନଠାରୁ ଆରମ୍ଭ କରି ଅନ୍ୟାନ୍ୟ ସେବା ଯାତ୍ରୀମାନଙ୍କୁ ଯୋଗାଇ ଦେଇଥିଲା। ଜାନୁଆରି ୨୧ ତାରିଖରେ କମ୍ପାନି ଅଧକ୍ଷ ଗୌତମ ଆଦାନୀ ଏହି କାର୍ଯ୍ୟରେ ନିଜକୁ ସାମିଲ କରି ବାର୍ତ୍ତା ଦେଇଥିଲେ ଯେ କମ୍ପାନି ପାଇଁ ସାମାଜିକ ସେବା ମଧ ଏକ ମୁଖ୍ୟ କାର୍ଯ୍ୟ। ପୁରୀ ରଥଯାତ୍ରାରେ ଲୋକଙ୍କୁ ସେବା ପ୍ରଦାନ ପାଇଁ କମ୍ପାନି ପକ୍ଷରୁ ବହୁପୂର୍ବରୁ ଯୋଜନା କରିଛି।

## ସ୍ଥିର ସୁନା ଦର



ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮,୧୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮,୦୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯,୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୦୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ହଜାର ୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୦୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯ ହଜାର ୮୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୦୨୦ ଓ ୮୯, ୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୭ , ୯୦୦ ଟଙ୍କା ହୋଇଛି।

## ସ୍ଥିର ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### କେନ୍ଦ୍ରୀୟ ଜଳ ସମ୍ପଦ କମିଶନଙ୍କ କଳାହାଣ୍ଡି ଗସ୍ତ

# ହାତୀ ବ୍ୟାରେଜକୁ ଅଣଦେଖା



**କଳାହାଣ୍ଡି,୨୭।୬(ସଂଚାର ବ୍ୟୁରୋ):** ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପର ଜଳସେଚନ ବିଭିନ୍ନ କେନ୍ଦ୍ରୀୟ ଜଳ ସମ୍ପଦ କମିଶନଙ୍କ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ପରିଦର୍ଶନ କରି ଫେରିଯାଇଛନ୍ତି। ଏ ପରିପ୍ରେକ୍ଷୀରେ ଇନ୍ଦ୍ରାବତୀ ଜଳସେଚନ ବିଭାଗର ଡାହାଣ ମୁଖ୍ୟ କେନାଲ, ବାମ ମୁଖ୍ୟ କେନାଲକୁ ମର୍ଗଳପୁର ହାତୀ ବ୍ୟାରେଜ ଦେଇ ପରିଦର୍ଶନ କରିଥିଲେ ହେଁ ପ୍ରମୁଖ ଜଳଭଣ୍ଡାରର ସମସ୍ୟା କୁ ଗୁରୁତ୍ୱ ନ ଦେବା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ବ୍ୟାରେଜ ଉପରେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡ଼ିରହିଥିବା ବହୁ ସଂଖ୍ୟକ ବିଶାଳ କାୟ ଷ୍ଟପଲକ ଗେଟ କେମିତି କାହାରି ନଜରକୁ ଆସୁନାହିଁ, ତାହା ଏକ ବଡ଼ ପ୍ରଶ୍ନ। ବିଶେଷ କରି ହାତୀ ବ୍ୟାରେଜର ଗେଟ ଠିକ ଭାବେ କାମ କରୁ ନଥିବା, ଗେଟ ରବର ସିଲ କଟି ଯାଇଥିବା, ଡିଜେଲ ଜେନେରେଟର ଅକାମୀ ହୋଇ ପଡ଼ିଥିବା, କୌଣସି ବିଦ୍ୟୁତ ବଲବ ଜଳୁ ନଥିବା କର୍ମଚାରୀଙ୍କ ଅନୁପସ୍ଥିତି ସାଂଗକୁ ବିଭାଗୀୟ ଅଧିକାରୀ ଙ୍କ ଏଭଳି ଏକ ସମ୍ବେଦନଶୀଳ ଅଞ୍ଚଳ କୁ ଅଣଦେଖା ଚର୍ଚ୍ଚାର ବିଷୟ ହୋଇଛି। ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ୦-୪୩ କିଲୋମିଟର ପର୍ଯ୍ୟନ୍ତ ଚାଲିଥିବା ଲାଇନିଂ କାର୍ଯ୍ୟ ପରିଦର୍ଶନ କରି ଇନ୍ଦ୍ରାବତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ସହିତ କିଛି ଚାଷୀଙ୍କ ମତ ମଧ୍ୟ ନେଇଥିଲେ। ପରେ ଛୋରିଆଗଡ଼ ଠାରେ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ଜୟପାଟଣା ବ୍ଲକ ଅଞ୍ଚଳ ପ୍ରବେଶ କରି ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ପି ନାଗ ଫେଣି ପାଖରେ ଅବସ୍ଥିତ ବିଜାସୋଲା ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ ସହିତ ସମ୍ପୃକ୍ତ ଚାଷୀମାନଙ୍କ ସହିତ ପ୍ରକଳ୍ପର ଉପକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅଞ୍ଚଳର ଚାଷୀ ଉଚ୍ଚ ମାଳ ଅଞ୍ଚଳରେ ଅବସ୍ଥାନ କରୁଥିବାବେଳେ ପ୍ରତିବର୍ଷ ବର୍ଷା ଅଭାବରୁ ଫସଲ ଉଜୁଡ଼ିବାର ସମ୍ଭାବନା ରହିଥିବା ପରିପ୍ରେକ୍ଷୀରେ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ଉପରେ ଉଠା ଜଳସେଚନ ହେବାରୁ ଚାଷ ସୁରକ୍ଷିତ ହେବା ସହିତ ଚାଷୀଙ୍କ ଆର୍ଥିକ ବିକାଶ ହୋଇ ପାରିଛି ବୋଲି ପାଣି ପଞ୍ଚାୟତ ସଭାପତି ଶେଷଦେବ ବେହେରା ପ୍ରକାଶ କରିବା ସହ ପ୍ରଶାସନିକ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରକଳ୍ପର କେନ୍ଦ୍ରୀୟ ଜଳ ସମ୍ପଦ କମିଶନ ପ୍ରତିନିଧି ଇଇ ଆର ଆର ପ୍ରସାଦ, ସାଇଣ୍ଟିଷ୍ଟ ଆଶୁତୋଷ ଚୌଧୁରୀଙ୍କ ସମେତ ଇନ୍ଦ୍ରାବତୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ପାଣି, ଦକ୍ଷିଣ କେନାଲ ଅଧିକ୍ଷଣ ଯନ୍ତ୍ରୀ ରାଜକୁମାର ବେହେରା, ଉଠା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିପ୍ର ସୋରେନ, ଇନ୍ଦ୍ରାବତୀ ମେଗା ଲିଫ୍ଟ ନିର୍ବାହୀ ଯନ୍ତ୍ରୀ ପ୍ରଣୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ପାବନଶ୍ରୀକ୍ଷେତ୍ରରେ ମହାସମାରୋହରେ ରଥଯାତ୍ରା



**ହିଞ୍ଜିଳିକାଟୁ ,୨୭।୬ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବଇଚବଣିଆ ଠାରେ ଥିବା ପାବନଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଳିତ ହୋଇଯାଇଛି । ଗୁରୁବାର ଦିନ ଠାକୁରଙ୍କ ନବଯୌବନ ଦର୍ଶନ ଓ ଉଭାଯାତ୍ରା ଯଥାରୀତିରେ ଅନୁଷ୍ଠିତ ହୋଇବାପରେ ଶୁକ୍ରବାର ଭୋର ପ୍ରାୟ ସାଢେ ୪ଟାରେ ମଙ୍ଗଳଆଳତି, ଅବକାଶନୀତି ପରେ ସୂର୍ଯ୍ୟପୂଜା, ରୋଷହୋମ , ମଙ୍ଗଳାର୍ପଣ ଓ ରଥ ପ୍ରତିଷ୍ଠା କାର୍ଯ୍ୟ ସମାପ୍ତ ହୋଇଥିଲା । ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ତିନି ଠାକୁରଙ୍କ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ପାରମ୍ପରିକ ରୀତିରେ ମନ୍ଦିର ସେବାଧିପତି ସେବକ ଜଗନ୍ନାଥ ସାହୁ ପଟୁଆରରେ ଆସି ଠାକୁରଙ୍କ ପୂଜାର୍ଚ୍ଚନା ଓ ଆଳତି ସମର୍ପଣ କରି ସୁନାଖିଡ଼ିକାରେ ଛେରା ପହଁରା କରିଥିଲେ । ଅପରାହ୍ନ ପ୍ରାୟ ସାଢେ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆସି ଦର୍ଶନ କରିଥିଲେ । ପୌରପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପୋଲାଇ, ବିଡ଼ିଓ ସାଗରିକା ଷଡ଼ଙ୍ଗୀ , ବିଜେପିର ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ଅତିରିକ୍ତ ତହସିଲଦାର ସୁରଜ ବେହେରା ଉପସ୍ଥିତ ରହିଥିବା ବେଳେ ଗୁଣ୍ଡିଚା ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା, ସହରର ତ୍ରିରଙ୍ଗା ସେବା ସଂଘ , ବଜରଙ୍ଗୀ ସଂଘ , ହିଞ୍ଜିଳିକାଟୁ ପୌରପରିଷଦ , ଅଗ୍ନିଶମ ବିଭାଗ , ସ୍ୱାସ୍ଥ୍ୟ ବିଭାଗ , ଉପସ୍ଥିତ ରହି ରଥଟଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ସେଇପରି ରାଜା ସାହି ଓ ପାଟଣା ସାହିରେ ବି ମଧ୍ୟ ରଥଯାତ୍ରା ମହାସମାରୋହରେ ହୋଇଥିଲା । ସହର ସମେତ ଗ୍ରାମାଞ୍ଚଳରେ କୁନି କୁନି ପିଲା ମାନେ ମଧ୍ୟ ବହୁ ସୁନ୍ଦର ସୁନ୍ଦର ରଥମାନ ନିର୍ମାଣ କରି ସେଥିରେ କୁନି କୁନି ଠାକୁରଙ୍କ ବିଗ୍ରହ ରଖି ରଥକୁ ଟାଣି ଟାଣି ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା ।

## ଟ୍ରେନ ଧକ୍କାରେ ମାନସିକ ବିକୃତ ବ୍ୟକ୍ତି ଗୁରୁତର

**ସଇଁତଲା,୨୭।୬ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ବଡ଼ମାଲ-ଗୋଏଲଭାଡ଼ି ନିକଟସ୍ତ ଟ୍ରେନ ଲାଇନ ନିକଟରେ ଜଣେ ମାନସିକ ବିକୃତ ବ୍ୟକ୍ତି ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଯାଇ ଗୁରୁତର ହୋଇଛନ୍ତି । ମାନସିକ ବିକୃତ ବ୍ୟକ୍ତିଙ୍କର ଗୋଟିଏ ଗୋଡ଼ କଟି ଯାଇଥିବା ବେଳେ ଶରୀର ବିଭିନ୍ନ ସ୍ଥାନରେ ଆଘାତ ଲାଗି ଗୁରୁତର ହୋଇଛନ୍ତି। ଏହାକୁ ଦେଖି କିଛି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବର ପାଇବା ପରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନେ ଉଦ୍ଧାର କରି ପ୍ରଥମେ ଟିଟିଲାଗଡ଼ ପରେ ବଲାଙ୍ଗୀର ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିବା ଜଣାପଡିଛି। ଘଟଣାକୁ ନେଇ ତଦନ୍ତ ଜାରି ରଖିଛି ଜିଆରପି ପୋଲିସ।



## କେନ୍ଦୁଝର ଶ୍ରୀଜୀଉଙ୍କ ନିଆରା ଭୋଗ



**କେନ୍ଦୁଝର,୨୭।୬ (ସଂଚାର ବ୍ୟୁରୋ):** ଜିଲାର ରାଷ୍ଟ୍ର ଦେବତା ଶ୍ରୀବଳଦେବଜୀଉଙ୍କୁ ଲାଗି ହେଉଥିବା ବିଭିନ୍ନ ଭୋଗ ମଧ୍ୟରୁ ତାଟ ଭୋଗ ଓ ଖେଚୁଡ଼ି ଅନ୍ୟତମ। ମନ୍ଦିର ହେବା ଦିନଠାରୁ ତାଟ ଭୋଗ ଲାଗି ପରମ୍ପରା ରହିଛି। ଖିରି, କାକରା, କର୍ପୂରକେଳି, ଝିଲ୍ଲି ଓ ମନୋହର ଆଦି ମିଷ୍ଟାନ୍ନକୁ ଏକ ସାଙ୍ଗରେ ମିଶାଇ ଶ୍ରୀଜୀଉଙ୍କ ପାଖରେ ଲାଗି ହୋଇଥାଏ, ଯାହାକୁ ତାଟଭୋଗ କୁହାଯାଏ। ତେବେ ଶ୍ରୀଜୀଉଙ୍କ ନିକଟରେ ଲାଗି ହେଉଥିବା ଏହି ତାଟ ଭୋଗରେ ନିଆରା ମିଷ୍ଟାନ୍ନ ହେଉଛି କର୍ପୂରକେଳି। ପ୍ରଥମେ ଅଟା ଓ ଛେନାକୁ ଭଲ ଭାବରେ ମିଶାଇ ଏଥିରେ ଖାଣ୍ଟି ଗୁଆ ଘିଅ ଦେଇ ଗୋଲ ଗୋଲ ଆକାରରେ ଗୁଳା ତିଆରି କରାଯାଏ। ଏହାକୁ ତେଲରେ ଛାଣି ରଖାଯାଏ। କ୍ଷୀରକୁ ଭଲଭାବରେ ଫୁଟାଇ ସେଥିରେ ଚିନି ପକାଇବା ପରେ ଏହି ଗୁଳାକୁ ପକାଇ କିଛି ସମୟ ପରେ ଓହ୍ଲାଇ ଦିଆଯାଏ। ତେବେ ମନ୍ଦିର ହେବା ଦିନଠାରୁ ଅର୍ଥାତ୍ ପ୍ରାୟ ୪ ଶହ ବର୍ଷ ଧରି ଏହି ଭୋଗ ଲାଗି ହୋଇଆସୁଛି ବୋଲି ସେବାୟତ ପଞ୍ଚାନନ ସାହୁ କୁହନ୍ତି। ସେହିପରି ଶ୍ରୀଜୀଉଙ୍କଠାରେ ଦୈନିକ ନୀତି ଭୋଗ ଭାବେ ଲାଗିହୋଇଥାଏ ଖେଚୁଡ଼ି। ଯଦିଓ ଖେଚୁଡ଼ି ସବୁଆଡ଼େ ପ୍ରସ୍ତୁତ ହୋଇଥାଏ, ତେବେ କେନ୍ଦୁଝରର ଖେଚୁଡି ଭୋଗ ନିଆରା। ଏଠାରେ ଭଜା ଖେଚୁଡ଼ି, ଦଳା ଖେଚୁଡି, ରଘୁନାଥିଆ, ନଦା ଆଦି ବିଭିନ୍ନ ପ୍ରକାରର ଖେଚୁଡି ପ୍ରସ୍ତୁତ ହୋଇ ଭୋଗଲାଗି ହୋଇଥାଏ। ବଳଭଦ୍ରଙ୍କ ଭୋଗ ରାଜାଙ୍କ ଘରକୁ ଯାଇଥାଏ। ସୁଭଦ୍ରା ଓ ଜଗନ୍ନାଥଙ୍କ ଭୋଗ ବିକ୍ରି ହୋଇଥାଏ ବୋଲି ପଞ୍ଚାନନ କହିଛନ୍ତି।

## ବଳଦେବଜୀଉଙ୍କୁ ପ୍ରତ୍ୟହ ଲାଗିହୁଏ ୩୨ ରସାବଳୀ



**କେନ୍ଦ୍ରାପଡ଼ା,୨୭।୬ (ସଂଚାର ବ୍ୟୁରୋ):** ୨୦୨୩ ଅକ୍ଟୋବର ୨୩ରେ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ମିଷ୍ଟାନ୍ନ ରସାବଳୀକୁ ସ୍ଥାନୀୟ ଭୌଗୋଳିକ ସଙ୍କେତ ବା ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ) ଟ୍ୟାଗ୍ ମିଳିଛି। ଗବେଷକଙ୍କ ଅନୁସନ୍ଧାନରେ ଅନଙ୍ଗଭୀମଦେବଙ୍କ ସମୟରୁ ଏହା ତୁଳସୀକ୍ଷେତ୍ରର ଭୋଗ ଭାବେ ଶ୍ରୀବଳଦେବଜୀଉଙ୍କୁ ପ୍ରତ୍ୟହ ୩୨ ରସାବଳୀ ଲାଗି କରାଯାଏ। ଗବେଷକ ନିରଞ୍ଜନ ମେକାପ ଓ ଡ. ଅନୀତା ସାବତ କହିଛନ୍ତି, ମହାରାଜା ଅନଙ୍ଗଭୀମଦେବଙ୍କ ସମୟରୁ ତୁଳସୀକ୍ଷେତ୍ରରେ ରସାବଳୀ ନୈବେଦ୍ୟ ଅର୍ପଣ ହୋଇଆସୁଛି। ଏହି ମିଷ୍ଟାନ୍ନର କେନ୍ଦ୍ରାପଡ଼ା ସଂପୃକ୍ତି ସମ୍ପର୍କରେ ଛନ୍ଦପୁରାଣ, ଦାଣ୍ଡି ରାମାୟଣ, ଗଙ୍ଗବଂଶାନୁଚରିତର କେତେକ ଛନ୍ଦ ଓ ଜଣାଣରେ ଅଛି। ଶ୍ରୀଜୀଉଙ୍କ ନିତ୍ୟଭୋଗ ଭାବେ ପରିଚିତ ଏହି ମିଷ୍ଟାନ୍ନର ଉପତ୍ତିସ୍ଥଳ କେନ୍ଦ୍ରାପଡ଼ା ବୋଲି ସେମାନେ ଦାବି କରିଛନ୍ତି। ସହରର କେଶପୁର ବଜାରର ବର୍ଷିଆନ ରସାବଳୀ ନିର୍ମାତା ବୈଷ୍ଣବ ପଣ୍ଡା କୁହନ୍ତି, ପୂର୍ବରୁ ଏହା କେବଳ ମନ୍ଦିର ପରିସରରେ ନିର୍ମିତ ହୋଇ ଶ୍ରୀଜୀଉଙ୍କୁ ଲାଗି ହେଉଥିଲା। ଏବେ କେନ୍ଦ୍ରାପଡ଼ା ସହର ସମେତ ରାଜ୍ୟର ବିଭିନ୍ନ ମେଳା ମହୋତ୍ସବରେ ଦେଖିବାକୁ ମିଳୁଛି। ଛେନା, ଘିଅ, କ୍ଷୀର, ଚିନି, ଗୁଜୁରାତି, ଅଳେଇଚ ଆଦିକୁ ନେଇ ପ୍ରସ୍ତୁତ ଏହି ମିଷ୍ଟାନ୍ନର ପ୍ରସ୍ତୁତି ଟିକେ ଜଟିଳ। ତେବେ ଉପଯୁକ୍ତ ତାଲିମପ୍ରାପ୍ତ ନିର୍ମାତା ଏଥିରେ ସ୍ୱାଦ ଭରିବାରେ ସକ୍ଷମ। ଶିକ୍ଷାବିତ୍ ଭୁବନମୋହନ ଜେନା କୁହନ୍ତି, ଜିଆଇ ଟ୍ୟାଗ ମିଳିବା ପରେ ଏହାର ବ୍ରାଣ୍ଡଭ୍ୟାଲୁ ବଢ଼ିଛି। ମୌଳିକ ଦ୍ରବ୍ୟର ବ୍ୟବସାୟ ବଢ଼ିବା ସହିତ ଅପବ୍ୟବହାର ଉପରେ ରୋକ ଲାଗିଛି।

● କୁଳଡ଼ିହା ଗଳିତ ହାତୀ ମାଈ ନୁହେଁ

## ଦନ୍ତାକୁ ମାରି ଦାନ୍ତ ଲୁଟ୍ ଘଟଣାରେ ୫ଗିରଫ

**ନୀଳଗିରି,୨୭।୬ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା କୁଳଡିହା ଅଭୟାରଣ୍ୟ ସନ୍ନିକଟ ତେଲିପାଳ ପଞ୍ଚାୟତ ପୁଟିବନ୍ଧ ହୁଡିସାହି ନିକଟରେ ଗତ ୧୫ତାରିଖ ଏକ ହାତୀମୃତ୍ୟୁ ହୋଇଥିବା ଖବରପାଇ କୁଳଡିହା ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ଏକ ଗଳିତ ହାତୀ ଦେଖିବାକୁ ପାଇ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ନମୁନା ସଂଗ୍ରହ କରି ଲେବରିଟୋରୀକୁ ପରୀକ୍ଷା ପାଇଁ ପଠାଇଥିଲେ। ଘଟଣାକୁ ଗୁରୁତ୍ୱଦେଇ ବନବିଭାଗ ତଦନ୍ତ ଜାରି ରଖିଥିବା ବେଳେ ୧୭ତାରିଖରେ ପୁଟିବନ୍ଧ ଗ୍ରାମରୁ ଦଶରଥ ସିଂ ନାମକ ଜୈନିକ ସନ୍ଦିଗ୍ଧକୁ ଗିରଫ କରିଥିଲେ।ଦଶରଥଙ୍କୁ ଗିରଫ କଲାପରେ ଦନ୍ତାହାତୀ ଶୀକାରକରି ଦାନ୍ତ ଲୁଟିନେଇଥିବା ସ୍ୱୀକାର ପରେ ଏଥିରେ ଅନ୍ୟମାନେ ସଂପୃକ୍ତ ଥିବା ଜଣାପଡିଥିଲା। ବନବିଭାଗ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଗତ ତିନିଦିନ ତଳେ ମୁନା ସିଂ ନାମକ ସନ୍ଦିଗ୍ଧକୁ ଗିରଫ କରିଥିଲେ। ଘଟଣା ଲୋକଲୋଚନକୁ ଆସିବାପରେ ଶୁକ୍ରବାର ସନ୍ଧ୍ୟାରେ ନୀଳଗିରି ବିଜେଡ଼ି କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏକ ସାମ୍ବାଦିକ ସମ୍ମିଳନୀ କରି ଗୋଟିଏ ସମ୍ବେଦନଶୀଳ ବିରୋଧୀଦଳ ଭାବେ ସଂପୃକ୍ତ ଘଟଣାରେ ଭଉଁରିଆବାଡ ପଞ୍ଚାୟତ ଜଡିବାଲି ନିକଟସ୍ଥ ଭୋଲଡାଙ୍ଗର ସ୍ଥିତ ଏକ ଫାର୍ମହାଉସରେ ପଣ୍ଡା ସିଂ ଏବଂ ଲେକେ ସିଂ ନାମକ ଦୁଇଜଣ ସନ୍ଦିଗ୍ଧ ଫାର୍ମହାଉସ ଗତ ଗୁରୁବାର ରାତିରେ ଆସି ରହିଥିବା ବେଳେ ଶୁକ୍ରବାର ସକାଳେ ତପନ ନାମକ ଅନ୍ୟଜଣେ ସନ୍ଦିଗ୍ଧ ଫାର୍ମହାଉସ୍ ପହଞ୍ଚି ଲୋକପ୍ରତିନିଧିଙ୍କ ଶରଣାପନ୍ନ ହୋଇଥିବା ସୁକାନ୍ତ ନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ମୋବାଇଲ ଚାର୍ଜ ବାହାନାରେ ନାବାଳିକାକୁ ଦୁଷ୍କର୍ମ

**ବୈଶିଙ୍ଗା,୨୭।୬ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମରେ ଗୁରୁବାର ଅପରାହ୍ନରେ ମୋବାଇଲ ଚାର୍ଜ ବାହାନାରେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକା ଜଣଙ୍କ ତାଙ୍କ ମା ଓ ବାପା ଉଭୟ ପକ୍କା କାମ କରିବା ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ତାର୍ଜନ ମାଝୀ,୨୧ ବର୍ଷ ମୋବାଇଲ ଚାର୍ଜ କରିବା ପାଇଁ ନାବାଳିକାଙ୍କ ଘରକୁ ଆସିଥିଲେ। ତେବେ ସେତିକିବେଳେ ଘରେ କେହି ନଥିବାର ଜାଣି ଯୋର ଜବରଦସ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରି ପଳାଇଯାଇଥିଲେ। ସନ୍ଧ୍ୟାରେ ମା ବାପା କାମରୁ ଫେରିବା ପରେ ଝିଅ ନିକଟରୁ ଏ ସଂପର୍କରେ ଜାଣି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଆଜି ଶୁକ୍ରବାର ସନ୍ଧ୍ୟାରେ ତାର୍ଜନ କୁ ଗିରଫ କରି ଉଭୟଙ୍କ ଡ଼ାକ୍ତରୀ ମାଇନା କରାଯିବା ପରେ ପୋକ୍ସୋ ଦଫାରେ ୩୦୬ ନଂ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଙ୍କୁ ବାରିପଦା କୋର୍ଟ ଚାଲାଣ କରାଯାଇଛି।

## ବ୍ରେକ୍ ଫେଲ୍ ହୋଇ ଦୋକାନ ଭିତରକୁ ପଶିଲା ଟ୍ରକ୍



**କଣ୍ଟାବାଞ୍ଜି,୨୭।୬ (ସଂଚାର ବ୍ୟୁରୋ):** ବ୍ରେକ୍ ଫେଲ୍ ହୋଇ ଦୋକାନ ଭିତରକୁ ଧସେଇ ପଶିଲା ଟ୍ରକ୍। ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବଙ୍ଗୋମୁଣ୍ଡା ରେଳ ଫାଟକ ପାଖରେ ଏହି ଦୁର୍ଘଟଣା ଘଟିଛି। ସୂଚନାନୁଯାୟୀ, ଶୁକ୍ରବାର ସକାଳେ ଏକ ମାଲ୍ ବୋଝେଇ ଟ୍ରକ୍ ବଙ୍ଗୋମୁଣ୍ଡା ପଟୁ କଣ୍ଟାବାଞ୍ଜି ଆସୁଥିଲା। ପ୍ରାୟ ୮ଟା ବେଳେ ଟ୍ରକ୍ଟି କଣ୍ଟାବାଞ୍ଜିର ବଙ୍ଗୋମୁଣ୍ଡା ରେଳ ଫାଟକ ପାଖରେ ପହଞ୍ଚିଲା ବେଳକୁ ଗାଡିର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଡ୍ରାଇଭରଙ୍କ ପ୍ରଚେଷ୍ଟା ସତ୍ତ୍ୱେ ଗାଡିକୁ ଅଟକାଇ ପାରିନଥିଲେ। ଟ୍ରକଟି ପଛକୁ ଗଡି ଗଡି ଯାଇ କିଛି ଦୋକାନରେ ଘସି ହେବା ସହ ଏକ ମାଲ୍‌ବାହୀ ରିକ୍ସା ଉପରେ ଚଢି ଯାଇଥିଲା। ଫଳରେ ରିକ୍ସାଟି ଚୁରମାର୍ ହୋଇଯାଇଥିଲା। ରେଳ ଫାଟକ ନିକଟରେ ଅନେକ ଥର ଏଭଳି ଛୋଟ ଛୋଟ ଦୁର୍ଘଟଣା ଘଟୁଛି। ବର୍ଷେ ଆଗରୁ ଏକ ରୋଲରର ବ୍ରେକ୍ ଫେଲ୍ ହେବା ଯୋଗୁଁ ଜଣେ ମହିଳା ଚାପି ହୋଇ ପ୍ରାଣ ହରାଇଥିଲେ।

## ଡେଲାଙ୍ଗରେ ମହାପ୍ରଭୁ ଶ୍ରୀଜଗନାଥଙ୍କ ଘୋଷଯାତ୍ରା



**ଡେଲାଙ୍ଗ,୨୭।୬ (ସଂଚାର ବ୍ୟୁରୋ):** ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁକରଣରେ ଡେଲାଙ୍ଗ ବ୍ଲକର ପୁରପଲ୍ଲୀରେ ଆଜି ଅନୁଷ୍ଠିତ ହୋଇଯାଇଛି ପବିତ୍ର ରଥଯାତ୍ରା । ପୁରୀ ଜିଲ୍ଲାର ସର୍ବବୃହତମ ଗ୍ରାମ ଘୋରଡିଆର ପତିତପାବନ ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସୁସଜିତ ରଥରେ ଘଂଟଘଂଟା, କାହାଳୀ, ଶଙ୍ଖ, ମୃଦଙ୍ଗ, ବାଜା,ନଦିଆ ସଂକିର୍ତନ ଆଦି ବାଦ୍ୟ ଧ୍ୱନି ମଧ୍ୟରେ ପହଣ୍ଡି ହୋଇ ରଥାରୁଢ଼ କରାଯାଇଥିଲା । ସେଠାରେ ମନ୍ଦିର ପୂଜକ, ପୁରୋହିତ ଏବଂ ସେବାୟତ ମାନେ ନୀତିକାନ୍ତି ଅନୁଯାୟୀ ଛେରାପଂହାର ଓ ପୂଜାର୍ଚ୍ଚନା ପରେ ରଥ ଟଣା ଯାଇ ଗ୍ରାମ ପରିକ୍ରମା କରିଥିଲେ, ଏଥିସହ ନବ ଯୌବନ ଦର୍ଶନ ପାଇଁ ରଥ ଟଣା ଅଧାରେ ସ୍ଥଗିତ ରହିଥିଲା । ଆସନ୍ତା କାଲି ଗ୍ରାମଦାଣ୍ଡରେ ରଥଟଣା ଯାଇ ଶ୍ରୀରାଧାମୋହନ ଦେବ ମଠସ୍ଥିତ କଳ୍ପିତ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ପହଞ୍ଚିବେ । ସମଗ୍ର ଅଚଂଳରେ ଭକ୍ତ, ଶ୍ରଦ୍ଧାଳୁ ଓ ଗ୍ରାମବାସୀ ମଧ୍ୟରେ ଆନନ୍ଦ, ଉତ୍ସାହ ସହ ଆଧ୍ୟତ୍ମିକ ପରିବେଶ ମଧ୍ୟରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା । ଶ୍ରୀ ଶ୍ରୀ ପତିତପାବନ ଦେବ ବିଜେ ରଥଯାତ୍ରା କମିଟିର ଅଧକ୍ଷ ବିଜୟ କୁମାର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରଥଯାତ୍ରା ପରିଚାଳନା ହୋଇଥିବା ବେଳେ, ଶିକ୍ଷା ବିଭାଗର ପ୍ରଶାସନିକ ଅଧିକାରୀ ତଥା ବରିଷ୍ଠ ଆର୍ଟିଷ୍ଟ ଜୀବନ ପଣ୍ଡା ରଥରେ ଛେରାପହଁରା କରୁଥିବା ଦେଖିବାକୁ ମିଳିଥିଲା। ବରିଷ୍ଠ ସେବାୟତ ବାସୁଦେବ ମିଶ୍ର, ରାମଚନ୍ଦ୍ର ଦାଶ, ମଦନ ମିଶ୍ର, ବିରେନ ମିଶ୍ର, ବିକ୍ରମ କେଶରୀ ମିଶ୍ର, ସୁନିଲ ମିଶ୍ର,ରାମଚନ୍ଦ୍ର ମିଶ୍ର, ମନୋଜ ମିଶ୍ର ଏବଂ କଲ୍ୟାଣୀ ମିଶ୍ର ଏଥିରେ ସହଯୋଗ କରିଥିଲେ । ମନ୍ଦିରର ପୂଜକ ଅମିତ କୁମାର ପଣ୍ଡା, ନାରାୟଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ ।

## ବ୍ରିଜ୍ ଉପରୁ ଖସିଲା ସିମେଣ୍ଟ ବୋଝେଇ ଟ୍ରକ୍

**ଭଦ୍ରକ,୨୭।୬(ସଂଚାର ବ୍ୟୁରୋ):** ବ୍ରିଜ୍ ଉପରୁ ଖସିଲା ସିମେଣ୍ଟ ବୋଝେଇ ଟ୍ରକ୍। ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର୍। ଭଦ୍ରକ ଜିଲ୍ଲା ଚରମ୍ପା ୧୬ ନମ୍ବର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ସୂଚନାନୁଯାୟୀ, ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଢୁବୁରୀରୁ ଭୋଗରାଇ ଯାଉଥିବା ବେଳେ ଚରମ୍ପା ନିକଟରେ ଏକ ବାଲି ବୋଝେଇ ହାଇୱା ସାଇଡ୍ ମାରିଥିଲା। ଫଳରେ ଟ୍ରକ୍ଟି ଭାରସାମ୍ୟ ହରାଇ ଓଭରବ୍ରିଜ୍‌ର ସାଇଡ୍ ଗାର୍ଡୱାଲ୍‌କୁ ଧକ୍କା ଦେଇ ତଳକୁ ଓଲଟି ପଡିଥିଲା। ତେବେ ଟ୍ରକ୍‌ର ଡ୍ରାଇଭର୍ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ' ଉଦ୍‌ଘାଟିତ



**ବାଲେଶ୍ୱର,୨୭।୬(ସଂଚାର ବ୍ୟୁରୋ):** ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ ହେବାକୁ ଥିବା ନବଦିବସୀୟ 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ' ଆଜି ସନ୍ଧ୍ୟାରେ ମାକଳପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡାକ୍ତର ଚୋଽଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୋଽରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରପାଳିକାର ପ୍ରାକ୍ତନ ଅଧକ୍ଷ ଆଲୋକ ସାହୁ ଓ ବରିଷ୍ଠ ସମାଜସେବୀ ବସନ୍ତଲତା ପଟ୍ଟନାୟକ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ କୋଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏହିଭଳି ଅଭିନବ କାର୍ଯ୍ୟକ୍ରମର ଆୟୋଜନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଭାସ୍କର୍ଯ୍ୟଶିଳ୍ପୀ ସଂଜୟ କୁମାର ରାଉଳଙ୍କଦ୍ୱାରା ନିର୍ମିତ ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଅତିଥିମାନଙ୍କଦ୍ୱାରା ଅନାବରଣ କରାଯାଇଥିଲା। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ କହିଲେ ଯେ ନଅଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଭଜନ, ଜଣାଣ, ନୃତ୍ୟ ଓ ନାଟକ ପରିବେଷଣ, କବିତା ପାଠ ଅନୁଷ୍ଠିତ ହେବା ସହିତ ଦୁଇଦିନ ପ୍ରବଚନର କାର୍ଯ୍ୟକ୍ରମ ରହିଛି। ଏତଦ୍‌ବ୍ୟତୀତ ଅନୁଷ୍ଠାନର ସଦସ୍ୟମାନେ ଜଗନ୍ନାଥଙ୍କ ସଂପର୍କିତ ନିଜର ଅନୁଭୂତି ବକ୍ତବ୍ୟ ମାଧମରେ ପ୍ରକାଶ କରିବେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ କୁନି କୁନି ଚିତ୍ରଶିଳ୍ପୀମାନଙ୍କଦ୍ୱାରା ଶ୍ରୀଜଗନ୍ନାଥ ବିଷୟବସ୍ତୁ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଧୂମଧାମରେ କୁଲାଡ ରଥଯାତ୍ରା ପାଳିତ: ଭକ୍ତଙ୍କ ସେବାରେ ବିଧାୟକ



**ଭଞ୍ଜନଗର,୨୭।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ କୁଲାଡରେ ଧୂମଧାମରେ ପାଳିତ ହୋଇଯାଇଛି ରଥଯାତ୍ରା। ଅପରାହ୍ନରେ ଭଞ୍ଜ ରାଜବଂଶର ଉତ୍ତରାଧିକାରୀ ପ୍ରଶାନ୍ତ ଭଞ୍ଜ ଛେରା ପହଁରା କରିବା ପରେ ଭକ୍ତମାନେ ରଥକୁ ଟାଣିଥିଲେ। ରଥଯାତ୍ରାରେ ହଜାର ହଜାର ଭକ୍ତ ଯୋଗଦେଇଥିବା ଜଣାପଡିଛି। ଘୁମୁସରର ରାଜା ପ୍ରତାପ ଧନଞ୍ଜୟ ଭଞ୍ଜଙ୍କ ଦ୍ୱାରା ଷୋଡ଼ଶ ଶତାବ୍ଦୀରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ଏହାପରେ ରାଜା କୃଷ୍ଣ ଭଞ୍ଜ ୧୭୫୪ରେ ଘୁମୁସରର ରାଜା ହେବାପରେ ରାଜପ୍ରସାଦକୁ ଲାଗି ଜଗନ୍ନାଥ ମନ୍ଦିର ନିର୍ମାଣକରି ଠାକୁରଙ୍କୁ ସ୍ଥାପନ କରିଥିଲେ। ସେହି ସମୟରୁ କୁଲାଡ ରଥଯାତ୍ରା ପାଳିତ ହୋଇଆସୁଛି। ଶହ ଶହ ବର୍ଷ ଧରି ଭଞ୍ଜ ରାଜବଂଶ ପକ୍ଷରୁ ଉକ୍ତ ରଥଯାତ୍ରା ପାଳିତ ହୋଇ ଆସୁଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର ବିଭାଗ ଅଧିନକୁ ଚାଲି ଆସିଥିଲା। ତେଣୁ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ବର୍ତ୍ତମାନ ପରିଚାଳନା ଦାୟିତ୍ୱ ବୁଝୁଛି। ଭଞ୍ଜନଗର ତହସିଲଦାର ମନ୍ଦିରର ତଦାରଖ କରୁଛନ୍ତି।

## ଆଦିବାସୀ ପରିବାରକୁ ସରକାରୀ ସୁବିଧା ଯୋଗାଇଦେବାକୁ ଦାବି



**କଳାହାଣ୍ଡି,୨୭।୬(ସଂଚାର ବ୍ୟୁରୋ):** ସରକାର ଗରିବ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ମାଳମାଳ ଯୋଜନା କରିଛନ୍ତି । ହେଲେ ସେହି ଯୋଜନା ଅଦ୍ୟାବଧି ଆଦିବାସୀମାନଙ୍କ ପାଖରେ ଅପହଞ୍ଚ ହୋଇପଡ଼ିଛି। ବସବାସର ତିନି ଦଶନ୍ଧି ପରେ ମଧ୍ୟ ନା ମିଳିଛି ଜମିପଟ୍ଟା ନା ମିଳିଛି ଘରଡିହ । ସବୁଦିନିଆ ରାସ୍ତା ଗ୍ରାମବାସୀଙ୍କ ପାଇଁ ଦିବାସ୍ୱପ୍ନ ପାଲଟିଛି। ସମସ୍ତ ସରକାରୀ ଯୋଜନାରୁ ନିରୀହ ଆଦିବାସୀ ବଞ୍ଚିତ ହେଉଛନ୍ତି । କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳ ବୁଢ଼ୀଦର ପଞ୍ଚାୟତର ପାହାଡ଼ ଉପରେ ଥିବା ବେହେରାଗୁଡ଼ା ଗ୍ରାମର ୧୫ ଟି ଆଦିବାସୀ ପରିବାର ବହୁବର୍ଷ ପୂର୍ବେ ବାଙ୍କପଲାସ ପଞ୍ଚାୟତ ଅନ୍ତର୍ଗତ ସାନଟିକ୍ରାଗୁଡା ତରାଯୋର ଗ୍ରାମକୁ ଆସି ବସବାସ କଲେ । ସେଠାରେ ପ୍ରାୟ ୧୩ ବର୍ଷ ବସବାସ କଲା ପରେ ବନ ବିଭାଗ ପକ୍ଷରୁ ଏହି ୧୫ ଟି ଆଦିବାସୀ ପରିବାରକୁ ଉଠାଇ ଦେଇ ରତନପିଲା ଗ୍ରାମ ନିକଟସ୍ଥ ଭାଲୁଟୁଆଁ ଠାରେ ଥିବା ସରକାରୀ ଜମିରେ ବସବାସ କରିବା କୁହାଯାଇଥିଲା। ଏହି ଆଦିବାସୀମାନେ ଭାଲୁଟୁଆଁ ଠାରେ ଦୀର୍ଘ୨୮ ବର୍ଷ ହେଲା ବସବାସ କରି ରହି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଏହି ଗ୍ରାମବାସୀଙ୍କ ଯାତାୟାତ ପାଇଁ ସବୁ ଦିନିଆ ରାସ୍ତା ନାହିଁ। ପାଦଚଲା ରାସ୍ତାରେ ଯିବାଆସିବା କରୁଛନ୍ତି । ଗର୍ଭବତୀ କିମ୍ବା ପ୍ରସୂତୀଙ୍କୁ ଖଟିଆରେ ବୋହି ୩ କିଲୋମିଟର ନିଅନ୍ତି। ଆବାସ ଯୋଜନା ଆଦିବାସୀମାନଙ୍କ ପାଇଁ ସାତସପନ ପାଲଟିଛି । ଜମି ଓ ଘରଡିହ ନଥିବାରୁ ଲୋକେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଛାତ୍ରଛାତ୍ରୀ ପାଠ ପଢିବା ନିମନ୍ତେ ଆବଶ୍ୟକୀୟ ସାର୍ଟିଫିକେଟ ଲାଗି ମଧ୍ୟ ତଳିତଳାନ୍ତ ହେଉଛନ୍ତି। ଯେଉଁମାନେ ବର୍ଷବର୍ଷ ଧରି ସରକାରୀ ଜମିରେ ବସବାସ କରୁଥିଲେ ରାଜ୍ୟ ସରକାର ତୁରନ୍ତ ସେମାନଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ କହୁଥିବାବେଳେ ପ୍ରଶାସନ ପକ୍ଷରୁ ଏହି ଆଦିବାସୀମାନଙ୍କୁ ଅଣଦେଖା କରୁଛନ୍ତି । ଯାହାଫଳରେ ଆଦିବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଉ କେତେବର୍ଷ ଗଲାପରେ ଏହି ୧୫ଟି ଆଦିବାସୀ ପରିବାର ସରକାରଙ୍କ ଯୋଜନାରେ ସାମିଲ ହେବେ ତାହା, ସେମାନେ ବି ଜାଣିପାରୁନାହାନ୍ତି। ସରକାର ତୁରନ୍ତ ସେମାନଙ୍କୁ ସବୁଦିନିଆ ରାସ୍ତା, ଘରଡିହ ଓ ଜମି ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ପାଣିରେ ଭାସୁଛି ଗାଁ, ଜଳ ନିଷ୍କାସନ ପାଇଁ ନାହିଁ ବାଟ

**ବାରଙ୍ଗ,୨୭।୬(ସଂଚାର ବ୍ୟୁରୋ):** ପାଣିରେ ଭାସୁଛି ଗାଁ । ଅସରାଏ ବର୍ଷା ହେଲେ ଗାଁ ଏକ ପ୍ରକାର ଜଳବନ୍ଦୀ ହୋଇଯାଉଛି । ଏହା କେଉଁ ଉପାନ୍ତ ଅଞ୍ଚଳ କଥା କହୁନାହୁଁ, ଟ୍ୱିନ୍ ସିଟି ମଧ୍ୟରେ ଥିବା ବାରଙ୍ଗ ଅଞ୍ଚଳ କଥା। ବାରଙ୍ଗ ବ୍ଲକର ଫୁଲପୋଖରୀ ଗ୍ରାମରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି । ବର୍ଷାଦିନ ଆସିଲେ ସାମାନ୍ୟ ବର୍ଷାରେ ଗ୍ରାମ ଜଳମଗ୍ନ ହୋଇଯାଉଛି। ଜଳ ନିଷ୍କାସନ ପାଇଁ ମଧ୍ୟ ବାଟ ନାହିଁ । ସେପଟେ ମୁଖ୍ୟ ସମସ୍ୟା ହେଉଛି ଗ୍ରାମର ଶେଷ ମୁଣ୍ଡରେ ଥିବା ବିଦ୍ୟାଳୟକୁ ଯିବା ବାଟରେ ଅଣ୍ଟୁଏ ଉଚ୍ଚର ବର୍ଷାଜଳ ଜମି ରହିଛି । ଫଳରେ ବିଦ୍ୟାଳୟର କୁନି କୁନି ପିଲା ଏହି ବର୍ଷାଜଳ ମଧ୍ୟରେ ପ୍ରବେଶ କରି ପାଠ ପଢ଼ିବାକୁ ଯାଉଛନ୍ତି ।



# ପରିବେଶ



## ପର୍ଯ୍ୟଟକ ଦେବେ ଜଳବାୟୁ ଟିକସ

ଏଣିକି ବିଦେଶକୁ ବୁଲି ଯାଉଥିବା ପର୍ଯ୍ୟଟକଙ୍କୁ ଦେବାକୁ ପଡ଼ିବ ପରିବେଶ/ ଜଳବାୟୁ ଟିକସ। ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଥିବା ବିଶ୍ୱର କେତେକ ଦେଶ ଏହା ଲାଗୁ କରି ସାରିଥିବା ବେଳେ ଆଉ କେତେକ ଦେଶ ଏ ସଂକ୍ରାନ୍ତରେ ଚିନ୍ତା କରୁଛନ୍ତି। ପ୍ରାକୃତିକ ଶୋଭା ଓ ପରିବେଶ ସୁରକ୍ଷା ଲାଗି ଟିକସଲବ୍ଧ ଅର୍ଥ ବ୍ୟୟ କରାଯିବ। ଗ୍ରୀସ୍, ଇଟାଲୀର ଭେନସ୍, ଇକ୍ୱାଡର୍‌ର ଗଲାପଗୋସ୍ ଦ୍ୱୀପପୁଞ୍ଜ, ପଲାଉ ଓ ନିଉଜିଲାଣ୍ଡ ଆଦି ଦେଶ ପର୍ଯ୍ୟଟକଙ୍କ ଉପରେ ଏଭଳି ଦେୟ ଲାଗୁ କରିଛନ୍ତି। ଏହି ଦେୟ ୧ ଡଲାର୍‌ରୁ ଆରମ୍ଭ କରି ୧୦୦ ଡଲାର୍ ପର୍ଯ୍ୟନ୍ତ ରହିଛି।

ଏହି ବର୍ଗରେ ସାମିଲ ହେବାକୁ ଯାଉଛି ହାୱାଇ। ପର୍ଯ୍ୟଟନଜନିତ ପ୍ରତିକୂଳ ପ୍ରଭାବରୁ ହାୱାଇର ପ୍ରାକୃତିକ ସମ୍ବଳକୁ ସୁରକ୍ଷିତ ରଖିବା ଲାଗି ପର୍ଯ୍ୟଟକଙ୍କ ଉପରେ ୨୫ ଡଲାର୍ ଜଳବାୟୁ ଟିକସ ଲାଗୁ କରିବା ପାଇଁ ସେଠାକାର ସାଂସଦମାନେ ପ୍ରସ୍ତାବ ଦେଇଛନ୍ତି। ତଥ୍ୟ ଅନୁସାରେ, ଗତବର୍ଷ ହାୱାଇକୁ ୯.୫ ନିୟୁତ ପର୍ଯ୍ୟଟକ ଯାଇଥିଲେ। ଏତେ ସଂଖ୍ୟକ ପର୍ଯ୍ୟଟକ ଆସୁଥିବାରୁ ସେଠାକାର ପ୍ରାକୃତିକ ପରିବେଶ ଉପରେ ଚାପ ଉଦ୍‌ବେଗଜନକ ହୋଇପଡ଼ିଛି। ଏହାଛଡ଼ା, ବନାଗ୍ନି ଯୋଗୁଁ ହାୱାଇର ଲେହାଇନା ଓ ମାଉଇ ଅଞ୍ଚଳ ମଧ ନଷ୍ଟଭ୍ରଷ୍ଟ ହୋଇଯାଇଛି। ସେ ଅଞ୍ଚଳର ପ୍ରାକୃତିକ ପରିବେଶ ଓ ଭିତ୍ତିଭୂମିର ପୁନର୍ଗଠନ ଲାଗି ୬ ବିଲିୟନ୍ ଡଲାର୍ ଖର୍ଚ୍ଚହେବ ବୋଲି ଆକଳନ କରାଯାଇଛି। ଗତବର୍ଷ ମଧ ହାୱାଇ ସଂସଦ ରାଷ୍ଟ୍ରାୟତ୍ତ ପାର୍କ ଓ ବେଳାଭୂମିକୁ ଯାଉଥିବା ଲୋକଙ୍କ ଉପରେ ୫୦ ଡଲାର୍ ଗ୍ରିନ୍ ଫି' ଲାଗୁ କରିବା ଲାଗି ବିଚାର କରିଥିଲା। କିନ୍ତୁ, ସେ ପ୍ରସ୍ତାବକୁ ଅନୁମୋଦନ ମିଳି ନଥିଲା। ସଂପ୍ରତି ବହୁସଂଖ୍ୟକ ପର୍ଯ୍ୟଟକ ସମାବେଶ ଯୋଗୁଁ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀଗୁଡ଼ିକ ଉପରେ ପଡୁଥିବା ପରିବେଶ ଓ ଭିତ୍ତିଭୂମିଗତ ସମସ୍ୟା ସମାଧାନ ଲାଗି ବର୍ତ୍ତମାନ ବହୁ ରାଷ୍ଟ୍ରରେ ଏଭଳି ଟିକସ ବ୍ୟବସ୍ଥା କରାଯାଉଛି।

**ଏହି ଦେୟ ୧ ଡଲାର୍‌ରୁ ଆରମ୍ଭ କରି ୧୦୦ ଡଲାର୍ ପର୍ଯ୍ୟନ୍ତ ରହିଛି। ପର୍ଯ୍ୟଟନଜନିତ ପ୍ରତିକୂଳ ପ୍ରଭାବରୁ ହାୱାଇର ପ୍ରାକୃତିକ ସମ୍ବଳକୁ ସୁରକ୍ଷିତ ରଖିବା ଲାଗି ପର୍ଯ୍ୟଟକଙ୍କ ଉପରେ ୨୫ ଡଲାର୍ ଜଳବାୟୁ ଟିକସ ଲାଗୁ କରିବା ପାଇଁ ସେଠାକାର ସାଂସଦମାନେ ପ୍ରସ୍ତାବ ଦେଇଛନ୍ତି।**

## ମୃତ୍ତିକାରେ ପଟାସ୍ ହ୍ରାସ ଚିନ୍ତାରେ ସାରା ବିଶ୍ୱ



ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟ ଓ ୟୁକେ ସେଣ୍ଟର ଫର ଇକୋଲୋଜି ଆଣ୍ଡ୍ ହାଇଡ୍ରୋଲୋଜିର ଗବେଷକମାନେ ଚଳାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ, ମୃତ୍ତିକାରେ ଦିନକୁ ଦିନ ପୋଟାସିଅମ୍ ପରିମାଣ ହ୍ରାସ ହେବାରେ ଲାଗିଛି। ବିଶ୍ୱର ଅନେକ ଅଞ୍ଚଳରେ ଉପୁଜିଥିବା ଏଭଳି ସ୍ଥିତି କୃଷି ବୈଜ୍ଞାନିକମାନଙ୍କ ଚିନ୍ତା ବଢ଼ାଇଦେଇଛି। ଭଲ ଉତ୍ପାଦନ ପାଇଁ ଆମେ କ୍ଷେତରେ ବିଭିନ୍ନ ପ୍ରକାର ରାସାୟନିକ ସାର ପ୍ରୟୋଗ କରିଥାଉ। ତେବେ ସମ୍ପ୍ରତି ବିଲବାଡ଼ିରେ ଯେତିକି ପୋଟାସିଅମ୍ କୃତ୍ରିମ ଭାବେ ପକାଯାଉଛି, ତାହାଠୁ ଅଧିକ ପରିମାଣର ପୋଟାସିଅମ୍ ମାଟିରୁ କ୍ଷୟ ହୋଇଯାଉଛି ବୋଲି ଜଣାପଡ଼ିଛି। ଏଭଳି ସ୍ଥିତିକୁ ଯଦି ନିୟନ୍ତ୍ରଣକୁ ଅଣାନଯାଏ, ତେବେ ବିଶ୍ୱର ଖାଦ୍ୟ ସୁରକ୍ଷା ବିପନ୍ନ ହୋଇପଡ଼ିବ ବୋଲି ଗବେଷକମାନେ ଆଶଙ୍କା ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୋଟାସିଅମ୍ ହେଉଛି ଉଦ୍ଭିଦର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ, ଯାହା ଉଦ୍ଭିଦର ଆଲୋକ ସଂଶ୍ଲେଷଣ ଓ ଶ୍ୱାସକ୍ରିୟାରେ ସାହାଯ୍ୟ କରିଥାଏ। ଏହାର ଅଭାବ ଘଟିଲେ ଉଦ୍ଭିଦର ବୃଦ୍ଧିରେ ବାଧା ସୃଷ୍ଟି ହେବା ସହ ଉତ୍ପାଦକତା ମଧ କମିଯାଏ। ତେଣୁ କୃଷକମାନେ ପୋଟାସିଅମ୍‌ର ଅଭାବକୁ ଭରଣା କରିବା ଲାଗି କ୍ଷେତରେ ବିଭିନ୍ନ ପ୍ରକାର ପୋଟାସିଅମ୍ ସମ୍ବଳିତ ସାର ପକାଇଥା'ନ୍ତି। ଗବେଷକମାନଙ୍କ ଆକଳନ ଅନୁଯାୟୀ, ହାରାହାରି ବିଶ୍ୱର ପ୍ରାୟ ୨୦ ପ୍ରତିଶତ କୃଷିକ୍ଷେତ୍ରର ମୃତ୍ତିକା ପୋଟାସିଅମ୍ ଅଭାବର ଶିକାର ହୋଇଛନ୍ତି। କୃଷିର ବହୁଳତା ଏବଂ ଫସଲ ଉତ୍ପାଦକତାକୁ ପ୍ରାଧାନ୍ୟ ଦେବା ଯୋଗୁଁ ଦକ୍ଷିଣ-ପୂର୍ବ ଏସିଆର ୪୪ ପ୍ରତିଶତ କ୍ଷେତ, ଲାଟିନ୍ ଆମେରିକାର ୩୯ ପ୍ରତିଶତ କ୍ଷେତ, ସାହାରା-ଆଫ୍ରିକାର ୩୦ ପ୍ରତିଶତ ଓ ପୂର୍ବ ଏସିଆର ୨୦ ପ୍ରତିଶତ କ୍ଷେତ ଏହି ସମସ୍ୟାରେ ଜର୍ଜରିତ। ତେବେ ଉକ୍ତ ସାର ମୂଲ୍ୟରେ ବେଳେ ବେଳେ ଅକଳ୍ପନୀୟ ବୃଦ୍ଧି ଯୋଗୁଁ ସାଧାରଣ ଚାଷୀ ବିଲରେ ପୋଟାସିଅମ୍ ପକାଇବା ସମ୍ଭବ ହେଉନାହିଁ। ଉଦାହରଣ ସ୍ୱରୂପ, ୨୦୨୨ ଏପ୍ରିଲ୍‌ରେ ପଟାସ୍ ସାରର ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ୫୦୦ ପ୍ରତିଶତ ବଢ଼ିଥିଲା। ଅପରପକ୍ଷେ, ଖଣିମାନଙ୍କରୁ କୃଷି ଚାହିଦାନୁଯାୟୀ ମାତ୍ରାଧିକ ପୋଟାସିଅମ୍ ଖନନ କରିବା ମଧ ପରିବେଶ ଉପରେ କୁପ୍ରଭାବ ପକାଇବ। କାରଣ ଖଣିଜପଥରରୁ ପଟାସ୍ ନିଷ୍କାସନ କରିବା ପ୍ରକ୍ରିୟାରେ ବହୁତ ପରିମାଣର ଲବଣାକ୍ତ ଖଦ ନିର୍ଗତ ହୋଇଥାଏ ଯାହା ମାଟିରେ ମିଶି ମୃତ୍ତିକା ଓ ଜଳକୁ ଲବଣାକ୍ତ କରିବା ସହ ଉଦ୍ଭିଦ ଓ ପ୍ରାଣୀମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ଏଭଳି ସ୍ଥିତିର ମୁକାବିଲା ନିମନ୍ତେ ଆନ୍ତର୍ଜାତିକ ସହଯୋଗ ଭିତ୍ତିରେ ପଟାସ୍‌ର ସୁପରିଚାଳନା ପାଇଁ ଗବେଷକମାନେ ପରାମର୍ଶ କରିଛନ୍ତି। ବିଶେଷ କରି ନାଇଟ୍ରୋଜେନ୍ ଓ ଫସ୍‌ଫରସ୍ ପରି ଅନ୍ୟ ରାସାୟନିକ ପୋଷକର ପରିଚାଳନାରେ ପୋଟାସିଅମ୍‌କୁ ସାମିଲ କରି କିପରି ଜମିର ପୋଟାସିଅମ୍ ସ୍ତର ସହ ଉତ୍ପାଦକତା ବଢ଼ାଯାଇପାରିବ, ସେ ଦିଗରେ ଅଧିକ ଗବେଷଣା ଜରୁରୀ ହୋଇପଡ଼ିଛି।

**କୃଷିର ବହୁଳତା ଏବଂ ଫସଲ ଉତ୍ପାଦକତାକୁ ପ୍ରାଧାନ୍ୟ ଦେବା ଯୋଗୁଁ ଦକ୍ଷିଣ-ପୂର୍ବ ଏସିଆର ୪୪ ପ୍ରତିଶତ କ୍ଷେତ, ଲାଟିନ୍ ଆମେରିକାର ୩୯ ପ୍ରତିଶତ କ୍ଷେତ, ସାହାରା-ଆଫ୍ରିକାର ୩୦ ପ୍ରତିଶତ ଓ ପୂର୍ବ ଏସିଆର ୨୦ ପ୍ରତିଶତ କ୍ଷେତ ଏହି ସମସ୍ୟାରେ ଜର୍ଜରିତ।**

## ଇଡ୍‌ଲି-ରାଜ୍‌ମା ନଷ୍ଟ କରୁଛି ଜୈବବିବିଧତା !

ଇଡ୍‌ଲି ଓ ରାଜ୍‌ମା ଯଥାକ୍ରମେ ଦକ୍ଷିଣ ଓ ଉତ୍ତର ଭାରତର ସବୁଠୁ ଲୋକପ୍ରିୟ ଖାଦ୍ୟ ଭାବେ ବିବେଚିତ। ଏହି ଦୁଇ ଖାଦ୍ୟ ଯୋଗୁଁ ଆମର ଜୈବବିବିଧତା କ୍ଷତିଗ୍ରସ୍ତ ହେଉଛି ବୋଲି ସଦ୍ୟ ଏକ ଅନୁଧ୍ୟାନରୁ ଜଣାଯାଇଛି।

ଉଲ୍ଲେଖଯୋଗ୍ୟ, ଜୈବ ବିବିଧତାକୁ ନଷ୍ଟ କରୁଥିବା ବିଶ୍ୱର ପ୍ରମୁଖ ୨୫ଟି ଲୋକପ୍ରିୟ ଖାଦ୍ୟ ମଧ୍ୟରେ ଇଡ୍‌ଲି ଓ ରାଜ୍‌ମା ରହିଛି। ଏ ପରିପ୍ରେକ୍ଷୀରେ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଜୈବବିଜ୍ଞାନ ବିଭାଗର ଗବେଷକମାନେ ସେମାନଙ୍କ ଅନୁଧ୍ୟାନରେ ମୋଟ ୧୫୧ ପ୍ରକାର ଖାଦ୍ୟକୁ ସାମିଲ କରି ସେଗୁଡ଼ିକର ଜୈବପ୍ରଣାଳୀ ଉପରେ କି ପ୍ରକାର ନକାରାତ୍ମକ ଛାପ ପଡୁଛି, ତାହା ବିଶ୍ଳେଷଣ କରିଥିଲେ। ଏକ ନିର୍ଦ୍ଦିଷ୍ଟ କିସମର ଖାଦ୍ୟ କିପରି କୌଣସି ପ୍ରଜାତି, ବନ୍ୟ ସ୍ତନ୍ୟପାୟୀ, ପକ୍ଷୀ ଓ ଉଭୟଚର ଜୀବଙ୍କ ସ୍ଥିତିକୁ ପ୍ରଭାବିତ କରୁଛି, ତାହା ସେମାନେ ଲକ୍ଷ୍ୟ କରିଥିଲେ। ସଂପୃକ୍ତ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ଉପାଦାନଗୁଡ଼ିକ ଜୈବବିବିଧତାର କେଉଁ ପ୍ରଜାତି ଉପରେ ଆଂଶିକ ଭାବରେ ହେଉ କି ସଂପୂର୍ଣ୍ଣ ଭାବରେ, କେତେ ପ୍ରଭାବ ପକାଉଛି ତାହାର ଏକ ତାଲିକା ସେମାନେ ବାହାର କରିଥିଲେ।

ଜୈବବିବିଧତା ଉପରେ ବିଭିନ୍ନ ଖାଦ୍ୟର କୁପ୍ରଭାବ ଭିତ୍ତିରେ ଇଡ୍‌ଲି ଓ ରାଜ୍‌ମା ଯଥାକ୍ରମେ ଷଷ୍ଠ ଓ ସପ୍ତମ ସ୍ଥାନରେ ରହିଛନ୍ତି। ଅପରପକ୍ଷେ, ଚଣା ମସଲା ଓ ଚିକେନ୍ ଜାଲଫ୍ରେଜି ପରି ବ୍ୟଞ୍ଜନର ସେଭଳି ଉଲ୍ଲେଖନୀୟ କୁପ୍ରଭାବ ପଡୁନଥିବା ସେମାନେ ସ୍ପଷ୍ଟ କରିଛନ୍ତି। ଏହି ଗବେଷକମାନଙ୍କ କହିବାନୁଯାୟୀ, ମୁଖ୍ୟତଃ ଶିମ୍ବ ଜାତୀୟ ପରିବା, ଗୋମାଂସ ଓ ଚାଉଳ ଦ୍ୱାରା ପ୍ରସ୍ତୁତ ବ୍ୟଞ୍ଜନଗୁଡ଼ିକର ଜୈବବିବିଧତା ଉପରେ ଉଲ୍ଲେଖନୀୟ ତଥା ସିଧାସଳଖ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଅପରପକ୍ଷେ, ଆଳୁ ଓ ଗହମରେ ପ୍ରସ୍ତୁତ ଖାଦ୍ୟ ଜୈବବିବିଧତାକୁ ଖୁବ୍ କମ୍ ପ୍ରଭାବିତ କରିଥାଏ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ସର୍ବୋପରି ମାଂସ ପରି ଆମିଷ ଖାଦ୍ୟ ତୁଳନାରେ ଶାକାହାର ଓ ନିରାମିଷ ଖାଦ୍ୟର ଜୈବବିବିଧତା ଉପରେ ସର୍ବନିମ୍ନ କୁପ୍ରଭାବ ପଡ଼ିଥାଏ ବୋଲି ଜଣାଯାଇଛି।



### ପରିବେଶ ଯୋଦ୍ଧା

## ପଡ୍‌କାଷ୍ଟରେ ଜଳବାୟୁ କଥା କହୁଛନ୍ତି ଦୀପ୍‌ସା



ଓଡ଼ିଶା ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷର ସାକ୍ଷୀ, ଆଉ ୧୯୯୯ ମହାବାତ୍ୟାର ବି। ପ୍ରତିବର୍ଷ ବାତ୍ୟା ଆସେ ଓ ଓଡ଼ିଶାର କିଛି ଉପକୂଳବର୍ତ୍ତୀ ଅଞ୍ଚଳକୁ ଉଜାଡ଼ି ଦେଇ ଚାଲିଯାଏ। ସେହିପରି ବନ୍ୟାରେ ପ୍ରାୟ ସମୟ ଶସ୍ୟରେ ସୁଶୋଭିତ କ୍ଷେତ ବାଲିଗଦାରେ ପରିଣତ ହୁଏ। ପାଣିର ପ୍ରାବଲ୍ୟ ଭିତରେ ଏଠାରେ ପୁଣି ବର୍ଷା ଅଭାବରୁ ମରୁଡ଼ି ସମସ୍ୟା ବି ଦେଖାଯାଏ। ବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳ ଅଞ୍ଚଳ ଯୋଗୁଁ ଅନେକ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡ଼େ। ଓଡ଼ିଶାର ଭୌଗୋଳିକ ସ୍ଥିତି ଏଭଳି ଯେ, ଜଳବାୟୁ ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ ସମ୍ବେଦନଶୀଳ। ତେବେ ଓଡ଼ିଶାର ଜନସାଧାରଣ ଓ ସରକାର ଏଥିପ୍ରତି କେତେ ସଚେତନ? ସମସ୍ତଙ୍କୁ ସଚେତନ କରିବାକୁ ଏନେଇ ଅଧିକରୁ ଅଧିକ ଆଲୋଚନାର ଆବଶ୍ୟକତା ରହିଥିବା ବେଳେ ଆଇନଜୀବୀ ଦୀପ୍‌ସା ଧଳ 'ଦ କ୍ଲାଇମେଟ୍ ନେଟ୍‌ୱର୍କ' ପଡ୍‌କାଷ୍ଟ୍ ମାଧ୍ୟମରେ ଜଳବାୟୁ ଓ ପରିବେଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଓ ବ୍ୟକ୍ତିତ୍ୱଙ୍କୁ ଲୋକଙ୍କ ସାମ୍ନାକୁ ଆଣୁଛନ୍ତି।

ଦୀପ୍‌ସା ୨୦୧୫ ମସିହାରେ ସ୍କୁଲ୍ ଅଫ୍ ଲ'ରୁ ଆଇନ୍ ପାଠପଢ଼ା ସାରି ଜେନେଭାରେ ରହି ମିଳିତ ଜାତିସଂଘ ସହ କାମ କରିବା ଆରମ୍ଭ କରିଥିଲେ। ଗତ ୧୫ ବର୍ଷ ହେଲା ବକୁଲ ଫାଉଣ୍ଡେସନ ସହ ମିଶି ପରିବେଶ ଉପରେ କାର୍ଯ୍ୟ କରିବା ସହ ପରିବେଶ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ନେଇ ଲୋକଙ୍କୁ ସଚେତନ କରିବା, ବିଭିନ୍ନ କର୍ମଶାଳା ଆୟୋଜନ କରି ସମସ୍ୟାକୁ ଚିହ୍ନିବା ଓ ଏହାକୁ ନେଇ ଖସଡ଼ା ପ୍ରସ୍ତୁତ କରିବା, ସିଡ୍ ବଲ୍ ତିଆରି କରି ଲୋକଙ୍କୁ ବାଣ୍ଟିବା, ବୃକ୍ଷରୋପଣ କେତେ ଜରୁରି ବୁଝାଇବା ଦିଗରେ କାମ କରୁଥିଲେ। ଏହାପରେ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ସହ କାମ କରିବା ସହ ପରିବେଶ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ରହିଥିବା ବିଭିନ୍ନ ସମସ୍ୟା, ଭିନ୍ନ ଭିନ୍ନ ଦେଶର ସ୍ଥିତି, ପରିବେଶକୁ ନେଇ ଅନ୍ତର୍ଜାତୀୟ ଆଇନ ଓ ଦୃଷ୍ଟିକୋଣ ସମ୍ପର୍କରେ ଅବଗତ ହୋଇଥିଲେ। ୨୦୧୭ ମସିହାରେ ଦୀପ୍‌ସା ଭାରତ ଫେରି ପରିବେଶ ସମ୍ପର୍କିତ ନୀତି ନିର୍ଦ୍ଧାରଣରେ ନିଜକୁ ନିୟୋଜିତ କରିଥିଲେ। ଏବେ ସେ କଟକ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟରତ। ଜଳବାୟୁ ଓ ପରିବେଶ ସମ୍ବନ୍ଧୀୟ ଓକିଲାତିରେ ସେ ନିଜକୁ ନିୟୋଜିତ କରିଥିବା ବେଳେ ଗତବର୍ଷରୁ ବକୁଳ ଫାଉଣ୍ଡେସନ ଓ ଆଇଓଭର୍‌ସ୍ ପ୍ରଡକ୍ସନ ମିଶି ଏକ ପଡ୍‌କାଷ୍ଟ୍ 'ଦ କ୍ଲାଇମେଟ୍ ନେଟ୍‌ୱର୍କ' ଆରମ୍ଭ କରିଛନ୍ତି। ଏହି ପଡ୍‌କାଷ୍ଟ ମାଧ୍ୟମରେ ସେ ଜଳବାୟୁକୁ ନେଇ କାମ କରୁଥିବା ବ୍ୟକ୍ତିତ୍ୱ, ସାମ୍ବାଦିକ, ଷ୍ଟାର୍ଟ-ଅପ୍, କ୍ଲାଇମେଟ୍ ପ୍ୟାନେଲ୍ ଓ ୟୁଏନ୍‌ଇପିର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରୁଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ, ପ୍ରାକୃତିକ ଦୁର୍ବିପାକ ପରିଚାଳନା ସମ୍ପର୍କରେ ଲୋକଙ୍କୁ ଜ୍ଞାନ ଦେବା ସହ ସଚେତନ କରାଉଛନ୍ତି। ସେ କହିଛନ୍ତି, ଓଡ଼ିଶା ଭଳି ଜଳବାୟୁ ସମ୍ବେଦନଶୀଳ ସ୍ଥାନରେ ଆମକୁ ଅଧିକ କାମ କରିବାର ଆବଶ୍ୟକତା ରହିଥିବା ବେଳେ ଆମ ଜନସାଧାରଣ ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଳୟଙ୍କରୀ ପ୍ରଭାବ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ଏଣୁ ଏହାକୁ ନେଇ ଅଧିକ ଆଲୋଚନାର ଆବଶ୍ୟକତା ରହିଥିବାର ଅନୁଭବ କରି ସେ ଏହି ପଡ୍‌କାଷ୍ଟ ଆରମ୍ଭ କରିଛନ୍ତି।

ରାଜନୈତିକ ଦଳର ଘୋଷଣାପତ୍ରରେ ଜଳବାୟୁର ବିଭିନ୍ନ ପ୍ରସଙ୍ଗକୁ ସ୍ଥାନ ଦେବା ଦିଗରେ ମଧ ସେ କାର୍ଯ୍ୟରତ। ସରକାରୀ ନୀତି ଓ ଆଇନରେ କିଭଳି ଜଳବାୟୁ ପରିବର୍ତ୍ତନର ସମସ୍ୟା ଓ ସମାଧାନ ରାସ୍ତା ସ୍ଥାନ ପାଇପାରିବ ସେ ଦିଗରେ ସେ କାମ କରୁଛନ୍ତି। ୨୦୨୩ ମସିହାରେ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମେଳନ ପକ୍ଷରୁ ଆୟୋଜିତ 'କପ୍-୨୩'ରେ ଯୋଗ ଦେଇ ସେ ଜଳବାୟୁ ପରିବର୍ତ୍ତନକୁ ନେଇ ଅନ୍ତର୍ଜାତୀୟ ଆଇନ ସମ୍ପର୍କରେ ଅଧିକ ଜାଣିଥିଲେ। ଦୀପ୍‌ସା ବକୁଲ ଫାଉଣ୍ଡେସନ ଓ ୟୁଏସ୍ କନ୍‌ସୁଲେଟ୍ ଜେନେରାଲ, ହାଇଦ୍ରାବାଦ ସହ ମିଶି 'ୟଙ୍ଗ କ୍ଲାଇମେଟ୍ ଲିଡର୍‌ସ୍ ଆକ୍ସନ ପ୍ଲାନ୍' କାର୍ଯ୍ୟକ୍ରମ ଜରିଆରେ ଯୁବପିଢ଼ିଙ୍କୁ ନେଇ 'ପ୍ଲାଷ୍ଟିକକୁ ନା' କ୍ଷେତ୍ରରେ କାମ କରୁଛନ୍ତି।

**ଆଇନଜୀବୀ ଦୀପ୍‌ସା ଧଳ 'ଦ କ୍ଲାଇମେଟ୍ ନେଟ୍‌ୱର୍କ' ପଡ୍‌କାଷ୍ଟ ମାଧ୍ୟମରେ ଜଳବାୟୁ ଓ ପରିବେଶକୁ ନେଇ ବିଭିନ୍ନ ପ୍ରସଙ୍ଗ ଓ ବ୍ୟକ୍ତିତ୍ୱଙ୍କୁ ଲୋକଙ୍କ ସାମ୍ନାକୁ ଆଣୁଛନ୍ତି।**

## ଆମାଜନ୍‌ରେ ବୃହତ୍ତମ ସାପ ଆବିଷ୍କୃତ

ଦକ୍ଷିଣ ଆମେରିକା ଅନ୍ତର୍ଗତ ଆମାଜନ ଅବବାହିକାର ଚିରହରିତ୍ ନିଘଞ୍ଚ ଅରଣ୍ୟରେ ବିଶ୍ୱର ବୃହତ୍ତମ ସାପ ପ୍ରଜାତି ଠାବ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆନାକୋଣ୍ଡା (ସବୁଜ) ପ୍ରଜାତିର ସାପକୁ ବିଶ୍ୱର ବୃହତ୍ତମ ସାପର ମାନ୍ୟତା ମିଳିଥିବା ବେଳେ ଏହି ନୂତନ ପ୍ରଜାତିର ସରୀସୃପକୁ 'ରାକ୍ଷସ ଆନାକୋଣ୍ଡା' ନାମରେ ଗବେଷକମାନେ ନାମିତ କରିଛନ୍ତି। କ୍ୱିନ୍‌ସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଦଳେ ଗବେଷକ ବିଶ୍ୱର ବୃହତ୍ତମ ସର୍ପ ସବୁଜ ଆନାକୋଣ୍ଡା ସମ୍ପର୍କରେ ଏକ ବୃତ୍ତଚିତ୍ର ନିର୍ମାଣ ଉଦ୍ଦେଶ୍ୟରେ ଆମାଜନ୍‌ର ବାଇହୁଏରି ରାନି ଇଲାକାରେ ଅନ୍ୱେଷଣ କରୁଥିଲେ। ତେବେ ସେମାନଙ୍କର ଏହି ଦଶଦିନିଆ ଅଭିଯାନ ବେଳେ ସ୍ଥାନୀୟ ଶିକାରୀଙ୍କ ଠାରୁ ଏଭଳି ଏକ ନୂତନ ଧରଣର ସାପ ବିଷୟରେ ଶୁଣି ସେମାନଙ୍କର ଆଗ୍ରହ ବଢ଼ିଯାଇଥିଲା। ଶେଷରେ ସେମାନେ ଏହି ପ୍ରଜାତିର ଏକ ସାପକୁ ଠାବ କରିବାରେ ସକ୍ଷମ ହୋଇଥିଲେ। ପୂର୍ବରୁ ଆଦୌ ଆବିଷ୍କୃତ ହୋଇନଥିବା ଏହି ପ୍ରଜାତିର ସାପଗୁଡ଼ିକ ନିଜର କ୍ଷିପ୍ର ଗତି ପାଇଁ ନିଆରା ଜଣାପଡୁଛନ୍ତି। ସେହିପରି ଏହି ସାପ ନିଜ ଶିକାର ଦେହରେ ଗୁଡ଼େଇ ହୋଇ ତାହାକୁ ଶ୍ୱାସରୁଦ୍ଧ କରି କବଳିତ କରିବା ଏବଂ ଗୋଟାପଣେ ଗିଳିଦେବାର ଶୈଳୀ ମଧ ତାହାକୁ ସ୍ୱତନ୍ତ୍ର ପରିଚୟ ଦେଇଛି।



## ବେଙ୍ଗ ଦେହରେ ଛତୁ

ଭାରତର ପଶ୍ଚିମଘାଟ ପର୍ବତମାଳାର ପାଦଦେଶରେ ଏକ ନିଆରା ଦୃଶ୍ୟ ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏକ ଚିତ୍ତାକର୍ଷକ ଆବିଷ୍କାର କ୍ରମେ ଏକ ବେଙ୍ଗ ଦେହରୁ ଛତୁ ଗଜୁରିବା ଦେଖିବାକୁ ମିଳିଛି। ବେଙ୍ଗ ପରି ଏକ ଜୀବନ୍ତ ଉଭୟଚର ପ୍ରାଣୀ ଦେହରୁ ପ୍ରଥମ ଥର ପାଇଁ ଏପରି ଛତୁ ବାହାରିବାର ଅସାଧାରଣ ବୈଶିଷ୍ଟ୍ୟ ବୈଜ୍ଞାନିକ ସମୁଦାୟକୁ ଆକର୍ଷିତ କରିଛି। ଗତ ବର୍ଷ ଜୁନ୍ ୧୯ରେ କର୍ଣ୍ଣାଟକର କର୍କଲା ଠାରେ ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି (ଡବଲ୍ୟୁଡବଲ୍ୟୁଏଫ୍)ର ବୈଜ୍ଞାନିକଙ୍କ ସହ ଭାରତୀୟ ଗବେଷକମାନେ 'ରାଓସ୍ ଇଣ୍ଟରମିଡିଏଟ୍ ଗୋଲ୍‌ଡେନ୍ ବ୍ୟାକ୍‌ଡ ଫ୍ରଗ୍' ନାମକ ଏହି 'ହିଲାରିନା ଇଣ୍ଟର-ମିଡିଆ' ପ୍ରଜାତିର ବେଙ୍ଗକୁ ଠାବ କରିଥିଲେ। ଏହି ପ୍ରଜାତିର ବେଙ୍ଗ ସାଧାରଣତଃ କର୍ଣ୍ଣାଟକ ଓ କେରଳର ପଶ୍ଚିମଘାଟ ଅନ୍ତର୍ଗତ ପାଲଘାଟ ଗ୍ୟାପ୍ ଉପରେ ପ୍ରଚୁର ପରିମାଣରେ ଦେଖାଯାଇଥା'ନ୍ତି। ଅନୁସନ୍ଧାନକାରୀମାନେ କର୍କଲାଠାରେ ଏକ ରାସ୍ତାକଡ଼ ଜଳାଶୟରେ ପାଖାପାଖି ୪୦ଟି ଏହି ପ୍ରକାରର ବେଙ୍ଗ ଦେଖିଥିଲେ। ସେମାନଙ୍କ ଭିତରୁ ଗୋଟିକର ବାମ ଜଙ୍ଘରେ ଏକ ଭିନ୍ନ ଧରଣର ଅଭିବୃଦ୍ଧି ହୋଇଥିବା ଦେଖାଯାଇଥିଲା। ତେବେ ନିକଟରୁ ନିରୀକ୍ଷଣ କଲା ପରେ ବେଙ୍ଗ ଜଙ୍ଘରୁ ଏକ ଛତୁ ଉଠିଥିବା ଜଣାପଡ଼ିଥିଲା। ଏପରି ଅସ୍ୱାଭାବିକ ପ୍ରତ୍ୟଙ୍ଗ ସତ୍ତ୍ୱେ ବେଙ୍ଗଟି ଜୀବିତ ଥିଲା ଏବଂ ଚଳପ୍ରଚଳ କରୁଥିଲା। ଅଣୁଉଦ୍ଭିଦବିଜ୍ଞାନୀଙ୍କ ଅନୁଧ୍ୟାନ ପରେ ଉକ୍ତ ଛତୁଟି ସାଧାରଣତଃ ଦ... କାଠଗଣ୍ଡି ଉପରେ ଉଠୁଥିବା 'ବୋନେଟ୍' ପ୍ରଜ... ଛତୁ ବୋଲି ଜଣାପଡ଼ିଥିଲା। ଏହି ଅନୁସନ୍ଧାନ, ପ୍ରାକୃତିକ ବାସସ୍ଥଳୀରେ ଉଭୟଚର ଓ କବକ (ଫଙ୍ଗସ) ମଧ୍ୟରେ ଥିବା ସମ୍ଭାବ୍ୟ ଘନିଷ୍ଠ ଶା... ସମ୍ପର୍କ ଏବଂ ପରିବେଶର ଗତିଶୀଳତା ବାବ... ସଂଖ୍ୟାଧିକ ପ୍ରଶ୍ନ ଛିଡ଼ା କରାଇଛି। ପୂର୍ବରୁ ଏପ... ଘଟଣା ଦେଖାଯାଇନଥିବା ବେଳେ ମୌସୁମି ପ୍ରଭାବିତ ପଶ୍ଚିମଘାଟର ଆର୍ଦ୍ର ପରିବେଶ ଏପ... ଛତୁ ଉଠିବା ପାଇଁ ଖୋରାକ ଯୋଗାଇଥିବ ବୋ... ଅନୁମାନ କରାଯାଉଛି।





## ବିଦ୍ୟାଳୟ ପରିସର ସଫେଇ ନେଇ ସରପଞ୍ଚ-ଶିକ୍ଷକ ମୁହାଁମୁହିଁ

# ଛାତ୍ରଛାତ୍ରୀଙ୍କ ଦ୍ୱାରା ସଫେଇ କରାଯାଉଥିବା ଅଭିଯୋଗ

**ବିଞ୍ଝାରପୁର,୨୭।୬(ସଂଚାର ବ୍ୟୁରୋ):** ବିଦ୍ୟାଳୟ ପରିସର କୁ ଛାତ୍ରୀର ସଫେଇକୁ ନେଇ ସରପଞ୍ଚ ଶିକ୍ଷକ ମୁହାଁ ମୁହିଁ, ଥାନାରେ ମାମଲା।ଅଭିଯୋଗ ଅନୁଯାୟୀ ଗତ ୨୬ ତାରିଖ ଦିନ ୧୦ ଘଟିକା ସମୟରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ମଧୁସୂଦନ ପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରପୁର ସ୍ଥିତ ବିଳାସିନୀ ନୋଡାଲ ଉପ୍ରା ବିଦ୍ୟାଳୟ ସମ୍ମୁଖରେ ପଞ୍ଚାୟତ ପକ୍ଷରୁ ସଫେଇ କାର୍ଯ୍ୟ ଚାଲିଥିଲା। ସେହି କାର୍ଯ୍ୟର ତଦାରଖ କରିବା ପାଇଁ ଉପସ୍ଥିତ ଥିବା ମଧୁସୂଦନ ପୁର ସରପଞ୍ଚ ସୁଚିତ୍ରା ମଲ୍ଲିକ ହଇଜା ପାଇଁ ବିଦ୍ୟାଳୟର ସଫେଇ ସ୍ଥିତି ଦେଖିବାକୁ ପହଞ୍ଚିବାରୁ ଜଣେ ଛାତ୍ରୀ ହାତରେ ଝାଡୁ ଧରି ବିଦ୍ୟାଳୟ ସଫା କରୁଥିବାର ଦେଖି ବିରୋଧ କରିଥଲେ। ଯାହା ଫଳରେ ଉଭୟ ସରପଞ୍ଚ ଏବଂ ଶିକ୍ଷକଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା।ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୀପକ କୁମାର ମଲିକ ତାଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ସହିତ ଦୁର୍ବ୍ୟବହାର କରିଥିବା ଦର୍ଶାଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ସରପଞ୍ଚ ସୁଚିତ୍ରା ମଲ୍ଲିକ। ଅନ୍ୟପଟେ ସଂପୃକ୍ତ ବି ଦ୍ୟା ଳ ୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ କୁମାର ମଲିକ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସରପଞ୍ଚ ସୁଚିତ୍ରା ମଲ୍ଲିକ ଏବଂ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ମଲ୍ଲିକଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ସରପଞ୍ଚ ସୁଚିତ୍ରା ମଲ୍ଲିକ ବିଦ୍ୟାଳୟ ପରିସରରେ ପହଞ୍ଚି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ଅଶାଳୀନ ବ୍ୟବହାର କରିବା ଏବଂ ଏହାର ପ୍ରତିବାଦ କରିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ କୁମାର ମଲିକଙ୍କୁ ସରପଞ୍ଚଙ୍କ ସ୍ୱାମୀ ଶ୍ରୀକାନ୍ତ ମଲ୍ଲିକ ମାଡ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ସରପଞ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠ କୁ ପଶି ପ୍ରଧାନ ଶିକ୍ଷକଙ୍କ ଚୌକିରେ ବସି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ତାଙ୍କୁ କାହିଁକି ନମସ୍କାର କରୁ ନାହାଁନ୍ତି କହି ପାଟି କରିବାକୁ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ କୁମାର ମଲିକଙ୍କୁ ସରପଞ୍ଚ ତାଙ୍କ ସ୍ୱାମୀଙ୍କ ସହିତ ମିଶି ମାଡ଼ ମାରି ପକେଟ୍ ଚିରିଦେଇଥିବା ଅଭିଯୋଗ କରିଛନ୍ତି ପ୍ରଧାନ ଶିକ୍ଷକ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ କୁମାର ମଲିକଙ୍କୁ ଜାତିଆଣ ଆକ୍ଷେପ କରାଯାଇଥିବା ମଧ୍ୟ ଅଭିଯୋଗ କରିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ କୁମାର ମଲିକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ।ତେଣୁ କରି ବରୀ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷକ ମାନଙ୍କ ପକ୍ଷରୁ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି।ତେବେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ସରପଞ୍ଚ ସୁଚିତ୍ରା ମଲ୍ଲିକା। ଘଟଣା ବିଷୟରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ମଣ୍ଡଳ ଶିକ୍ଷା ଅଧିକାରୀ ତାଙ୍କୁ ସମାଧାନ କରିବାକୁ କହିଥିଲେ ସେଥିରେ ରାଜି ନହେବାରୁ ତାଙ୍କ ନାମରେ ଏକ ପାଲଟା ମିଛ ଅଭିଯୋଗ କରାଯାଇଥିବା ସରପଞ୍ଚ ସୁଚିତ୍ରା ମଲ୍ଲିକ କହିଛନ୍ତି। ଅନ୍ୟ ପଟେ ଗତ ସନ୍ଧ୍ୟାରେ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଦୁଇ ଜଣ ମିଶି ତାଙ୍କୁ ଟଣା ଓଟରା କରିଥିବା ନେଇ ବିଞ୍ଝାରପୁର ଥାନାରେ ଆଉ ଏକ ଲିଖିତ ଅଭିଯୋଗ କରିଛନ୍ତି ସରପଞ୍ଚ ସୁଚିତ୍ରା ମଲ୍ଲିକ।

### ଜାତିଆଣ ଆକ୍ଷେପ ସହିତ ସରପଞ୍ଚଙ୍କ ସ୍ୱାମୀ ମାଡ ମାରିଥିବା ପାଲଟା ଅଭିଯୋଗ




# ଅବକାରୀ ବିଭାଗର 'ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମ

**ଫୁଲବାଣୀ,୨୭।୬(ସଂଚାର ବ୍ୟୁରୋ):** ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ରାଜ୍ୟବ୍ୟାପୀ ଚାଲିଥିବା ସଚେତନତା ଅଭିଯାନ ଜାରି ରହିଛି। ଏହି ଅବସରରେ ଗୁରୁବାର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ମିନି ମାରାଥନ, ଶୋଭାଯାତ୍ରା ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। କରିଥିଲେ। ସକାଳେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିଲେ । ରମେଶ ଚନ୍ଦ୍ର ଜେନା, ମୁଖ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ଅବକାରୀ ଅଧୀକ୍ଷକ ସୁଶାନ୍ତ ପାଢ଼ୀ ପ୍ରମୁଖ ପତାକା ଦେଖାଇ ମିନି ମାରାଥନର ଶୁ ଭାରମ୍ଭପରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲ୍ଲାକୁ ନିଶାମୁକ୍ତ କରିବା, ଅପମିଶ୍ରିତ ଓ ବିଷାକ୍ତ ଏବଂ ବେଆଇନ ମଦ କାରବାର ବନ୍ଦ କରିବା, ନିଶା ସେବନ ଦ୍ୱାରା ହେଉଥିବା ସମସ୍ୟା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ଘରୋଇ ହିଂସା ରୋକିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ବେଆଇନ ମାଦକ ଦ୍ରବ୍ୟ କାରବାର କରୁଥିବା ଲୋକଙ୍କ ବିରୋଧରେ ରହିଥିବା କଠୋର ଆଇନ ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ବିଡିଓ ସୌମ୍ୟ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ପହଣ୍ଡି ବିଜେ

● ରଥାରୂଢ଼ ହେଲେ ତିନି ଠାକୁର ସମେତ ଚତୁର୍ଦ୍ଧା ମୂର୍ତ୍ତି



**ବାରିପଦା,୨୭।୬ (ସଂଚାର ବ୍ୟୁରୋ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତିଲାଭ କରିଥିବା ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେ ବାରିପଦା ର ପବିତ୍ର ଘୋଷଯାତ୍ରା ଆରମ୍ଭ ହୋଇଯାଇଅଛି। ଆଜି ତିନି ଦିଅଁ ଙ୍କ ସମେତ ଚତୁର୍ଦ୍ଧା ମୂର୍ତ୍ତି ଙ୍କ ପହଣ୍ଡିବିଜେ କରାଯାଇ ରଥାରୂଢ଼ କରାଯାଇଅଛି। ଆଜି ଶୁକ୍ରବାର ସକାଳ ସମୟରେ ମହାପ୍ରଭୁ ମାନଙ୍କ ନିକଟରେ ମଙ୍ଗଳ ଆରତୀ , ମହାସ୍ନାନ , ଅବକାଶ ନିତି , କଳସ ଓ ରଥ ପ୍ରତିଷ୍ଠାପରେ ଦିବା ୧୦ .୩୦ ରୁ ୧୧. ୩୦ ମିନିଟ ମଧ୍ୟରେ ଶ୍ରୀ ଶ୍ରୀ ମା ଅମ୍ବିକା ଠାକୁରାଣୀ ଙ୍କର ଦାସୀ ରଥ ଖଳାକୁ ଆସି ରଥ ପ୍ରଦିକ୍ଷଣ କରିବାପରେ ଅପରାହ୍ଣ ୨ ଟାରୁ ୩ ଟା ମଧ୍ୟରେ ଚକାଛଡା କାର୍ଯ୍ୟ ସମାପନ ପରେ ୩.୩୦ ରୁ ୪ ଟା ମଧ୍ୟେ ମହାରାଜା ଙ୍କ ଦ୍ୱାରା ଛେରା ପହଁରା ପରେ ରଥ ଉପରକୁ ମହାପ୍ରଭୁମାନଙ୍କର ଶ୍ରୀ ଗୁଣ୍ଡିଚା ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ରାତ୍ର ପାଖାପାଖି ୮.୩୦ ସମୟରେ ମହାପ୍ରଭୁ ମାନଙ୍କର ମହାପ୍ରଭୁ ମାନଙ୍କର ପହଣ୍ଡି ସମ୍ପନ୍ନ ହୋଇଥିଲା। ମାଧ୍ୟାହ୍ନରେ ସମସ୍ତ ଠା ନିତୀ ପରେ ପହଡ , ପୁନର୍ବାର ପହଡ ଭଙ୍ଗା ଆଳତୀ ହେବା ପରେ ଆରିସା ପିଠା ଓ ଛେନା ପଣା ଲାଗି ହୋଇଥିଲା । ଏହାପରେ ପ୍ରଚଳିତ ନିତୀ ଅନୁସାରେ ମହାରାଜା ଙ୍କ ଦ୍ୱାରା ଛେରାପହଁରା ହେବାପରେ ଚତୁର୍ଦ୍ଧାମୂର୍ତ୍ତି ଗୋଟି ପହଣ୍ଡି ବିଜେରେ ରଥାରୂଢ଼ ହୋଇଥିଲେ। ଅପରାହ୍ଣ ୪ ଟା ପରେ ପ୍ରଥମେ ମହାପ୍ରଭୁ ବଳଭଦ୍ର ଗୋଟିପହଣ୍ଡିରେ ବିଜେ ହୋଇ ତାଳଧ୍ୱଜ ରଥାରୂଢ଼ ହେବାପରେ ଦେବୀ ସୁଭଦ୍ରା ଓ ସୁଦର୍ଶନ ପହଣ୍ଡି ବିଜେହୋଇ ଦର୍ପଦୋଳନ ଓ ଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପହଣ୍ଡି ହୋଇ ନନ୍ଦିଘୋଷ ରଥ କୁ ଆସିଥିଲେ। ଆଜି ତିନିଠାକୁ ର ଙ୍କୁ ଭକ୍ତମାନେ ରଥାଖଳାରେ ଏକା ସାଙ୍ଗରେ ତିନିରଥ ଉପରେ ଦର୍ଶନ କରିବେ। ବଡଜଗନ୍ନାଥ ମନ୍ଦିରର ପରମ୍ପରା। ପ୍ରଚଳିତ ନୀତି ରିତୀ ଅନୁସାରେ ବାରିପଦାଠାରେ ରଥଟଣା ଦୁଇଦିନଧରି ହୋଇଥାଏ। ଆଜି ତିନି ଠାକୁର ରଥାରୂଢ଼ ହୋଇ ରଥଖଳାରେ ଏକାସଙ୍ଗେ ତିନିରଥ ଉପରେ ରହିବା ପରେ ଆସନ୍ତାକାଲି ଶନିବାର ଏବଂ ରବିବାର ଦୁଇଦୁନ ଧରି ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଥାନାରେ ଆମ ପୁଲିସ ସମିତି ବୈଠକ



**ଓ୍ୱର୍ଶେଙ୍ଗା,୨୭।୬(ସଂଚାର ବ୍ୟୁରୋ):** ଓ୍ୱର୍ଶେଙ୍ଗା ଥାନା ଅଭ୍ୟର୍ଥନା ଗୃହରେ ଆମ ପୋଲିସ ସମିତି ର ବୈଠକ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଥାନାଧିକାରୀ ଓ୍ୱାରିଣୀ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ ସମସ୍ୟା, ଜନଗହଳି ରାସ୍ତାରେ ହମ୍ପସ ନିର୍ମାଣ,ମଦ୍ୟ ପାନ କରି ଗାଡ଼ି ଚଳାଉଥିବା ମଦ୍ୟପକୁ ଧରିବା, ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲାଥିବା ଦୋକାନକୁ ବନ୍ଦ କରିବା ସହ ଆଇନ ଶୃଙ୍ଖଳା ରକ୍ଷା କରିବା ବାବଦରେ ଆଲୋଚନା କରାଯାଇଥିଲା । ଏଣିକି ରାତି ଦଶଟା ସୁଦ୍ଧା ସମସ୍ତ ଦୋକାନ ବନ୍ଦ ହେବ ବୋଲି ନିଷ୍ପତି ନିଆଯାଇଥିଲା । ରଥଯାତ୍ରା ପରେ ଏକ ବିରାଟ ରକ୍ତ ଦାନ ଶିବିରର ଆୟୋଜନ କରାଯିବ ବୋଲି ଥାନାଧିକାରୀ ଓ୍ୱାରିଣୀ କୁମାର ଦାସ ପ୍ରସ୍ତାବ ଆଗତ କରିଥିଲେ । ଏହାକୁ ଉପସ୍ଥିତ ଥିବା ସମସ୍ତ ସାମ୍ବାଦିକ, ବୁଦ୍ଧିଜୀବୀ ଓ ଅନ୍ୟ ସମସ୍ତେ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟ କ୍ରମ ଟିକୁ ଥାନାର ସବ୍‌ଇନିସପେକ୍ଟର ଦେବାଶିଷ ମଣ୍ଡଳ,ଏଏସ୍‌ଆଇ ସୁବ୍ରତ କୁମାର ସାହୁ, ଏଏସ୍‌ଆଇ ଶୁଭ୍ରାଂଶୁ କୁମାର ରାଉଳ, ପ୍ରଦୀପ କୁମାର ଦତ୍ତ, ସୁକାନ୍ତ କୁମାର ନାୟକ ଆଦି ପରିଚାଳନା କରିଥିଲେ ।

# ଦେବଗିରିରେ ଶ୍ରୀଗୁଣ୍ଡିଚା ଯାତ୍ରା



**ନର୍ଲା,୨୭।୬(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ମଠ ଠାରେ ମହାପ୍ରଭୁ ଦଧିବାମନଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀ ଛେରାପହଁରା କରିଥିବାବେଳେ ସେବାୟତ ତପିବର ଦାସ, ପୂଜକ ସନ୍ତୋଷ ପାଢ଼ୀ, ସେବକ ଟିକେ ଗଉଡ, ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡାମାଝୀ, ରଜନୀ ଗଉଡ, ବିଷ୍ଣୁ ଗଉଡ, ସଞ୍ଜୟ ଧଙ୍ଗଡାମାଝୀ, ସୁରେନ୍ଦ୍ର ମାଝୀ, ସତ୍ରୁଘନ ଧଙ୍ଗଡାମାଝୀ, ଦେବରାଜ ଗଉଡ, ଲୋକନାଥ ଗଉଡ, ପ୍ରଦୀପ ଧଙ୍ଗଡାମାଝୀ, ବିଭିଷଣ ଧଙ୍ଗଡାମାଝୀ, ଗୌନ୍ତିଆଙ୍କ ପ୍ରତିନିଧି କାନ୍ତ ମାଝୀ ଓ ଖିରାବ୍ଧି ମାଝୀ, ଧନେ ମାଝୀ, ଶିକ୍ଷାବିତ ଅଶୋକ ଧଙ୍ଗଡାମାଝୀ, ଧନେ ହେର୍ଣ୍ଣା, ବିଭିଷଣ ଦାସ, ରୋମାଞ୍ଚଳ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏକ ଭବ୍ୟ ଶୋଭାଯାତ୍ରାରେ ଦଧିବାମନଙ୍କ ପାଖରୁ ଆଜ୍ଞା ମାଳ ଆସିବା ପରେ ଛେରାପହଁରା ହୋଇ ରଥଟଣା ହୋଇଥିଲା। ଡାହୁକ ବିଜୟ ଧଙ୍ଗଡାମାଝୀଙ୍କ ଡ଼ାକ ସହ ଗଣା ବଜା ଓ ଯାଦବ ରମଣୀଙ୍କ ବନ୍ଦାପନା ଦେବଗିରି ରଥଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା।

# ଟ୍ରାନ୍ସଫର୍ମର ପୋଡ଼ି, ଅନ୍ଧାରରେ ଗ୍ରାମବାସୀ

**ଫିରିଙ୍ଗିଆ,୨୭।୬(ସଂଚାର ବ୍ୟୁରୋ):** ଫିରିଙ୍ଗିଆ ଅଞ୍ଚଳରେ ଗତ ୧୫ ତାରିଖ ଦିନ ହୋଇଥିବା କାଳବୈଶାଖୀ ପ୍ରଭାବରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ପଞ୍ଚାୟତ ଖଜୁରୀ ଗାଁ ର ବିଦ୍ୟୁତ୍ ଟ୍ରାନ୍ସଫର୍ମ ପୋଡ଼ି ଯାଇଛି। ଖଜୁରୀ ଗାଁ ଗ୍ରାମବାସୀ କହିବା ମୁତାବକ ଏନେଇ ମରାମତି କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ସତ୍ତ୍ୱେ କୌଣସି ସମସ୍ୟା ର ସମାଧାନ ହୋଇ ପାରିନାହିଁ।ଆଜକୁ ୧୦ ଦିନ ହେବ ବିଦ୍ୟୁତ୍ ଟ୍ରାନ୍ସଫର୍ମ ପୋଡ଼ି ଅନ୍ଧାରରେ ରହୁଛନ୍ତି ଖଜୁରୀ ଗାଁ ଗ୍ରାମବାସୀ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟୁତ୍ ଟ୍ରାନ୍ସଫର୍ମ ମରାମତି କରିବାକୁ ଖଜୁରୀ ଗାଁ ଗ୍ରାମବାସୀ ଦାବି କରିଛନ୍ତି।



# ପାଣ ସମାଜ କଲ୍ୟାଣ କମିଟି: ଗୋଛାପଡା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ



**ଫିରିଙ୍ଗିଆ,୨୭।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ପାଣ କୂଳ ସମାଜ କଲ୍ୟାଣ କମିଟି ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ କେଶବ ଦିଗାଲ ଙ୍କ ଅଧ୍ୟକ୍ଷତା ରେ ଫିରିଙ୍ଗିଆ ବ୍ଲକ ଗୋଛାପଡା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ କରାଯାଇଅଛି। ଉକ୍ତ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମ ରେ ଗୋଛାପଡା ଶାଖା ଅଧିନରେ ଥିବା ଦଶ ଗୋଟି ପଞ୍ଚାୟତ କମିଟିର ସଭାପତି, ଉପସଭାପତି,ସମ୍ପାଦକ,ସହସମ୍ପାଦକ, କୋଷାଧ୍ୟକ୍ଷ,ସମାଜ ପ୍ରେମି ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତି ରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ କୁ ପୂର୍ବତନ ସମ୍ପାଦକ ଶ୍ରୀଯୁକ୍ତ ରୁଦ୍ର ମାଧବ ଦିଗାଲ ପରିଚାଳନା କରିଥିବା ବେଳେ ସମାଜ ପ୍ରେମି ଶ୍ରୀଯୁକ୍ତ ପଞ୍ଚାନନ ଦିଗାଲ ସହଯୋଗ କରିଥିଲେ। ପାଣ କୂଳ ସମାଜ କଲ୍ୟାଣ କମିଟି ଗୋଛାପଡା ଶାଖା ର ନୂତନ ସଭାପତି ଭାବରେ ପୂର୍ବତନ ଶାଖା ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ଦିଗାଲ ନିର୍ବାଚନ ହେଇଥିବାବେଳେ ଯୁବସଭାପତି ଭାବରେ ଶ୍ରୀଯୁକ୍ତ ସଞ୍ଜିବ ଦିଗାଲ, ସାଂଗଠନିକ ସମ୍ପାଦକ ଅଶୋକ ଦିଗାଲ, ମହିଳା ସଭାନେତ୍ରୀ ସସ୍ମିତା ଦିଗାଲ, ଉପସଭାପତି ଗୋବିନ୍ଦ ଦିଗାଲ ଓ ସାମେଶ୍ୱର ଦିଗାଲ, ସମ୍ପାଦକ କେଶବ ଦିଗାଲ, ସହସମ୍ପାଦକ ରାଜିବ ଲୋଚନ ଦିଗାଲ ଓ ଜଗଦିଶ ଦିଗାଲ, କୋଷାଧ୍ୟକ୍ଷ ମହାନ୍ତି ଦିଗାଲ ନିର୍ବାଚିତ ହୋଇଥିବାବେଳେ।

# ବ୍ୟାସନଗର ସହରର ବିକାଶ ପାଇଁ କାଉନସିଲରଙ୍କ ମଧ୍ୟରେ କଳି

**ଯାଜପୁର ରୋଡ଼,୨୭।୬(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ୨୬ ଗୋଟି ଓ୍ୱାର୍ଡର କାଉନସିଲର ପୌରପରିଷଦ କାର୍ଯ୍ୟାଳୟରେ ପରସ୍ପର ମଧ୍ୟରେ ସହରର ବିକାଶଧାରା ଉପରେ ଟେଣ୍ଡର ଭିତ୍ତିକ ଭାଗକୁ ନେଇ କିଛିଦିନ ହେଲା ଲାଗିଥିବା ବିଷୟରେ ସ୍ଥାନୀୟ ଉତ୍ସବ ପ୍ୟାଲେସର ମଣ୍ଡପ ପରିସରରେ ଅଂଚଳର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସମ୍ମୁଖରେ ବିଗତ ଦିନରେ ପୌର ଅନାସ୍ଥାରେ ଉପସ୍ଥିତ ରହିନଥିବା ୬ ଜଣ କିଉନସିଲର ମାନେ ନିଜର ପ୍ରତିକ୍ରିୟା ରଖିଛନ୍ତି । ଏହି ୬ ଜଣ କାଉନସିଲରଙ୍କୁ ପୌର ଅଧ୍ୟକ୍ଷ ଅଣଦେଖା କରୁଥିବା ସହିତ ସହରର ଓ୍ୱାର୍ଡ କାମ ମାନଙ୍କ ଟେଣ୍ଡରରେ ପାତର ଅନ୍ତର କରୁଥିବା କଥା ଅଭିଯୋଗ କରିଛନ୍ତି। ଏଥିରେ ବିଧାୟକ ଏବଂ ନିର୍ବାହୀ ଅଧିକାରୀଙ୍କ କୌଣସି ହସ୍ତକ୍ଷେପ ନଥିବା ମଧ୍ୟ ସ୍ପଷ୍ଟୀକରଣ ଦେଇଛନ୍ତି। ଖବରର ସୂଚନା ମୁତାବକ ଗତକାଲି ପୌରକାର୍ଯ୍ୟାଳୟ ଭିତରେ ୧୫ ରୁ ଉର୍ଦ୍ଧ କାଉନସିଲର ମିଶି ନୂତନ କାମର ଟେଣ୍ଡର ନହେବାରୁ ବ୍ୟାସନଗର ସହରର ବିକାଶରେ ବାଧକ ସୃଷ୍ଟି ହେଉଥିବାରୁ ନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । ଏଥିସହିତ ସେମାନେ ଗଣମାଧ୍ୟମ ସାମ୍ନାରେ ବିଭ୍ରାନ୍ତି କର ମିଛ ମନ୍ତବ୍ୟ ଦେଉଥିବାରୁ ଏହି ୬ ଜଣ କାଉନସିଲର ମାନେ ଗଣମାଧ୍ୟମ ଆଗରେ ଆଜି ନିର୍ବାହୀ ଅଧିକାରୀ ଓ ୧୫ କାଉନସିଲରଙ୍କ ମଧ୍ୟରେ ଘଟିଥିବା ବିବାଦକୁ ନେଇ ଦୃଢ଼ ନିନ୍ଦା କରିଛନ୍ତି।

# ପ୍ରଶାସନିକ କର୍ମଚାରୀଙ୍କ ବଦଳି ହେଉନି କାହିଁକି ?

### ସାଧାରଣରେ ଜୋର ଧରିଛି ଚର୍ଚ୍ଚା




**କନ୍ଧମାଳ,୨୭।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକଟି ମୋଟ ୨୪ ଗୋଟି ପଂଚାୟତକୁ ନେଇ ଗଠିତ। ପ୍ରତି ପଂଚାୟତରେ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଆଦି କର୍ମଚାରୀ କାର୍ଯ୍ୟ କରନ୍ତି। ପ୍ରତିବର୍ଷ ଏମାନେ ବିଭିନ୍ନ ସ୍ଥାନକୁ ବଦଳୀ ହୋଇଥାନ୍ତି । ଜଣେ ଅଧିକାରୀ ଅତି ବେଶିରେ ୫ ବର୍ଷ ଗୋଟିଏ କାର୍ଯ୍ୟାଳୟରେ ରହି କାର୍ଯ୍ୟ କରିଥାନ୍ତି, ପୁଣି ସେମାନେ ଯଦି ଉଚ୍ଚ ପଦସ୍ଥ ଅଧିକାରୀ ହୋଇଥାନ୍ତି । ପଂଚାୟତ ସ୍ତରରେ କିନ୍ତୁ ଭିନ୍ନ ହୋଇଥାଏ । ବର୍ଷେ ଦୁଇ ବର୍ଷ ମଧ୍ୟରେ କର୍ମଚାରୀ ମାନଙ୍କ ବଦଳୀ ହୋଇଯାଏ । ବେଳେବେଳେ ଛଅ ମାସ ନପୂରୁଣୁ ମଧ୍ୟ ବଦଳୀ ହୋଇଥାଏ। ହେଲେ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକରେ କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଜଣେ ଜଣେ କର୍ମଚାରୀ ଗୋଟିଏ ଗୋଟିଏ ପଂଚାୟତ ରେ ପାଞ୍ଚ ବର୍ଷରୁ ଉର୍ଦ୍ଧ ଦିନ ହେବ ରହିଲେଣି । ଯାହାକୁ ନେଇ ପ୍ରତି ପଂଚାୟତରେ ଚର୍ଚ୍ଚା ଚାଲିଛି । ଅନେକ ପଂଚାୟତରେ ପଂଚାୟତ ବାସୀ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ମାନଙ୍କ ବଦଳୀ ପାଇଁ ମଧ୍ୟ ଦାବୀ କରୁଛନ୍ତି, ତଥାପି ପ୍ରଶାସନ ଚୁପ । କଣ ରହିଛି ଏହା ପଛର ରହସ୍ୟ? ସାଧାରଣରେ ଏକ ପ୍ରଶ୍ନବାଚୀ?ସାଧାରଣ ଯାହା ଶୁଣିବାକୁ ମିଳୁଛି କିଛି କର୍ମଚାରୀ ମାନଙ୍କ ବଦଳୀ ପାଇଁ ନିର୍ଦ୍ଦେଶନାମା ମଧ୍ୟ ବ୍ଲକ କାର୍ଯ୍ୟାଳୟରେ ପହଂଚି ସାରିଛି, ହେଲେ ସେମାନଙ୍କୁ ବଦଳୀ ନକରି ନିଜ ପାଖରେ ରଖାଯାଇଛି । ଦେଖିବାକୁ ବାକି ରହିଲା ଏହା ପଛରେ କଣ ରହିଛି ବ୍ଲକ ପ୍ରଶାସନର ଉଦେଶ୍ୟ?

# ରଥଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ



**ବାଲିପାଟଣା,୨୭।୬ (ସଂଚାର ବ୍ୟୁରୋ):** ବାଲିପାଟଣା ରେ ଶାନ୍ତି ଶୃଙ୍ଖଳାର ସହିତ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ରେ ଯଥା ସମୟରେ ପହଣ୍ଡି ହୋଇ ଠାକୁର ରଥ ରେ ବିଜେ କରିବା ପରେ ରାଜା ଭାବଗ୍ରାହୀ ଗୋଚ୍ଛାୟତ ଛେରା ପହଁରା କରିଥିଲେ। ପ୍ରାୟ ୫ ଘଟିକା ସମୟରେ ରଥ ବାଲିପାଟଣା ଛକ ରେ ପହଞ୍ଚିବା ପରେ ପହଣ୍ଡି ହୋଇ ଠାକୁର ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ମାହୁନ୍ତ ମାଗୁଣି ରଣା ଡାହୁକ ଗୀତ ଗାଇ ରଥ ଉପରୁ ଭକ୍ତ ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ପୂଜକ ବଳରାମ ପଣ୍ଡା,ମୁଦିରଥ ଗୁରୁ ପ୍ରସାଦ ମିଶ୍ର,ସେବକ ଅଜୟ ହୋତା, ଅକ୍ଷୟ ସାହୁ,ଜୟନ୍ତ ଶିଶୁ,ହେମନ୍ତ ଜେନା ପ୍ରମୁଖ ଙ୍କ ସହିତ ବାଲିପାଟଣା ଛକ କମିଟି ର ଅଭିମନ୍ୟୁ ନାୟକ ହୋମ ରେ କର୍ତ୍ତା ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିତେନ୍ଦ୍ର ସାହୁ,ବିଶ୍ୱ ନାରାୟଣ ମହାନ୍ତି,ସଭାପତି ସୁରେଶ ମିଶ୍ର ,ସମ୍ପାଦକ ବୁଦ୍ଧନାଥ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ନିକଟସ୍ଥ ବନମାଳୀପୁର ସ୍ଥିତ ନୂଆସାହି, ଡେରାସାହି,ମାହୁଖଣ୍ଡା ରେ ମଧ୍ୟ ତିନି ଠାକୁରଙ୍କୁ ରଥାରୁଢ଼ କରି ଭକ୍ତବୃନ୍ଦ ରଥ ଟାଣି ଗୁଣ୍ଡିଚା ମନ୍ଦିର ରେ ପହଞ୍ଚାଇଛନ୍ତି।

● ଶିକ୍ଷାଅଧିକାରୀଙ୍କ ହାଇକୋର୍ଟ ଓ ଜିଲ୍ଲାପାଳଙ୍କ ଆଦେଶ ଅବମାନନା

# ବିଧାୟକଙ୍କୁ ଅଭିଯୋଗ



**ବେତନଟୀ, ୨୭।୬ (ସଂଚାର ବ୍ୟୁରୋ):** ଆଇନର ଉର୍ଦ୍ଧରେ କେହି ନାହିଁ । ଗଣତନ୍ତ୍ରର ରକ୍ଷା କବଚ ବିଚାର ବିଭାଗ। ହାଇକୋର୍ଟ ଆଦେଶ ଦେବାର ଚଉଦ ମାସ ବିତିଯାଇଥିଲେ ମଧ୍ୟ ମୟୂରଭଞ୍ଜ ଜିଲ୍ଲାଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ହାଇକୋର୍ଟ ଆଦେଶ କାର୍ଯ୍ୟକାରୀ ନ କରିବାରୁ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ, ପାଟଳିପୁରାର ଅବସର ପ୍ରାପ୍ତ ଶିକ୍ଷକ ଡ଼କ୍ଟର ରମାକାନ୍ତ ମହାନ୍ତ ବଡ଼ସାହି ନିର୍ବାଚନ ମଣ୍ଡଳୀ ର ବିଧାୟକ ସନାତନ ବିଜୁଳିଙ୍କ ଠାରେ ଅଭିଯୋଗ କରିଛନ୍ତି ଯେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆଳରେ ଅନେକ ମିଛ କଥା ଲେଖି ତାଙ୍କୁ ପ୍ରମୋସନ ଏବଂ ପୁରସ୍କାରରୁ ବଞ୍ଚିତ କରି ଅଯଥା ଅକଥନୀୟ ନିର୍ଯ୍ୟାତନା ଦେଉଛନ୍ତି । ଏଠାରେ ଉଲ୍ଲେଖ ନୀୟ ଯେ ଓଡିଶା ହାଇକୋର୍ଟ ଅର୍ଡର ନମ୍ବର ୨୩୪୩/୨୦୧୬ ତାରିଖ-୦୮.୦୪. ୨୦୨୫ରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି ନମ୍ବର-୯୦୫୮ ତାରିଖ-୧୭. ୦୭. ୨୦୧୪ ଏବଂ ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତାରିଖ-୦୨. ୦୮. ୨୦୧୬ରେ ଡ଼କ୍ଟର ରମାକାନ୍ତ ମହାନ୍ତର ଦୁଇଟି ଇନକ୍ରିମେଣ୍ଟ ବନ୍ଦ ଦଣ୍ଡକୁ ରଦ୍ଦ କରି ଦେଇଥିଲେ। ତେଣୁ, ତାଙ୍କର ଉଚିତ ପ୍ରାପ୍ୟ ବନ୍ଦ ଥିବା ଦୁଇଟି ଇନକ୍ରିମେଣ୍ଟ ତାଙ୍କୁ ପ୍ରଦାନ କରିବା ପାଇଁ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ଅଫିସ ଚିଠି ନମ୍ବର-କେସିଏସ୍‌ଏନ୍/ ୨୮/୨୦୨୪ତାରିଖ ୩୦. ୦୪. ୨୦୨୪ ଅନୁସାରେ ଜିଲ୍ଲା ଶିକ୍ଷା ଅଧିକରୀଙ୍କୁ ଅନୁରୋଧ କରିଥିଲେ ।

# ଆନ୍ତଃଜିଲ୍ଲା ବାଇକ ଚୋରି ର୍‍ୟାକେଟର ପର୍ଦ୍ଦାଫାସ

### ୯ ଦାମୀ ବାଇକ ଉଦ୍ଧାର, ୪ ଗିରଫ



**ଫୁଲବାଣୀ,୨୭।୬(ସଂଚାର ବ୍ୟୁରୋ):** ଏକ ଆନ୍ତଃଜିଲ୍ଲା ବାଇକ ଚୋରି ରାକେଟର ପର୍ଦ୍ଦାଫାଶ କରିଛି ଫୁଲବାଣୀ ଟାଉନ ଥାନା ପୁଲିସ। ୯ଟି ଦାମୀ ବାଇକ ଜବତ କରାଯିବା ସହ ୪ଜଣଙ୍କୁ ଗିରଫ କରାଯାଇଛି । ଜଣେ ନାବାଳକଙ୍କୁ ପଚରାଉଚରା କରାଯାଉଛି । ଅନ୍ୟ ଗିରଫମାନେ ହେଲେ ଟିକାବାଲି ଥାନା ବସ୍ତିଙ୍ଗିଆର ଦିଲ୍ଲୀପ କହଁର, ବାହାଡାପଦରର ବିକାଶ କହଁର, କଟିମାହାର ରୁଦ୍ର ମାଧବ ବଗର୍ତି ଓ ସଦର ଥାନା ତାଳପଡାର ଚନ୍ଦନ ଦିଗାଲ। ସୂଚନା ଅନୁସାରେ , ଗତ ୧୮ ତାରିଖରେ ଟାଉନ ଥାନା ଜିରିଙ୍ଗପଡ଼ା ଅଞ୍ଚଳର ସ୍ୱର୍ଣ୍ଣ ବେହେରା ତାଙ୍କ ବାଇକ ଚୋରୀ ହୋଇଥିବା ନେଇ ଥାନାରେ ଏତଲା କରିଥିଲେ। ପୁଲିସ କେଶ ନଂ ୨୩ରେ ଏକ ମାଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରୁ ତଥ୍ୟ ସଂଗ୍ରହ ଏବଂ ଯାଞ୍ଚ ପରେ ଦିଲ୍ଲୀପ ଏବଂ ରୁଦ୍ରଙ୍କୁ ଅଟକ ରଖିଥିଲା ପୁଲିସ। ଏମାନଙ୍କୁ ପଚରାଉଚରା ପରେ ଏହା ପଛରେ ଏକ ରାକେଟ କାମ କରୁଥିବା ଜଣା ପଡିଥିଲା। ମିଳିଥିବା ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ୯ ଟି ଚୋରା ବାଇକ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ନାବାଳକକୁ ପଚରାଉଚରା କରିବା ସହ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରିଥିଲା। ଏହି ବାଇକ ଗୁଡିକ ଫୁଲବାଣୀ ସହ ଗଞ୍ଜାମ, ଖୋର୍ଦ୍ଧା ଓ ଭୁବନେଶ୍ୱରରୁ ଚୋରୀ କରାଯାଇଥିବା ପୁଲିସ କହିଛି। ଗିରଫ ନାବାଳକ ଏହି ରାକେଟର ମାଷ୍ଟରମାଇଣ୍ଡ ଏବଂ ତାଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର, ଇନଫୋସିଟି, ଲକ୍ଷ୍ମୀସାଗର ଓ ଖାରବେଳ ନଗର ଥାନାରେ ଅଭିଯୋଗ ରହିଥିବା ସ୍ଥାନୀୟ ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଅତିରିକ୍ତ ଏସପି ବିଭୂତି ଭୂଷଣ ମହାପାତ୍ର। ଗିରଫମାନେ ଏହାଛଡ଼ା ଅନେକ ବାଇକ ଚୋରୀରେ ସମ୍ପୃକ୍ତ ଥିବା ଏବଂ ଏ ସମସ୍ତ ବାଇକ ଜବତ କରିବା ପାଇଁ ପୁଲିସ ପ୍ରୟାସ ଜାରୀ ରଖିଥିବା ସୂଚନା ଦେଇଛନ୍ତି ଅତିରିକ୍ତ ଏସପି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ପି ସ୍ୱରୂପ କିଶନ ଉପସ୍ଥିତ ଥିଲେ।